ମଧୁବାବୁଙ୍କ
ଓଡ଼ିଆ କବିତା ଓ ଗୀତ

କଳାବିଜ୍ଞାନ ପରିଷଦ

Digitized by srujanika@gmail.com

ଉତ୍ସର୍ଗ

ଉତ୍କଳ-ଗୌରବ ମଧୁସୂଦନଙ୍କ
ପଟ୍ଟଶିଷ୍ୟ
ସ୍ୱାମୀ ଶ୍ରୀ ବଳଭାନନ୍ଦ ଦାସ,
ଆଡ୍‌ଭୋକେଟ୍ ଙ୍କ
କରକମଳରେ

Digitized by srujanika@gmail.com

ମଧୁବାବୁଙ୍କ କବିତା ଓ ବକ୍ତୃତା

କବିତା

ଜଣାଣ

(ଲକ୍ଷ୍ନୌ ଠୁଁ ରି)

(୧)

ଆହେ ବଶ୍ୱପତି ଘୁଞ୍ଚାଅ ବସ୍ତୁ ଭ୍ରାନ୍ତି
ଆଦ୍ୟମନ୍ତ୍ର ସଦା ଜପୁ ମୋର ମନ,
ଗର୍ଭେ ଥିବା ବେଳେ ପ୍ରତିଶ୍ରୁତି ହୋଇଲି
ମାତାଙ୍କ ସେବାରେ ଦେବ ମନ ପ୍ରାଣ । ୧ ।
ଜନ୍ମ ହୋଇଲଯାଁ ସ୍ତନ୍ୟଦାନ କର
ମାତା ମନ୍ତ୍ର ଦେଲେ "ପରମାର୍ଥେ ଜୀବନ",
ଶିଶୁକାଳ ବ୍ୟାପି ଥିଲି ମନ୍ତ୍ର ଜପି
ସେ ମନ୍ତ୍ର ଭୁଲିଲି ଲଭଣ ଯୌବନ । ୨ ।
ଆଶା ଥିଲା ମନେ ଦେଖିବ ଜୀବନେ
ଉତ୍କଳ-ମାତାର ସହାସ୍ୟ ବଦନ,
ସେ ଆଶା ଭୁଟିଲା ସ୍ୱପନ ଭାଙ୍ଗିଲା
ନ ଦେଖି ଉତ୍କଳେ କରତବ୍ୟ ଜ୍ଞାନ । ୩ ।

Digitized by srujanika@gmail.com

ଉତ୍କଳ ସନ୍ତାନ

("ଗୋବିନ୍ଦ ଚନ୍ଦ୍ରରେ" ଯୋଗୀ ଗୀତ ବୃତ୍ତେ)

(୨)

ତୁ ପର୍ ବୋଲୁଛ ଉତ୍କଳ ସନ୍ତାନ
ତେବେ କ୍ୟାଁ ତୁହ୍ନ ହୁଏ,
ତୋହ୍ନର ଜନମ ସ୍ୱେଦନ କର୍‌ଲେ
କହ୍ନବାକୁ କ୍ୟାଁ ଡରୁ । ୧ ।
ତୋ ପୂବ୍ ପୁରୁଷେ ବୀରପଣିଆରେ
ଲଭିଥିଲେ କେତେ ଖ୍ୟାତି,
ଦ୍ୱାକ୍ଷର ନକଟେ ଦୁଃଖ କହ୍ନବାକୁ
କ୍ୟାଁ ଥରେ ତୋର ଛାତି ? ୨ ।
ତୋ ପୂବ୍ ପୁରୁଷେ ଜନ୍ମ କରିଥିଲେ
ଗଙ୍ଗାଠାରୁ ଗୋଦାବରୀ,
ତାଙ୍କର ଔରସେ ଜନ୍ମ ହୋଇ ତୁହ୍ନ
କେଉଁ ଗୁଣେ ତାଙ୍କୁ ସର୍ ? ୩ ।
ବ୍ରତିନ ନବାସୀ ଅତୀବ ସାହସୀ
କାପୁରୁଷେ ଶ୍ରଦ୍ଧା ନାହିଁ,
ଶିଖ-ରାଜପୁତ ଯେ ମାନ୍ୟ ଲଭନ୍ତୁ
ତୋର ଭାଗ୍ୟେ ତାହା କାହିଁ ? ୪ ।
ତୁ ମନେ ଭାବୁଛୁ ଚତୋପାମୋଦ କର୍
ବଢ଼ାଇବୁ ଜାତି ମାନ,
ତୋପାମୋଦିଆର କୁକୁର ପ୍ରକୃତି
ଅଇଁଠା-ପତରେ ଧ୍ୟାନ । ୫ ।
ତୋପାମୋଦକାରୀ କ୍ଷିପ୍ର ଶ୍ୱାନ ପର
ସହଜେ ଚଢ଼ା ନ ଯାଏ,
ଉଦ୍ଭବ ଧର୍ ଗୋଡ଼ ଗୃହୁଁ ଗୃହୁଁ
ଚପ ଲେପି ଦେଇଥାଏ । ୬ ।
ତୋପମୋଦ ଅଟେ ଅନ୍ଧାର ଗୋହ୍ନରୀ
ସ୍ୱାର୍ଥ ତହିଁ ଲବ୍ଧ ବସେ,
ସରଳ ପଥିକ ବାଟରେ ଭେଟିଲେ
ଅକାଡରେ ତାକୁ ନାଶେ । ୭ ।

Digitized by srujanika@gmail.com

ଜାତିର ଉନ୍ନତି ଦେବ କରେ ଭାଇ,
ସ୍ୱାର୍ଥକୁ ଜଗତ ମଣି,
ଗୋଦର ଗୋଡ଼ରେ ମାଉଁସ ଲୁଚିଲେ
ଦେହର କ ଶୁଭ ଗଣି ? ୮ ।
ଜାତିର ଉନ୍ନତି ସେ କାହିଁ କରିବ
ସ୍ୱାର୍ଥେ ଯାର ବ୍ୟସ୍ତ ମନ,
ଶାଗୁଣା ବଲ୍ଦଆ ଚକଯୁଜ ହେଲେ
ଶବ କ ପାଇବ ପ୍ରାଣ ? ୯ ।
ଜାତି ନବଘୋଷ ଚଳିବ କ ଭାଇ
ସ୍ୱାର୍ଥକୁ ସାରଥି କଲେ,
ଟାଣେ କରେ ଗାଡ଼ି ଦାନାର ଡୋବଡ଼ା
ଘୋଡ଼ା ମୁହେଁ ବନ୍ଧା ଥିଲେ ? ୧୦।
ସ୍ୱାର୍ଥର ବନଡା ଅଟେ ଡୋମ୍ବାମୋଦ
ଭଯୁ, ମିଥ୍ୟା ତାଙ୍କ ପୁନ୍ନ,
ରଜ୍ୟରେ ବପୁର୍ବ ନଷ୍ଟଯୁ ଘଟିବ
ବମାନେ ହେଲେ ବଲକ୍ଷ । ୧୧ ।
ଉଠ ରେ ଉଠ ରେ ଉତ୍କଳ ସନ୍ତାନ
ଉଠିବୁ ଛୁ କେତେ ଦନେ,
ପୁରବ ଗୌରବ ପୁରବ ସାହସ
ପଡ଼ିବ କ କେବେ ମନେ । ୧୨ ।
ଡୋହ୍ନର ଜନମା ବୀରପ୍ରସବମା
ଧୂଳରେ ପଡ଼ିଛୁ ଦେଖ,
ଜନ ସମାଜରେ ଏ ମହା ମଧ୍ୟରେ
କପର ଦେଖାଉ ମୁଖ । ୧୩ ।
ଡୋ ପୁଣ୍ଡ ପୁରୁଷେ ସ୍ୱର୍ଗଧାମେ ଥାଇ
ଭୋଗୁଛନ୍ତ ମନସ୍ତାପ,
ତାଙ୍କର ଜୀବନ କରି ବସ୍ମରଣ
କରୁଛୁ ତୁ ମହାପାପ । ୧୪ ।
ଡୋଷାମୋଦ ଛଡ଼ ସ୍ୱାର୍ଥ ପରହର
ସତ୍ୟକୁ ଆଶ୍ରଯୁ କର,
ଦୁଇଦନ ପରେ ସ୍ୱାଧୀନ ରଙ୍କରେ
ମଙ୍ଗଳ ହୋଇବ ତୋର । ୧୫ ।

Digitized by srujanika@gmail.com

ଜନନୀର ଉକ୍ତି

(୩)

ମାଡ଼ା ମାଡ଼ା ରବ ବନ୍ଦୁକ ଫୋଲ୍ଲା
ଦୂରରୁ ଶୁଣିଛି ମୁହିଁ,
ଦୂରରୁ ଶବଦ ପବନ ଆଣୁଛି
ନିକଟରେ କେହି ନାହିଁ । ୧ ।
ଗର୍ଭେ ଧରିଥିଲି ଶତ କର୍ମବୀର
ସେମାନେ ଡାକିଲେ ନାହିଁ,
ବାକ୍ୟବୀରଙ୍କର ରବ ଶୁଣୁଅଛି
କର୍ମବୀରେ ଗଲେ କାହିଁ ? ୨ ।
ଏକ ପୁତ୍ର ମୋର ମାଳାଚଳ ଧାମେ
ଉଡ଼ାଇଲା ମୋର ଧ୍ୱଜା,
ସମସ୍ତ ଭାଇଙ୍କୁ ଡୋଳେ ବସାଇଲା
ଭେଦ ନାହିଁ ରାଜା ପ୍ରଜା । ୩ ।
ଇତିହାସ ଭୁରି ଜଗତେ ଘୋଷୁଛି
ମୋର ସୁତଙ୍କର ଯଶ,
ତାଙ୍କର ବଂଶଜ ଘୃଣିତ ଓଡ଼ିଆ
ଏହା ମୋ କପାଳ ଦୋଷ । ୪ ।
ବନ୍ଦୁ ଜାଲ ଧରି ରୋଦନ କରୁଛି
ନୟନକୁ ଦିଶୁ ନାହିଁ,
ମୋହର ସନ୍ତାନ କାଉକି ଆସିଲେ
ଅଶ୍ରୁଳ ଚକ୍ଷିବି ମୁହିଁ । ୫ ।
ନାହିଁ ମୋର ମାନ ନାହିଁ ମୋର ଧନ
ବଦନେ ଲୁଚିଛି ଧୂଳି,
ବୀରପ୍ରସବିନୀ ଶୋଣିତ ରହିଛି
ତୋ ଶିରରେ ଦେବ ଢାଳି । ୬ ।
ସେ ଶୋଣିତ ବଳେ ବୁଦ୍ଧିର କୌଶଳେ
ହେଉ ତୁମ୍ଭ କର୍ମବୀର,
ଅତି ଅଳ୍ପ ଦିନେ ପ୍ରଭୁଙ୍କ କୃପାରେ
ତୋର ଦୁଃଖ ହେବ ଦୂର । ୭ ।

Digitized by srujanika@gmail.com

ସନ୍ତାନର ଉକ୍ତି

(୪)

ମାଆ ମାଆ ବୋଲ କେତେ ମୁଁ ଖୋଜିଲ
ମାଆକୁ ପାଇଲ ନାହିଁ,
ଭାଇ ଭାଇ ବୋଲ କେତେ ମୁଁ ଡାକିଲ
ନ ଦେଲେ ଉତ୍ତର କେହି । ୧ ।
ଖୋଜିଲି ଅରଣ୍ୟେ ଜନସମାଜରେ
ଖୋଜିଲ ବାରିଧି ତଟ,
ସବଂଶ ଦେଖିଲି ମାତା ପଦତଳ
ନ ହେଲୁ ମାତାର ଭେଟ । ୨ ।
ଭୁବନେଶ୍ୱରୀଙ୍କ ପଦତଳ ପରେ
"ଲେଖା ଅଛୁ ରଜରାଣୀ",
ନୀଳାଚଳ ଧାମେ ପୂଜା ହେଉଅଛି
ହଦ୍‌ଜାତ ମଥା-ମଣି । ୩ ।
ଶୁଣିଅଛୁ ଶାସ୍ତ୍ରେ ସତୀ ଅପମାନେ
ଧରି ଦୁଏ ବଦାରଣ,
ଅପମାନ ହେତୁ ସୀତା ଦେବୀଙ୍କର
ମହୀ ହୁଦେ ବାସ ।ନ । ୪ ।
ଅପମାନ ହେତୁ ଜନନୀ ମୋହର
ଉତ୍କଳ ଭୂମଧ୍ୟବାସୀ,
ଉତ୍କଳର ମାଟି ପବନ ହୋଇଛୁ
ସ୍ୱର୍ଗାଦପି ଗରୀୟସୀ । ୫ ।
ଜନନୀର ଦେଖା କରିବାରେ ଇଚ୍ଛା
ଯଦି ହୋଇଥାଏ ମନେ,
ଉତ୍କଳର ମାଟି ଆଲିଙ୍ଗନ କର
ତା ଧୂଳି ଲେପ ବଦନେ । ୬ ।
ବୀରପ୍ରସବିନୀ କୋଟି ସୁତ ମାତା
ପାଇବ କି ଦରଶନ ?
ମୋ ଭଳି ନଗୁଣ ଧନ-ମାନ-ହୀନ
ସନ୍ତାନ କଲେ ସ୍ୱେଦନ । ୭ ।

Digitized by srujanika@gmail.com

କୋଟିଏ ସନ୍ତାନ ଗୋଟିଏ ସ୍ୱରରେ
'ଜନନୀ' 'ଜନନୀ' ଡାକ,
ବ୍ରହ୍ମାଣ୍ଡରେ ଜାଡର ଗଗନକୁ ଗୃହ
ଯେସନେ ଡାକେ ବୃଡକ । ୮ ।
ଧନ, ମାନ, ଜନ ଯାହା ଉପାର୍ଜନ
କରଅଛ ଧରାତଳେ,
ହରଷିତ ମନେ କରତବ୍ୟ ଜ୍ଞାନେ
ଆଣିବଅ ଯଜ୍ଞସ୍ଥଳେ । ୯ ।
ଲାଭ ପ୍ରେମ-ବର୍ତ୍ତି ପ୍ରଜ୍ୱଳିତ କର
ସ୍ୱାର୍ଥକୁ ଦଅ ଆହୁତି,
'ସ୍ୱାର୍ଥମେଧ ଯଜ୍ଞ' ଗୃହ ଆଙ୍ଗେ ନାଚ
ଗ୍ଲାନିକୁ ମିଶାଇ ଗ୍ଲାନି । ୧୦ ।
ଭୂମ୍ନଜନ୍ମ ଦେବ ଧରଣୀ ଫାଟିବ
ଉଠିବେ ସହସ୍ରଭୁଜା,
ସେହ ତୋର ମାତା, ସେହ ତୋର ଭାତା,
କର ସେହ ପଦ ପୂଜା । ୧୧ ।

Digitized by srujanika@gmail.com

ସମ୍ମିଳନୀ

(୫)

ଗଙ୍ଗା ଗୋଦାବରୀ ଯମୁନା କାବେରୀ
ପୂଜା ପାଇ ନାନା ଘାଟେ
ଛଡ଼ ନଜ ମାନ ଲୋଡ଼ ଜାତି ପ୍ରାଣ
ପ୍ରବେଶିଲେ ସିନ୍ଧୁତଟେ ।
କୋଟି ଜଳବନ୍ଧୁ ମିଶି ହୋଇ ସିନ୍ଧୁ
ଦେଖାଉଛୁ ଜାତି ବଳ,
ତଟ ସୀମା ଲଙ୍ଘି ପରବତ ଭାଙ୍ଗି
ନାଚୁଛୁ ତରଙ୍ଗମାଳ ।
ଦେଖି ଦେବଗଣ ଜାତୀୟ ଜୀବନ
ଛଡ଼ ନଜ ଗର୍ବ ମାନ,
ସିନ୍ଧୁରେ ମିଶିଲେ ଉଲ୍ଲାସେ ନାଚିଲେ
ଲଭି ନୂଆ ଜାତି ପ୍ରାଣ ।
ନଜର ଜୀବନ ଜାତିକୁ ଅର୍ପଣ
କଲେ ମିଳେ ଜାତି ପ୍ରାଣ,
ଜାତୀୟ ଜୀବନ ନ ମିଳବ କଲେ
ହାଟେ ବାଟେ ଅନ୍ୱେଷଣ ।
ପତିବ୍ରତା ସତୀ ପତିର ମିଳନ
ଲଭିବା ଆଶାରେ ପୋଡ଼େ,
ଜାତିର ମିଳନ ଲଭିବା ଆଶାରେ
ତୋର ପ୍ରାଣ କାଁ ଡରେ ?
ଏହି ସମ୍ମିଳନୀ ଜାତି ପ୍ରାଣସିନ୍ଧୁ
କୋଟି ପ୍ରାଣବନ୍ଧୁ ଧରେ,
ତୋର ପ୍ରାଣବନ୍ଧୁ ମିଶାଇ ଦେ, ଭାଇ
ଡେଇଁପଡ଼ ସିନ୍ଧୁ ନୀରେ ।
ତରଙ୍ଗ ଉଠିବ ସିନ୍ଧୁ ଗରଜିବ
ଶୁଣିବୁ ସିଂହର ରବ,
ବ୍ରିଟୀଶ ରାଜ୍ୟରେ ଓଡ଼ିଆ ଜାତିର
ବଢ଼ିବ ମାନ ଗୌରବ ।

Digitized by srujanika@gmail.com

ଜାତି ଇତିହାସ

(୬)

ଜାତି ଇତିହାସ ଜାତିର ନଶ୍ୱର
ଉହୁଁ ବହେ ସଦା ଜାତି ପ୍ରାଣଧାର,
ସେ ଧାରୁରୁ ନାର ପିଉଛି ଯେ ନର,
ନିସ୍ତେଜ ହେବ ସେ ଜାତି ନିର୍ଦ୍ଦୀର ।

କଳ କଳ ରବେ ଛୁଟିଛି ସେ ଧାର
ଅଟ୍ଟାଳ କାରତ ଗାଇ ନିରନ୍ତର,
ଭୀମ କାରତର ହୃଦୟେ ନାଚୁଛି,
ଯଥା ଚନ୍ଦ୍ରୋଦୟେ ନାଚେ ରତ୍ନାକର ।

ଧାର ମଧ୍ୟେ ବଜେ ମୋହନୀ ପ୍ରତିମା
ଦେଖ ଦେଖ ସେହ ଜନନୀ ତୋହର,
କାନ ତୋର ଶୁଣ ମାତା କହୁଛନ୍ତି,
ଆସ ଆସ ବତ୍ସ, ନୀର ପାନ କର ।

ଏହି ନୀର ସେବ ବୀର ମୋ ସନ୍ତାନେ,
ବୀରପ୍ରସବିନୀ କ୍ଷୀର ଏହ ନୀର,
ଛଡ଼ ରେ ଆଳସ୍ୟ ବଢ଼ାଅ ସାହସ,
ଜାତି-ନନ୍ଦଘୋଷ କର ଅଗ୍ରସର ।

Digitized by srujanika@gmail.com

ଏ ଭବେ ପାଇବ କାହିଁ ?

(୭)

ପ୍ରେମର ଚୁମ୍ବନ ଯାହାକୁ ବୋଲନ୍ତି
ଏ ଭବେ ପାଇବ କାହିଁ ?
ସ୍ୱର୍ଗର ଲତିକା ସେପିଥିଲେ ଯେବେ
ମାନବେ ଚହିଁଲେ ନାହିଁ ।

ବାରିଧିର ଜଳ ଚନ୍ଦ୍ରମାମୂରତ୍ତି
କୋଳରେ ଦୋଳାଇ ନାଚେ,
କନ୍ତୁ କଳା ମେଘ ଗଗନେ ଦେଖିଲେ
ଚନ୍ଦ୍ରମା ଭୟରେ ଲୁଚେ ।

ପ୍ରେମ ଚୁମ୍ବନର ଏ ଦୁହେଁ ଲକ୍ଷଣ
ପ୍ରେମବନ୍ଧ ଛିଣ୍ଡେ କାହିଁ ?
ପ୍ରେମର ମିଳନ ଦୁଧ ପାଣି ପରି
ଆଉ ଛଡ଼ାଛଡ଼ି ନାହିଁ ।

ଫୁଲରୁ ସୁଗନ୍ଧି ପାଇବା ଲୋଭରେ
ଭ୍ରମର ତ ପାଖେ ଝଡ଼େ,
କନ୍ତୁ ଭ୍ରମରକୁ ଚୁମ୍ବିବା ଆଶାରେ
ଫୁଲ କ ଡା ସ୍ଥାନ ଛଡ଼େ ।

ରବିର ହୃଦୟୁ ଆକାଶେ ଦେଖିଲେ
କମଳ ଡା ଆଖି ମେଲେ,
କନ୍ତୁ କମଳକୁ ଛୁଇଁ ଜ୍ଞାନ କରି
ରବି ଯାଏ ଅସ୍ତାଚଳେ ।

ପ୍ରୀତିର ମିଳନ ଦୂରୁ ଆକର୍ଷଣ
ଚୁମ୍ବନ ତ ସଂଘର୍ଷଣ,
ସଂଘର୍ଷଣ ହେଲେ ହୃତାଶନ ଜଳେ
ଦାହିବାକୁ ମନ ପ୍ରାଣ ।

Digitized by srujanika@gmail.com

ଏ ଭବେ ପାଇବ କାହିଁ ?

(୭)

ପ୍ରେମର ଚୁମ୍ବନ ଯାହାକୁ ବୋଲନ୍ତି
ଏ ଭବେ ପାଇବ କାହିଁ ?
ସ୍ୱର୍ଗର ଲଭିଲ ସେପିଥିଲେ ଦେବେ
ମାନବେ ଚର୍ଚ୍ଚିଲେ ନାହିଁ ।

ବାରିଧିର ଜଳ ଚନ୍ଦ୍ରମାମୂରତ୍ତି
କୋଳରେ ଦୋଳାଇ ନାଚେ,
କନ୍ତୁ କଳା ମେଘ ଗଗନେ ଦେଖିଲେ
ଚନ୍ଦ୍ରମା ଭୟରେ ଲୁଚେ ।

ପ୍ରେମ ଚୁମ୍ବନର ଏ ଦୁଇ ଲକ୍ଷଣ
ପ୍ରେମବନ୍ଧ ଛୁଣ୍ଡେ କାହିଁ ?
ପ୍ରେମର ମିଳନ ଦୁଧ ପାଣି ପରି
ଆଉ ଛଡ଼ାଛଡ଼ି ନାହିଁ ।

ଫୁଲରୁ ସୁଗନ୍ଧ ପାଇବା ଲୋଭରେ
ଭ୍ରମର ତ ପାଖେ ଝଡ଼େ,
କନ୍ତୁ ଭ୍ରମରକୁ ଚୁମ୍ବିବା ଆଶାରେ
ଫୁଲ କଢା ସ୍ଥାନ ଛଡ଼େ ।

ରବିର ହୃଦୟ ଆକାଶେ ଦେଖିଲେ
କମଳ ତା ଆଖି ମେଲେ,
କନ୍ତୁ କମଳକୁ ଛୁଇଁ ଜ୍ଞାନ କରି
ରବି ଯାଏ ଅସ୍ତାଚଳେ ।

ପ୍ରୀତିର ମିଳନ ମୂଳରୁ ଆକର୍ଷଣ
ଚୁମ୍ବନ ତ ସଂଘର୍ଷଣ,
ସଂଘର୍ଷଣ ହେଲେ ସୃଜାଶନ ଜଳେ
ଦାହିବାକୁ ମନ ପ୍ରାଣ ।

Digitized by srujanika@gmail.com

ରବି ଦୂରେ ଥାଇ କରଣ ବଢ଼ରେ
ପ୍ରାଣ ଦାନ କରେ ଜୀବେ,
ରବିର ଚୁମ୍ବନ ହେଲେ ସଘଟନ
ବସୁଧା ସୃଷ୍ଟିବ ଭବେ ।

କଳା ମେଘ ହୋଇ ସୌଦାମିନୀ ହସେ
କବିବର ମନ ଡୋଳେ,
ଚପଳା ଆସିଲେ ଚୁମ୍ବନ କରିଲେ
ସମସ୍ତ ଅନ୍ଧାର ଦଳେ ।†

---

† ଏ କବିତାଟି ପୂର୍ବେ କୌଣସିଠାରେ ପ୍ରକାଶିତ ହୋଇ ନ ଥିଲା । ମଧୁବାବୁଙ୍କର ଜୀବଶ ପ୍ରତି ଶ୍ରଦ୍ଧା ଶ୍ରୀଯୁକ୍ତ ପାରେଶ୍ୱର ମହାନ୍ତି, ଏଡ୍‌ଭୋକେଟ ଏ ଜୀବନୀରେ ତାଙ୍କ ରଚିତ କବିତା ସମ୍ବଳିତ ହୋଇଥିବାର ଶୁଣି ଏହା ପ୍ରକାଶ ଲାଗି ପଠାଇ ଦେଇଥିବାରୁ ସେ ଧନ୍ୟବାଦାର୍ହ ।

Digitized by srujanika@gmail.com

ଓଡ଼ିଆ ବକ୍ତୃତା

ଉତ୍କଳ ସମ୍ମିଳନୀର ଉଦ୍ଦେଶ୍ୟ *

ଇଉରୋପରେ ନେଶାନ ଅର୍ଥାତ୍ ଜାତି ଶବ୍ଦ ଗୋଟିଏ ରାଷ୍ଟ୍ର ବା ଦେଶର ଲୋକସମୂହକୁ ବୁଝାଏ । ଇଉରୋପୀୟ ଜାତିସମୂହ ପରସ୍ପରଠାରୁ ଯେଉଁ ପରିମାଣରେ ବଭନ୍ନ, ଭାରତବର୍ଷର ପ୍ରାଦେଶିକ ଲୋକସମୂହ ସେହିପରି ନାନା ବିଷୟରେ ପରସ୍ପରଠାରୁ ପରିମାଣରେ ବଭନ୍ନ । ଏହି ହେତୁରୁ ଭାରତବର୍ଷରେ ଜାତୀୟତା ଏହି ଶବ୍ଦ ଗୋଟିଏ ବିଶେଷ ଅର୍ଥରେ ବ୍ୟବହୃତ ହେବାର ଦେଖାଯାଏ । ଏକ ଜାତିର କେତେକ ବ୍ୟକ୍ତି ସହିତ ଅନ୍ୟ ଏକ ଜାତିର କେତେକ ବ୍ୟକ୍ତିଙ୍କର ପରସ୍ପର ବିରୋଧ ଥିବାର ଦେଖାଗଲେ, ଲୋଭ ଭ୍ରମରେ ପଡ଼ି ବ୍ୟକ୍ତିଗତ ବିରୋଧକୁ ଜାତୀୟ ବିଦ୍ୱେଷରେ ପରିଣତ କରିବାକୁ ଚେଷ୍ଟା କରନ୍ତି । ଏହା ଦୁଇ ଜାତି ବା ସମାଜ ମଧ୍ୟରେ ମିଳଭାବ-ରକ୍ଷା-ପକ୍ଷରେ ଗୋଟିଏ ମହା ପ୍ରତିବନ୍ଧକ ଅଟେ । ଲୋକେ ଧୀରଭାବରେ ବିଚାର କଲେ ଯେତେଦିନ ଯାଏ, ଏହାପରି ବିଦ୍ୱେଷଭାବର ଉତ୍ତେଜନାରେ ଗଳିତ ହେଉଥିବେ, ସେପର୍ଯ୍ୟନ୍ତ ଦୁଇଜାତି ମଧ୍ୟରେ ମିଳଭାବ ବର୍ତ୍ତିତ ହେବା ଅସମ୍ଭବ । ଅତଏବ ଦୁଇଜାତି ବା ସମାଜ ମଧ୍ୟରେ ମିଳତା ବର୍ତ୍ତନ କରିବାପାଇଁ, ଦୃଢ଼ ନିବନ୍ଧ ସହିତ କୌଶଳୀ ଜାତୀୟ ଅନୁଷ୍ଠାନ କରିବା ଏକାନ୍ତ ଆବଶ୍ୟକ । ତାହାହେଲେ କେତେକ ବ୍ୟକ୍ତିମାନଙ୍କ ମଧ୍ୟରେ ବିରୋଧ ଥିଲେ ସୁଦ୍ଧା, ଦୁଇ ଜାତି ବା ସମାଜ ମଧ୍ୟରେ ବନ୍ଧୁଭାବ ସୁରକ୍ଷିତ ହୋଇ ଅବଚ୍ଛିନ୍ନ ରହି ପାରିବ ।

ବିଧାତା ଓଡ଼ିଶାର ଲୋକମାନଙ୍କୁ ଅନ୍ୟ ଯେଉଁ ଯେଉଁ ଜାତିମାନଙ୍କ ସଂସ୍ରବରେ ଆଣି ଅଛନ୍ତି, ସେମାନଙ୍କଠାରୁ ଉତ୍କଳୀୟମାନେ ବହୁ ଶିକ୍ଷା ଲାଭ କରିଅଛନ୍ତି ଏବଂ ଆହୁରି ଅନେକ ଶିକ୍ଷା ଲାଭ କରି ପାରିବେ । ବ୍ୟକ୍ତି ସମ୍ବନ୍ଧରେ ଯେପରି, ଜାତି ସମ୍ବନ୍ଧରେ ମଧ୍ୟ ସେହିପରି କର୍ତ୍ତବ୍ୟ ଯେ, ଯେ ଶିକ୍ଷାର୍ଥୀ ହେବ, ତାହାର ପ୍ରଥମେ ନିଜର ଅଭାବ ଓ ତ୍ରୁଟି ଜାଣିବା ଆବଶ୍ୟକ । ଅପର ସହିତ ଆପଣାର ସମ୍ବନ୍ଧ ଭଲରୂପେ ବୁଝି ନ ପାରିଲେ, ନିଜର ଦୋଷ ଓ ଅଭାବ ଉତ୍ତମରୂପେ ଜଣାପଡ଼େ ନାହିଁ । ଅତଏବ ଏକ ଜାତିର ଉନ୍ନତି ନମିତ୍ତ ଅପର ଜାତିର ସଙ୍ଗ ଆବଶ୍ୟକ ଏବଂ ପ୍ରସ୍ତାବିତ

---

*କଟକ କଳିକା ସାଜବାଟୀରେ ତା ୨୫-୧୦-୧୯୦୩ ରେ ଉତ୍କଳ ସମ୍ମିଳନୀ ଗଠନ ପୂର୍ବରୁ ତହିଁର ଉଦ୍ଦେଶ୍ୟ ବିଷୟରେ ଆଲୋଚନା ।

Digitized by srujanika@gmail.com

ଉତ୍କଳୀୟ ସାଂଜାତିକ ସଭା ସେହି ଜାତି ଅନୁସାରେ ପ୍ରତିଷ୍ଠିତ ହେବା ଉଚିତ । ଉକ୍ତ ମହାସଭାର ଓଡ଼ିଆ ଜାତି ଓ ସେଥି ସଙ୍ଗେ ଏକୀଭୂତ ଉତ୍କଳୀୟମାନେ କମନ୍ତ୍ରଣକାରୀ ଓ ଶିକ୍ଷାର୍ଥୀର ସ୍ଥଳାଭିଷିକ୍ତ ହେବେ ଏବଂ ଅନ୍ୟ ଜାତିର ଲୋକମାନେ କମନ୍ତ୍ରିତ ଅତିଥି ଏବଂ ମାନନୀୟ ଶିକ୍ଷକର ଆସନରେ ପ୍ରତିଷ୍ଠିତ ହେବେ । ବର୍ତ୍ତମାନ ଅବସ୍ଥାରେ ଦୋଷ ଦୋଷ ବରଂ ଅପେକ୍ଷ ଆତ୍ମନିର୍ଭରତା ସହ ଉଦ୍‌ଯୋଗ ଅଧିକ ଶ୍ରେୟସ୍କର । ଏହା ଜାଣି ଶାସନତନ୍ତ୍ରର ସମାଲୋଚନା ଓ ଧର୍ମବିଷୟକ ତର୍କାଦି ସମ୍ପୂର୍ଣ୍ଣରୂପେ ବର୍ଜନ କରିବା ଉଚିତ ।

Digitized by srujanika@gmail.com

ଉତ୍କଳ ସମ୍ମିଳନୀର ଏକ ପ୍ରସ୍ତାବ *

"ସଭାପତି ମହାଶୟ ଓ ଭାଇମାନେ ! ସଭାପତି ମହୋଦୟ ଆପଣଙ୍କ ବକ୍ତୃତାରେ କହିଅଛନ୍ତି ଯେ ଜାତୀୟ ଜୀବନ ଓ ଏକତାରେ ଭାରତରେ କାର୍ଯ୍ୟ କରିବା ଏ ଦୁଇଟି ଭିନ୍ନ କୌଣସି ଜାତି ଜନତା କରିଥିବାର ଦୃଷ୍ଟାନ୍ତ ଇତିହାସରେ ମିଳିଲା ନାହିଁ । ବ୍ୟକ୍ତିଗତ ଉଦାହରଣରୁ ଆମେମାନେ ବୁଝିପାରିବେ ଯେ, କ ଅବସ୍ଥାରେ ଜଣେ ମନୁଷ୍ୟ ଓ ଆଉ ଜଣେ ମନୁଷ୍ୟ ମଧ୍ୟରେ ପ୍ରୀତି ଏବଂ ବନ୍ଧୁତା ହୋଇପାରେ । ଦୁଇ ଶତ୍ରୁ ମଧ୍ୟରେ କଦାପି ବନ୍ଧୁତା ହୋଇ ନ ପାରେ । ସେହିପରି ଦୁଇଜାତି ମଧ୍ୟରେ ବନ୍ଧୁତା ହେଲେ ଉଭୟ ଜାତି ମଧ୍ୟରେ ଜୀବନ ଥିବାର ଆବଶ୍ୟକ । ଅର୍ଥାତ୍ ଉଭୟ ଜାତିରେ ଜାତୀୟ ଜୀବନ ଥିବାର ଦରକାର । ମୁଁ ଅନ୍ୟ ଜାତିଙ୍କ ବିଷୟରେ କିଛି ତ ଏଠାରେ କହିବାକୁ ଇଚ୍ଛା କରୁ ନାହିଁ । କାରଣ ମୁଁ ଆମ୍ଭମାନଙ୍କୁ ଭାରତୀୟ ସମସ୍ତ ଜାତିଙ୍କ ଅପେକ୍ଷା ଅଶିକ୍ଷିତ, ମୂର୍ଖ ଓ ଅସଭ୍ୟ ବୋଲି ଗଣନା କରେଁ ଓ ଅନ୍ୟ ଜାତିମାନଙ୍କୁ ଆମ୍ଭମାନଙ୍କ ଜାତିର ଜ୍ୟେଷ୍ଠଭ୍ରାତା ସ୍ୱରୂପ ଜ୍ଞାନ କରେଁ । ଯାହାଙ୍କୁ ମୁଁ ଜ୍ୟେଷ୍ଠ ଭାଇ ବୋଲି ଜ୍ଞାନ କରେ ସେ ପିତା ତୁଲ୍ୟ । ତାହାଙ୍କର ନ୍ୟାୟ, ଅନ୍ୟାୟ ବଚାର କରିବା, ତାଙ୍କ କାର୍ଯ୍ୟର ଦୋଷାଦୋଷ ଆଲୋଚନା କରିବାର କ୍ଷମତା ମୋର କିମ୍ବା ମୋର ଜାତିର ନାହିଁ । ସେମାନଙ୍କ କଥା ଛାଡ଼ । ପ୍ରଥମେ ଆମ୍ଭ ଜାତିକଥା ଧରିବାକୁ ଗଲେ ମୁଁ ଉପସ୍ଥିତ ଉତ୍କଳୀୟ ଭାଇମାନଙ୍କୁ, ପଚାରୁଛି—

"ଆମ୍ଭମାନଙ୍କର ଜାତୀୟ ଜୀବନ ଅଛି କି ? ଜାତି ଜାତି ମଧ୍ୟରେ ଭିନ୍ନ ହେବା ନିମନ୍ତେ ଜାତୀୟ ଜୀବନର ଆବଶ୍ୟକ । ଆମ୍ଭମାନଙ୍କ ମଧ୍ୟରେ ଯେଉଁ ଜୀବନ ପରିଲକ୍ଷିତ ହୁଏ ତାହା ବ୍ୟକ୍ତିଗତ ଜୀବନ । ବ୍ୟକ୍ତିଗତ ଜୀବନ କ୍ଷଣସ୍ଥାୟୀ; ତାହା କାଲି ଶ୍ମଶାନରେ ଶେଷ ହେବ । ଶରୀର ଅଭ୍ୟନ୍ତରରେ ଯେଉଁ ଆତ୍ମା ବିଦ୍ୟମାନ ତାହା ଈଶ୍ୱରଙ୍କ ନିକଟରେ ପହୁଞ୍ଚିବ । ତଳେ ପାର୍ଥିବ ଜୀବନର ଆକର୍ଷଣ ଶକ୍ତି ଅର୍ଥାତ୍ ମୋର ସ୍ତ୍ରୀ, ମୋର ଅପତ୍ୟ, ମୋର ସମ୍ପତ୍ତି ଏବଂ ଭୂତ ପାର୍ଥିବ ଜିନିଷଗୁଡ଼ିକ ମୋତେ ପ୍ରତିକ୍ଷଣ ତଳକୁ ଓହାରୁଅଛି । ଉପରେ ସ୍ୱର୍ଗୀୟ ଜୀବନର ଆକର୍ଷଣ ଶକ୍ତି, ଅର୍ଥାତ୍ ମୋର ପରମାତ୍ମା, ମୋର ଅନନ୍ତ ବିଶ୍ରାମ ସ୍ଥାନ ମୋତେ ସର୍ବଦା ଉପରକୁ ଟାଣୁଅଛି । ଚତୁଃପାର୍ଶ୍ୱରେ ଅନ୍ୟାନ୍ୟ

---

*କଟକ ଭିକାପଡ଼ାରେ ୧୯୦୪ ମସିହା ଅସ୍ତମ୍ବର ୨୮ ତାରିଖରେ ଉତ୍କଳ ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ପ୍ରଥମ ଦିବସ ପ୍ରସ୍ତାବ ସମ୍ବନ୍ଧରେ ବକ୍ତୃତା ।

Digitized by srujanika@gmail.com

ଜାତି ଓ ସମାଜ ବିଦ୍ୟମାନ । ସେହି ଜାତି ଓ ସମାଜମାନଙ୍କ ସଙ୍ଗେ ଜୀବନ ମିଳାଇ ଆଳାପ କରିବା ଆମ୍ଭମାନଙ୍କର ଗୋଟିଏ ପ୍ରଧାନ କର୍ମ । ଜାତୀୟ ଜୀବନ ପ୍ରତିଷ୍ଠିତ ହେଲେ ଜାତି ଜାତି ମଧ୍ୟରେ ସଦ୍ଭାବ ହେବ । ଜାତି ଜାତି ମଧ୍ୟରେ ଯେଉଁ ସଦ୍ଭାବ ତହିଁର ବିଚ୍ଛେଦ ହେବ ନାହିଁ, କିନ୍ତୁ ବ୍ୟକ୍ତିଗତ ସଦ୍ଭାବ ଚିରସ୍ଥାୟୀ ନୁହେଁ, ତାହା କ୍ଷଣଭଙ୍ଗୁର । କେହି କେହି ଏପରି ବିଚାର କରନ୍ତି ଯେ ଜାତୀୟ ସଦ୍ଭାବ ହେଲେ ବ୍ୟକ୍ତିଗତ ଅସଦ୍ଭାବ ରହିବ ନାହିଁ । ଏମନ ବିଚାର ଭ୍ରାନ୍ତି-ମୂଳକ । ଜାତୀୟ ଜୀବନ ପ୍ରତିଷ୍ଠିତ ହେଲେ ସୁଦ୍ଧା ଜାତି ମଧ୍ୟରେ ବ୍ୟକ୍ତିଗତ ବିବାଦ ସମ୍ଭବେ ଲୋପ ପାଇବା ଅସମ୍ଭବ । ଏପରି କେହି ମନେ କରିବେ ନାହିଁ ଯେ, ଉକ୍ତ କାରଣରେ ଜାତୀୟ ଜୀବନ ପ୍ରତିଷ୍ଠିତ ହୋଇ ତହିଁର ମୂଳଦୃଆ ଦୃଢ଼ ହେଲେ ଆମ୍ଭ ଦେଶରେ ବ୍ୟକ୍ତିଗତ ବିବାଦ ଆଦୌ ରହିବ ନାହିଁ ଓ ଅଦାଲତ ଗୁଡ଼ିକ ଉଠିଯିବ । ବ୍ୟକ୍ତିଗତ ଜୀବନରେ ଅସଦ୍ଭାବ ଥାଲେ ସୁଦ୍ଧା ଜାତୀୟ ସଦ୍ଭାବରେ କିଛି ଅଭାବ ଘଟିବ ନାହିଁ । ମୁଁ କୌଣସି ଶିକ୍ଷିତ ଓ ପଦସ୍ଥ ଉତ୍କଳୀୟଙ୍କ ଠାରୁ ତଳଲିଖିତ ମର୍ମରେ ଚିଠି ପାଇଅଛି—

"ମୋ ସଙ୍ଗେ ଆପଣଙ୍କ ମନ ମିଳିଲା ନାହିଁ, ଅତଏବ ମୁଁ ସମ୍ମିଳନୀରେ କାର୍ଯ୍ୟ କରି ପାରିବ ନାହିଁ ।" ଏଥିର କାରଣ ଆମ୍ଭମାନଙ୍କର ଜୀବନର ଅଭାବ । ଜାତୀୟ ଜୀବନ ଗଠିତ ହେଲେ ବ୍ୟକ୍ତିଗତ ଭାବରେ ଅସଦ୍ଭାବ ଥିଲେ ସୁଦ୍ଧା ଜାତୀୟ ଅନୁଷ୍ଠାନରେ ସମସ୍ତେ ମିଳି ମିଶି କାର୍ଯ୍ୟ କରିପାରିବା ଏଥିରେ ସନ୍ଦେହ ନାହିଁ । ଏଠାରେ ଆପଣମାନଙ୍କୁ ଗୋଟିଏ ଉଦାହରଣ ଦେବାକୁ ଇଚ୍ଛା ହେଉଅଛି ।

ପ୍ରଥମେ ଆକାଶରୁ କ୍ଷୁଦ୍ର ଜଳବିନ୍ଦୁ ପୃଥିବୀ ଉପରେ ପଡ଼େ । ତହିଁରେ ଜଳବିନ୍ଦୁଗୁଡ଼ିକ ଏକତ୍ରିତ ହୋଇ ଗୋଟିଏ ଜଳଧାରା ହୋଇ ତଳକୁ ବହିଯାଏ । ଏହିପରି କେତେଗୁଡ଼ିଏ ଜଳଧାରା ମିଶି ଗୋଟିଏ ନାଳରେ ପରିଣତ ହୁଏ । ଏହିପରି କେତେଗୁଡ଼ିଏ ନାଳ ନଦୀରେ ପରିଣତ ହୋଇ ତଳକୁ ବହିଯାଏ ଓ ଶେଷରେ ସମୁଦ୍ରରେ ଯାଇ ପଡ଼େ । ଆମ୍ଭେମାନେ ଦେଖନ୍ତୁ, ସବୁ ସ୍ଥଳରେ ସବୁ ଅବସ୍ଥାରେ ଜଳ ନିଜର ଜାତୀୟ ଗୁଣକୁ ଧାରଣ କରି ନିଜର ଜାତୀୟ ଜୀବନର ଠିକ ରଖିଅଛି । ଜଳର ଜାତୀୟ ଗୁଣ ନିମ୍ନଗତି । ବିନ୍ଦୁ ଜଳରେ ସେହି ଗୁଣ ବିଦ୍ୟମାନ ଓ ମହାସମୁଦ୍ରରେ ମଧ୍ୟ ଜଳ ନିଜର ଜାତୀୟ ଗୁଣକୁ ଦୂରାଇ ପାରି ନାହିଁ । ଆମ୍ଭ ସମସ୍ତଙ୍କର ସର୍ବଦା ମନେ ରଖିବା ଉଚିତ ଯେ, ଆମ୍ଭମାନଙ୍କର ଜାତୀୟ ଜୀବନ ଅଛି । ସବୁ ଅବସ୍ଥାରେ ସବୁ କାଳରେ ସବୁ ସ୍ଥାନରେ ଆମ୍ଭେମାନେ ପ୍ରତ୍ୟେକେ ଜାତୀୟ ଜୀବନର ଠିକ ରଖି କାର୍ଯ୍ୟ କରିବା ଏକାନ୍ତ ଆବଶ୍ୟକ । ଆମ୍ଭମାନଙ୍କ ମଧ୍ୟରୁ ଯେବେ କେହି ଭ୍ରମରେ ପଡ଼ିଥାନ୍ତି, ସେ ଭ୍ରମ ଅତିଶୀଘ୍ର ସଂଶୋଧନ କରିବା ଏକାନ୍ତ ଆବଶ୍ୟକ ।

Digitized by srujanika@gmail.com

ଯେତେ କେହି ଜଣେ, ଓଡ଼ିଆ ଜାତିଙ୍କୁ ଗାଳିଦିଏ, ତାହାହେଲେ ତୁମ ମନରେ ରାଗ ହୁଏ କାହିଁକି ? ଏଥିର କାରଣ ନିରୂପଣ କରିବାକୁ ଗଲେ ସ୍ପଷ୍ଟ ଜଣାଯିବ ଯେ ଏହା ଜାତିୟ ଜୀବନର ଚିହ୍ନ । ଯେବେ ଜାତିୟ ଜୀବନର ଚିହ୍ନ ଆମ୍ଭମାନଙ୍କ ମଧ୍ୟରେ ଅଛି ତେବେ ଆମ୍ଭେମାନେ ପ୍ରତ୍ୟେକେ ଯେ କୌଣସି କାର୍ଯ୍ୟ କରୁ ସେଉଁଠାରେ ନିଜ ନିଜକୁ ସର୍ବପ୍ରଥମେ ଏହି ପ୍ରଶ୍ନଟି ପଚାରିବା ଆବଶ୍ୟକ "ମୋ କାର୍ଯ୍ୟଦ୍ୱାରା ମୋ ଜାତିର ହିତ ହେଉଛି କି ନାହିଁ ?" ମୁଁ ମିଥ୍ୟାବାଦୀ ହେଲେ କମ୍ବା ଶୋ'ସାମଦ କଲେ ଏହି ନଦୀରେ ମୋ ଜାତି ଭୁଗି ହେବ, ଏହା ପ୍ରତ୍ୟେକ ବ୍ୟକ୍ତିର ବୁଝିବା ଆବଶ୍ୟକ । ମୋତେ ଯେବେ ଜଣେ କୁବାକ୍ୟ କହିଛନ୍ତେବେ ମୁଁ ତାହାର ପ୍ରତିଉତ୍ତର କଲେ ତଦ୍ଦ୍ୱାରା ମୋ ଜାତିର ଗୌରବ ବୃଦ୍ଧି ହେବ କି ନାହିଁ ? ଜାତିର ମୂଲ୍ୟ ବଢିଲେ ଜାତିୟ ଲୋକେ ତାହାର ସୁଫଳ ଭୋଗ କରିବେ ଏଥିରେ ସନ୍ଦେହ ନାହିଁ । ଯାପାନ ଜାତିଙ୍କ ବିଷୟ ଆମ୍ଭମାନଙ୍କର ସଭ୍ୟପଢ ମହାଶୟ ତାହାଙ୍କର ବକ୍ତୃତାରେ କହିଅଛନ୍ତି । ଯାପାନ ଜାତିର ଉନ୍ନତିର ମୂଳମନ୍ତ୍ର କଅଣ ? "ମୋର ପ୍ରାଣ ଯାଉ, ଲକ୍ଷ ଯାପାନୀଙ୍କର ପ୍ରାଣ ଯାଉ, କିନ୍ତୁ ଯାପାନ ଜାତିର ମାନ ବୃଦ୍ଧି ହେଉ," ଏହି ଭାବ ପ୍ରତ୍ୟେକ ଯାପାନୀଙ୍କ ହୃଦୟରେ ନୃତ୍ୟ କରୁଅଛି । ଏହି ଭାବ ଯୋଗୁଁ ଆଜି ଯାପାନ ଜାତି ପୃଥିବୀରେ ସଦମ୍ଭ ପୂଜିତ ହେଉଅଛି । "ମୁଁ ଜନେ ମରିବି, ମୁଁ ଆଜି ମଲେ ମୋ ଜାତିର ମାନ ବୃଦ୍ଧି ହେବ, ମୋର ଦୁଇ-ପୁରୁଷଙ୍କର ମାନ ବୃଦ୍ଧି ହେବ ଓ ମୋର ସନ୍ତାନ ସନ୍ତତିମାନଙ୍କର ମାନ ବଢ଼ିବ," ଏହି ଭାବାପନ୍ନ ଲୋକଙ୍କୁ ନେଇ ଜାପାନ ଜାତି ଗଠିତ । ଜାତିର ମାନ ବୃଦ୍ଧି ସଙ୍ଗେ ସଙ୍ଗେ ଜଗତର ଚକ୍ଷୁରେ ସେ ଜାତିର ମୂଲ୍ୟ ବଢ଼ିଅଛି ଏଥିରେ ସନ୍ଦେହ ନାହିଁ । ଉଦାହରଣ ସ୍ୱରୂପ ଦେଖନ୍ତୁ ଯେ ଯାପାନ ଜାତି ଟଙ୍କା ଜରଜ ନେବାକୁ ବଙ୍କାପନ ଦେଲା ମାନେ ସମସ୍ତ ସଭ୍ୟଜାତି ତାଙ୍କୁ ଟଙ୍କା ଋଣ ଦେବାପାଇଁ ପ୍ରସ୍ତୁତ । ଏଥିର କାରଣ, ଜଗତର ଚକ୍ଷରେ ଜାପାନ ଜାତିର ମୂଲ୍ୟ ବଢ଼ିଅଛି । ଯେତେ-ବେଳ ପର୍ଯ୍ୟନ୍ତ ବ୍ୟକ୍ତିଗତ ଜୀବନକୁ ଜାତି ନିମନ୍ତେ ବଳି ଦେବାକୁ ଶିଖିନାହାନ୍ତି ସେତେବେଳ ପର୍ଯ୍ୟନ୍ତ ଜାତିୟ ଜୀବନ ଗଠିତ ହୋଇ ନାହିଁ ବୋଲି ଜାଣିବାକୁ ହେବ ଓ ତେତେବେଳ ଯାଏ ଜାତିୟ ଜୀବନର ମୂଲ୍ୟ ଲୋ ମାନେ ଜାଣି ନାହାନ୍ତି ବୋଲି କହିବାକୁ ହେବ । ଗୋଟିଏ ଦେଶୀ କୁକୁରକୁ ଆଦର ସହିତ ପୁଷ୍ଟିପୁଷ୍ଟି କରି ରଖନ୍ତୁ ଓ ତାକୁ ନେଇ ଗୋଟାଏ ବଲ୍ଦଂ। ଦେଖାଇ ଦିଅନ୍ତୁ, ଦେଖିବେ ଯେ ବଲ୍ଦଆଟି ଗିଜ୍କାର ହେଲା ମାତ୍ରକେ ଦେଶୀ କୁକୁରଟି ଲାଞ୍ଜ ଗୁଞ୍ଜି ଆପଣଙ୍କ ନିକଟକୁ ପଳାଇ ଆସିବ । କିନ୍ତୁ ଗୋଟିଏ ବଲ୍ଦଟା ତାହାଲ କୁକୁରଛୁଆ ଆଣନ୍ତୁ, ତାକୁ ଗୋଟାଏ ବାଘ ଦେଖାଇ ଦିଅନ୍ତୁ, ଦେଖିବେ ଯେ ତାହାଲ ଛୁଆଟି ନିର୍ଭୟଚିତ୍ତରେ ସହସ୍ର ବଳ ବାଘ ଆଡ଼କୁ ଛୁଟିଯିବ । ଯେବେ ସେ ତାହାଲ କୁକୁରଛୁଆଟି କଥା କହି ପାରୁଥାନ୍ତା, ତାହାର ଅସୀମ ସାହସିକ କାର୍ଯ୍ୟର କାରଣ ଆପଣ ତା'କୁ ପଚାରିଲେ ସେ ଏହିପରି ଜବାବ ଦିଅନ୍ତା—

Digitized by srujanika@gmail.com

"ମୁଁ ଜାଣେ ଯେ ମହାବଳ ବାଘକୁ ଆକ୍ରମଣ କରିବାକୁ ଯାଇ ମୁଁ ସେହି ବାଘ ଦ୍ୱାରାରେ ମରିବି । କିନ୍ତୁ ମୋର ଜାତିର ଗୁଣ ଓ ସାହସିକତା, ମୁଁ ମୋର ଜୀବନ ପ୍ରତି ମାୟା ରଖି ବାଘ ନକଟକୁ ନ ଗଲେ ମୋ ଜାତିର ମାନ ଓ ମର୍ଯ୍ୟାଦା କମିଯିବ । ମୁଁ ମରେ ପଛକେ କିନ୍ତୁ ଭାଦାଲ କୁକୁରର ଦାମ ମୋର ସାହସିକତା ଦ୍ୱାରା ବଢ଼ିବ; ଏଥିରେ ସେଦ୍ଦହ ନାହିଁ । ଏହି ଉଦାହରଣର ଅର୍ଥ ଏହା କି ଆମ୍ଭେମାନେ ସମସ୍ତେ କାମ କଲାବେଳେ ଥରେ ଆମ୍ଭମାନଙ୍କର ଭାବିବା ଉଚିତ ଯେ ମୋ କାର୍ଯ୍ୟଦ୍ୱାରା ମୋ ଜାତିର ମାନ ବଢୁଛି କି ନାହିଁ ? ଯେବେ ମୋତେ ଜଣେ କୁବାକ୍ୟ କହେ ଓ ମୁଁ ଯେବେ ଜାଣିପାରେ ଯେ ମୁଁ ସେ କୁବାକ୍ୟର ପ୍ରତ୍ୟୁତ୍ତର ନ ଦେଇ ଚୁପ୍ ରହିଲେ ମୋ ଜାତିର ମାନ ବଢ଼ିବ ଓ ମୋ ଜାତିର ଗମ୍ଭୀରତା ବଢ଼ିବ, ତାହାହେଲେ ଏପରି ସ୍ଥଳରେ ମୋର ନୀରବ ରହିବା ଏକାନ୍ତ କର୍ତ୍ତବ୍ୟ ।

ଦୋଷ ଗୁଣ ଦେଖିବା ସମ୍ବନ୍ଧରେ ମୋର ବକ୍ତବ୍ୟ ଏହି ଯେ ଯୋଡ଼ିଏ ଆଖିରୁ ଗୋଟିଏ ଆଖି ବନ୍ଦ କର ଓ ଗୋଟିଏ ଆଖି ଖୋଲି ରଖ । ବନ୍ଦ ଆଖିରେ ଅନ୍ୟ ଜାତିଙ୍କର ଦୋଷଗୁଡ଼ିକ ଦେଖ ଓ ଖୋଲା ଆଖିରେ ସେମାନଙ୍କର ଗୁଣ ଗୁଡ଼ିକ ନିରୀକ୍ଷଣ କର ଓ ସେହି ଗୁଣଗୁଡ଼ିକ ଶିକ୍ଷା କର । ସବୁ ବ୍ୟକ୍ତି ଓ ସବୁ ଜାତିଙ୍କଠାରେ ଅନୁକରଣ କରିବା ଯୋଗ୍ୟ ଅନେକ ଗୁଡ଼ିଏ ଗୁଣ ଅଛି । ମୋର ପୂର୍ବତନ ବକ୍ତା ଉତ୍ତମ ସାହେବ ମହାତ୍ମାଜି ଓ ପିମ୍ପୁଡ଼ିଙ୍କ ଉଦାହରଣ ଦେଇ ଯାହା କହିଅଛନ୍ତି, ସେଥିରୁ ଆପଣମାନେ ଦେଖି ପାରିବେ ଯେ ଷୁଦ୍ରପିପୀଲିକା ଓ ମଧୁ ମକ୍ଷିକାଙ୍କଠାରୁ ଆମ୍ଭମାନଙ୍କର ଅନେକ ଶିକ୍ଷା କରିବାର ବିଷୟ ଅଛି ।

ସୂର୍ଯ୍ୟ ନିର୍ବିକାରଭାବରେ ସବୁଠାରେ କିରଣ ବଢାଇ ଦେଉଅଛନ୍ତି । ସମୁଦ୍ରର ଲୁଣି ପାଣିରେ, ମିଶ୍ରି ସରବତ୍‌ରେ, ନର୍ଦ୍ଦମାରେ, ସବୁ ସ୍ଥାନରେ ତାଙ୍କ କିରଣ ପଡୁଛି । କିନ୍ତୁ ଆପଣମାନେ ଦେଖନ୍ତୁ ଯେ ସୂର୍ଯ୍ୟଙ୍କର କିରଣ ବିଶୁଦ୍ଧ ଜଳଠାରୁ ହାଣିନଏ ଓ ମଇଳା, ଦୁର୍ଗନ୍ଧ, ପଙ୍କ ଗୁଡ଼ିକ ଛଡ଼ାଯାଏ । ବିଶୁଦ୍ଧ ଜଳ ଗୁଡ଼ିକ ବାଷ୍ପ ରୂପରେ ହାଣିନଏ ଓ ସେହି ଟୁଡ଼ିକ ପୁନର୍ବାର ପୃଥିବୀରେ ସେଚନ କରେ । ଏଥିରୁ ଆମ୍ଭେମାନେ ଏହି ମହାଶିକ୍ଷା ପାଉଅଛୁଁ ଯେ ସବୁଠାରୁ ଦୋଷଟିକି ତ୍ୟାଗ କରି ଗୁଣଗୁଡ଼ିକ ଗ୍ରହଣ କର ।

ପରିଶେଷରେ ଏ ସମ୍ବନ୍ଧରେ ମୋର ବକ୍ତବ୍ୟ ଏହି କି ଉତ୍କଳ ଜନନୀ ଭାରତ ଜନନୀଙ୍କଠାରୁ ବିଚ୍ଛିନ୍ନ ନୁହନ୍ତି, ଭାରତ ଜନନୀଙ୍କର ସପତ୍ନୀ କନ୍ୟା ମଧ୍ୟ ନୁହନ୍ତି । ଭାରତ ଜନନୀଙ୍କର ପାଞ୍ଚ ଛଅ ଗୋଟି ପୁଅ । ଭିନ୍ନ ଭିନ୍ନ ଶିଶୁଙ୍କୁ ବିଭିନ୍ନ ପ୍ରକାର ପରିଚର୍ଯ୍ୟା ଆବଶ୍ୟକ । ଜନନୀ କୋଉଁ ଶିଶୁକୁ କ୍ରୋଡ଼ରେ ପୂରାଇ ମଧୁମୟୀ

Digitized by srujanika@gmail.com

ମ୍ନେହ ଚକ୍ଷୁରେ ସ୍ତନ୍ୟପାନ କରାଉଅଛନ୍ତି । କେଉଁ ଶିଶୁଙ୍କ ଦୁଷ୍ଟୁ ଚରିତ୍ରକୁ ଦମନ କରିବା ପାଇଁ ବେତ ଘାତ କରୁଅଛନ୍ତି । କେଉଁ ଶିଶୁଙ୍କୁ ନକାରେ ବସାଇ ଡାଙ୍କଠାରୁ ପରାମର୍ଶ ଗ୍ରହଣ କରୁଅଛନ୍ତି । ଅର୍ଥାତ୍ ଶିଶୁର ବଭିନ୍ନ ଅବସ୍ଥାରେ ଜନନୀ ବଭିନ୍ନ ରୂପ ଧାରଣ କରି ଦଣ୍ଡାୟମାନ ହେଉଅଛନ୍ତି । ଯେଉଁ ମଧୁମୟୀ ମୂର୍ତ୍ତିରେ ଜନନୀ ଶିଶୁକୁ ସ୍ତନ୍ୟଧାନ କରାନ୍ତି, ଉତ୍କଳ ଜନନୀ ଆଜି ସେ ସ୍ନେହମୟୀ ମୂର୍ତ୍ତିରେ ଅଜ ଆତ୍ମମାନଙ୍କ ସମ୍ମୁଖରେ ଏହି ସମ୍ମିଳନୀ ମଣ୍ଡପରେ ଉପସ୍ଥିତ ହୋଇ ଅଛନ୍ତି । ଏହି ମୂର୍ତ୍ତି ଭାରତମାତାଙ୍କର ଗୋଟିଏ ମୂର୍ତ୍ତିବଶେଷ । ଏହି ରୂପଟି ଭାରତମାତାଙ୍କର ଗୋଟିଏ ଅବତାର । ଏପର ସ୍ଥଳରେ ଉତ୍କଳମାତା ଭାରତମାତାଙ୍କର ସପତ୍ନୀ ନୁହନ୍ତି ।

ଏହି ସମ୍ମିଳନୀ ସଭାରେ ଉତ୍କଳୀୟ, ବଙ୍ଗୀୟ, ତେଲୁଗୁ, ରାଜପୁତ, ମାରୱାଡ଼ି ପ୍ରଭୃତି ବଭିନ୍ନ ଜାତୀୟ ପ୍ରତିନଧିମାନେ ଉପସ୍ଥିତ ହୋଇଅଛନ୍ତି । ଏହି ଯେବେ ଜାତୀୟ ଅନୁଷ୍ଠାନ ମଧ୍ୟରେ ଗଣ୍ୟ ନ ହେବ, ତେବେ କଂଗ୍ରେସ କଦାପି ଜାତୀୟ ଅନୁଷ୍ଠାନ ମଧ୍ୟରେ ଗଣ୍ୟ ହୋଇ ନ ପାରେ ।

ଯେଉଁ ସ୍ଥାନରେ ଲୋକମାନଙ୍କର ଯାହା ଯାହା ଆବଶ୍ୟକ, ଦେଶ, କାଳ, ପାତ୍ର, ବୟସ ଓ ଶିକ୍ଷା ଅନୁସାରେ ଅମ୍ମମାନଙ୍କୁ ସେହି ସେହି ବଷୟରେ ଉନ୍ନତ କରିବାକୁ ହେବ, ଯଦି ଦେଶର ଉନ୍ନତ କରିବାକୁ ଅନ୍ତର ସହିତ ଇଚ୍ଛା କର ତେବେ ଆପଣମାନଙ୍କୁ ମୁଁ ସ୍ଥିରଭାବରେ କହୁଅଛି, ଭାରତମାତାଙ୍କର ପବତ୍ର ନାମରେ ଉତ୍କଳ ଜନନୀଙ୍କର ସ୍ନେହମୟ ନାମ ଧରି ମୁଁ ଆପଣମାନଙ୍କୁ ପ୍ରାର୍ଥନା କରୁଅଛି ଯେ ଦେଶର ଉନ୍ନତି କରିବା ବେଳେ ଦେଶର ଗରିବ ଦୁଃଖୀଙ୍କୁ ଭୁଲ ନାହିଁ । ସମସ୍ତଙ୍କୁ ସଙ୍ଗେ ନେଇ ଦେଶର ଉନ୍ନତି କର । ଯେବେ ଶିକ୍ଷିତ ଲୋକ ଆପଣାକୁ ସାଧାରଣ ଅପେକ୍ଷା ଉଚ୍ଚତର ବୋଲି ଅହଙ୍କାର କରନ୍ତି ତାହା ହେଲେ ସେ ଅଧମ ଏବଂ ତାହାଙ୍କ ଶିକ୍ଷା ଶିକ୍ଷାପଦବାଚ୍ୟ ନୁହେଁ । ଏମାନଙ୍କୁ ଗୁଡ଼ି ଗୁମ୍ଫା ବକାଙ୍କା ସଭ୍ୟତା ସୋପାନରେ କଦାପି ଉଠି ପାରିବ ନାହିଁ । ଏପର ଅବହେଳାରେ ଈଶ୍ୱରଙ୍କର ତଥା ଭାରତ ମାତାଙ୍କର ଆଶୀର୍ବାଦ କଦାପି ପଡ଼ିବ ନାହିଁ । ଏହା ନଶ୍ଚିତ ।

Digitized by srujanika@gmail.com

ଲୁଗା ବୁଣିବା ବ୍ୟବସାୟ *

"ସଭାପତି ମହାଶୟ ଓ ଭାଇମାନେ ! ଏପୂର୍ବରୁ ଦୁଇ ଏକଜଣ କର୍ତ୍ତା ଏହି ସଭାରେ ଜାତୀୟ ବିବାଦ ସମ୍ବନ୍ଧେ କେତେକ କଥା କହିଅଛନ୍ତି । ମୁଁ କାଲି ଆପଣମାନଙ୍କୁ ଯାହା କହିଥିଲି ସୁନବାର ତାହା କହୁଅଛି ଓ ଜୀବନ ଥିବାଯାକେ କହିବି ଯେ "ବଙ୍ଗ ମାତା ଏବଂ ଉତ୍କଳ ମାତା ଏକ, ଭାରତ ମାତାଙ୍କର ବିଭିନ୍ନ ଅବତାର ମଧ୍ୟ ଏକ, ଭ୍ରମରେ ଯଦି କେହି ଏହାକୁ ଅନ୍ୟ ବିବେଚନା କରନ୍ତି ମୁଁ ଭରସା କରେଁ ସେହି ଭ୍ରମରେ କେହି ଉତ୍କଳୀୟ ପଡ଼ିବେ ନାହିଁ : ଭ୍ରମ ହେତୁରୁ ଚକ୍ଷି ନ ପାରିବା ହେତୁ, ଲବ କୁଶ ରାମ ଲକ୍ଷ୍ମଣଙ୍କୁ ହତ କରିଥିଲେ । ଆମ୍ଭଙ୍କୁ ଯେ ଭାଇ ବୋଲି ନ ଚହ୍ନି ଅଘାତ କରିବ, କରୁ । ଲବ କୁଶ ଗୌରବ କରିଥିଲେ କନ୍ତୁ ଘରେ ସୀତାଦେବୀ କାନ୍ଦିଥିଲେ । ମୁଁ ଭରସା, ଅନୁନୟ, ଆଶା କରେ ଓ ଈଶ୍ୱର ଆଜ୍ଞା କରୁଛନ୍ତି ଯେ--

"ଆଦ୍ୟେ ସ୍ମର ଭଗବାନ ସବେଁ ହୋଇ ଏକ ପ୍ରାଣ
କର ମାତୃପାଦପୂଜା ଏ ମନ୍ଦରେ ।"

ଏ ମନ୍ଦିରରେ ଯେ ପ୍ରବେଶ କରିବେ ପବନ ହୃଦୟ ନେଇ ପ୍ରବେଶ କଲେ ତାହାର ପୂଜା ମାତା ଓ ଈଶ୍ୱର ପ୍ରସନ୍ନ କରିବେ । ପ୍ରବେଶ କରିବା ପୂର୍ବରୁ ମନେ କରିବା ଉଚିତ ଏ ମାତୃଭୂମିରେ ପୂଜା ସ୍ଥାନ ମୁଁ ଯେବେ କୁସୁମ ପରି ମାତାର ଅଙ୍ଗମ ନନା କରେଁ, ଯେଉଁ ବକ୍ଷସ୍ଥଳରେ ସୁଧାପାନ କରିଥିଲି, ସେହି ବକ୍ଷରେ ଅଜ୍ଞାନରେ ଗେଇଠା ମାରି ଅବମାନନା କଲେ ସୁଦ୍ଧା କୁସୁମକୁ ମାତୃଭୂମି କଦାପି ତ୍ୟାଗ କରେ ନାହିଁ । କନ୍ତୁ ସେ ମାତାଙ୍କ ପ୍ରତି ଭକ୍ତି ଆମ୍ଭର କର୍ତ୍ତବ୍ୟ । ମୁଁ ଯେତେବେଳେ କୌଣସି ଦ୍ରବ୍ୟକୁ ଦେଖେଁ ଯେ ତାଙ୍କ ମନରେ ଭକ୍ତି ନ ଥାଇ ଏ ସ୍ୱଦ୍ଦରେ ପ୍ରବେଶ କରିଅଛନ୍ତି ତାହା ହେଲେ ନୈରାଶ୍ୟରେ ଜଡ଼ିତ ହୁଏଁ । ଜାତୀୟ ଜୀବନ ନାହିଁ । ଗତବର୍ଷ କହିଥିଲି ଉତ୍କଳ ଜନନୀ ମୃତ୍ୟୁଶଯ୍ୟାରେ ପଡ଼ିଛନ୍ତି । ଉପେନ୍ଦ୍ର ଭଞ୍ଜଙ୍କ ମନ୍ତରେ କଣ୍ଠ ଫିଟିବ । ଯେବେ ଆପଣ କେହି ରୋଗୀର ଚକିତ୍ସା କରିଥାନ୍ତି ତେବେ ମୁଁ ଚଳ ଲେଖନ୍ତି ପ୍ରିୟ ଜନନୀ ଶଯ୍ୟାଗତ, ସନ୍ନିପାତ, ବା ଉଲା, ଜ୍ଞାନ ନାହିଁ । କବରାଜ ପାପର ବପ୍ତା । ଡାକ୍ତର ଔଷଧ ସ୍ୱଦ୍ଦର ହାହାମୟ କ୍ରନ୍ଦନ । ଏହି ଅବସ୍ଥାରେ ଉତ୍କଳ ଜନନୀଙ୍କୁ ଗତବର୍ଷ ଦେଖିଥିଲୁଁ । ଯେବେ ପ୍ରିୟ ଜନନୀଙ୍କୁ ଏପରି ଅବସ୍ଥାରେ ଦେଖିଥାଅ

---

* ଉତ୍କଳ ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ଉତ୍କଳରେ ଲୁଗାବୁଣାର ଉନ୍ନତି ସାଧନ ଉଦ୍ଦେଶ୍ୟରେ ପ୍ରସ୍ତାବ ।

Digitized by srujanika@gmail.com

ଡେଙ୍ଗେବେଳେ ପ୍ରଥମ ଜ୍ଞାନ ହେଲେ ସନ୍ଧିପାଦ ରୋଗୀ କସ କହେ । ଯେଉଁ ମାଡାଙ୍କ ଜୀବନ ଆଶା ଗୁଡ଼ିଥିଲ ଲୁଚାପଣ ପକାଇ ଶରୀର ଉଷ୍ମ କରୁଥିଲ, ସେହି ମାଡା ଜ୍ଞାନ ପାଇ କହୁଅଛନ୍ତି, "ଏ କାହାର ଲୁଗା, ଏ ମୋର ନୁହେ ।" ମାରବର୍ଷ ସନ୍ଧିପାଦ ଅବସ୍ଥା, ଏ ବର୍ଷ ଜ୍ଞାନାବସ୍ଥା, ଧମସ୍ତେ ମନେକର, ସେହି ଅବସ୍ଥାରେ ମାଡାଙ୍କ ନକଟରେ ଉପସ୍ଥିତ ହୋଇ ବଗୁର କର ଯେ ଧର ଲୁଗା ରଖିବ କ ନଜର ଲୁଗା ଆଣି ଡାଙ୍କୁ ଦେବ । ଏଠାରେ ଜାତୀୟ ଜୀବନର ପ୍ରୟୋଜନ । ଏଠାରେ ଜାତୀୟ ଜୀବନ ଯେବେ ଅନୁଭବ କରିଥାଏ, ଡେବେ ଡନ୍ତୀ, ବଡ଼େଇ ଶିଲ୍ପୀଙ୍କ ଉନ୍ନତି କରିବା ଅତି ସହଜ ।

ପ୍ରତ୍ୟେକ ଲୋକର ହୃଦୟରେ ଯେତେବେଳେ ଜାତିର ଚନ୍ତା ପ୍ରବେଶ କରିବ ଡେଙ୍ଗେବେଳେ ଆମ୍ଭମାନଙ୍କ ମଧ୍ୟରେ ଜାତୀୟ ଜୀବନ ପ୍ରବେଶ କରିବ । ମୋର ଶରୀରର ପ୍ରତ୍ୟେକ ରେଣୁ, ମୋର ମାନସିକ ଚନ୍ତାର ପ୍ରତ୍ୟେକ ଚନ୍ତା ସେହି ଜାତୀୟ ଜୀବନର ଏକ ଏକ ଅଂଶ । ଡନ୍ତୀର ଅବସ୍ଥାକୁ ଉନ୍ନତ କରିବା ଜାତୀୟ ଜୀବନର ଉନ୍ନତି ଉପରେ ନର୍ଭର କରୁଅଛି । କେତେ ଦିନ ପୂର୍ବେ କଲିକତାରେ ଔଷଧାଳୟ କଲି। ଇଂରଜଙ୍କ ଦୋକାନରେ ଜଣେ ଦେଶୀୟ ଲୋକ ପହୁଞ୍ଚିବାରୁ ଇଂରେଜ ପଗ୍ଭରିଲେ ବାଃରେ ଏତେ ଦୋକାନ ଡାକ୍ତର-ଖାନା ଅଛି ସେଠାରୁ ନଅନାହିଁ କାହିଁକ ? "ସେ ଦେଶୀୟ ଜଣକ ଉତ୍ତର କଲେ", ସେମାନେ ଠକନ୍ତି । ସେ ସାହେବ ମୋତେ ଇଂରେଜରେ ପଗ୍ଭରିଲେ **"Mr. Das, what become of your patriotism."** ତୁମ୍ଭର ଜାତୀୟ ଜୀବନ କାହିଁ ? ତୁମ୍ଭେ ଜଣେ ଇରୋପିଆନକୁ ଦେଶି ଯାତ୍ରା କରିବ ନାହିଁ କନ୍ତୁ ନଜ ଜାତି ସମକ୍ଷରେ ଡାକ୍ତରୀ କରିବ । ତୁମ୍ଭର ଜାତି ପ୍ରତି ଘୃଣା, ତୁମ୍ଭଠାରେ ଜାତୀୟ ଜୀବନ ଲେଶମାତ୍ର ନାହିଁ ।

ବଲ୍ଲଡର ଉନ୍ନତି ସମ୍ବନ୍ଧରେ ଦୁଇଟି ଛବି ରହିଅଛି । ଛବିରେ ଥିବା ନାଲି ରଙ୍ଗରୁ ପ୍ରକାଶ ଯେ ବଲ୍ଲଡରେ ୧୮୪୦ ସାଲ ପର୍ଯ୍ୟନ୍ତ ବାଣିଜ୍ୟର ଅବସ୍ଥା ଯେତେବେଳେ ଜାତୀୟ ଜୀବନ ହେଲ ସେ କାଳବର୍ତ୍ତି—୧୮୪୦—୧୮୭୦ ପର୍ଯ୍ୟନ୍ତ ।

ହଳଦିଆ ରଙ୍ଗ ୧୮୭୦ ସାଲଠାରୁ ଆଜ ପର୍ଯ୍ୟନ୍ତ ବାଣିଜ୍ୟର କ ଉନ୍ନତି ହେଲ । ଜାତୀୟ ଜୀବନ ୩୦ ବର୍ଷ ମଧ୍ୟରେ ବଶେଷ ଉନ୍ନତି ।

କଲିକତାରେ ଥିବା ଇଂରେଜ ଜୋଡା ଦୋକାନରେ ଜଣେ ସାହେବ ପଚାରି ଦେଖିଲେ ଯେ ବଦେଶୀୟ ଜିନିସ ଶସ୍ତା, ସ୍ୱଦେଶୀୟ ଜିନିସ ମହଙ୍ଗା । କନ୍ତୁ ଇଂରେଜ ବଦେଶୀୟ ଯୋଡା କଣିବେ ନାହିଁ । ମୁଁ ଦଶବର୍ଷ ପୂର୍ବେ ମନେ କରିଥିଲି ଇଂରାଜୀ ଯୋଡା ପୋ ଭାଗ୍ୟରେ କପର ନ ପଡୁ । କନ୍ତୁ ଦଶ ବର୍ଷ ମଧ୍ୟରେ ମୁଁ ଦେଶୀ ଯୋଡା ପିନ୍ଧିଅଛି । ଆମ୍ଭର ପ୍ରତିଜ୍ଞା କରିବା ଉଚିତ ଯେ "ବଦେଶୀୟ ଦ୍ରବ୍ୟ" କଣିବା ପୂର୍ବରୁ ଚନ୍ତା କରିବା । ଯେତିକ କରିପାରିବ

Digitized by srujanika@gmail.com

ଡେଡିକ୍ଟ କର । କୌଣସି ବଦେଶୀୟ ପଦାର୍ଥ ଅସମ୍ଭବ । ମୋର ପରାମର୍ଶ ଯେ ଗୋଟିଏ ଚଳ ଧର । ଦଶ କୋଡ଼ିଏ ଜଣ ପ୍ରତ୍ୟେକ ଗ୍ରାମରୁ ଏକାଦିକ ଦୁଅ – ପ୍ରତିଜ୍ଞା କର, ଏକ ନମ୍ବର ସୂତା, ଏକରକମ ଖଡ଼ର ଲୁଗା ପଞ୍ଚାଲକର୍ ଲୁଗା ସ୍ୱରୂପ ପିନ୍ଧିବ । ଚରଖା ବୁଣିବାକୁ ପ୍ରସ୍ତୁତ । ତାକୁ ଏଠାକୁ ପଠାଅ । ସେ ପାଞ୍ଚଦାଢ଼ ବୁଣୁଥିଲେ ଏଠାରେ ୧୨-୧୫ ଦାଢ଼ ବୁଣି ଶିଖିଯିବ । ସେ ଏଠାରୁ ଫେରିଲେ ସମସ୍ତେ ସେହି ଲୁଗା ପିନ୍ଧିବ । ବର୍ତ୍ତମାନ ବାରଅଣା ସେତେବେଳେ ଲଭ ହେଲା । ଚରଖା ଖଦ୍ଦାଦାର ସମସ୍ତେ ସନ୍ତୁଷ୍ଟ ହେବେ । ୫୦ ଜଣ ଏକମନ ଏକ ପ୍ରତିଜ୍ଞା ଦୁଅ । ପ୍ରଥମେ ଘରର ପିନ୍ଧିବା ଲୁଗା ପଞ୍ଚାଲକରୁ ଆରମ୍ଭ କର । କ୍ଷୁଦ୍ର ସୀମାରେ କର । ସେଥିର ଆଦର ବୃଦ୍ଧି ହେଲେ ସେହି ଚରଖା ଅନ୍ୟ ପାଞ୍ଚଜଣଙ୍କୁ ଶିଖାଅ । ସରୁ ଲୁଗା ଜମନ୍ତ୍ରେ ଅନ୍ୟ ଗୋଟିଏ ଚରଖା ନିୟୋଗ କର । ୫୦ ଜଣ ଦୃଢ଼ ପ୍ରତିଜ୍ଞା କର ଗୋଟାଏ ଚଳ ସମ୍ବନ୍ଧରେ ପ୍ରତିଜ୍ଞା କର । ଯେବେ ପ୍ରତିଜ୍ଞାଭଙ୍ଗ ହେବ ତେବେ ଜାତିର ଜୀବନରେ ଆଘାତ ଲଗିବ । ଯେଉଁ ପ୍ରତିଜ୍ଞା ପାଳନ କରି ପାରିବ ତାହା କର । ୧୦ ଜଣ ଏକାଠି ହୋଇ ଏକ ଖଡ଼ରେ ପଞ୍ଚାଲକର୍ ନିଅ । ଉତ୍କଳ ଜନନୀ ଏହା ତୁମ୍ଭମାନଙ୍କୁ ମାଗୁଅଛନ୍ତି । ପ୍ରଥମେ ଘରେ ପିନ୍ଧିବା ଲୁଗା ଖଣ୍ଡକ ଦେଶୀୟ ହେଉ । ଏ ବିଷୟର ସମସ୍ତ ବିବରଣ ସମ୍ମିଳନୀ ପକ୍ଷରୁ ଗ୍ରାମ୍ୟ ସମିତିକୁ ପ୍ରେରିତ ହେବ ।

ପରିଶେଷରେ ମୋର ପ୍ରାର୍ଥନା ଏହି ଯେ, 'ଏକଜ ହେବାକୁ ଶିଖ, ଜୀବନର ସୀମା ବୃଦ୍ଧି କରିବାକୁ ଶିଖ ।' ଟେକା ପଡ଼ିଲେ ଡେଇଁ ଏକସ୍ଥାନରୁ ଉଠି କ୍ରମେ କ୍ରମେ ବସ୍ତାର ହୁଏ । ଯେବେ ତୁମ୍ଭ ଅନ୍ତଃକରଣ ଜାତୀୟ ଜୀବନପାଇଁ ଜନେ କାନ୍ଦିଥାଏ "ମୋ ଜାତିର ଅଧୋଗତି ହୋଇଅଛି ।" ଏ କଥା ଜନେ ଯେବେ ବାଧିଥାଏ, ତେବେ ତୁମ୍ଭେ ସ୍ଥିର ହୋଇ ପାରିବ ନାହିଁ ।

ଏ ଦେଶର ଦାତା କର୍ଣ୍ଣ ଗୋଟିଏ ବସ୍ତ୍ରାପହରା ଉଦାହରଣ । ମୁଁ ନିଜ ବକ୍ସରେ ଦେଖିଛି ୭୦।୮୦ ବରଷ ବୃଦ୍ଧ ଦୁଇଘର କୋରଡ଼ ନେଇ ଗୋରୁକୁ ଦେଲେ ପଛେ ମୁଁ ଖାଇବି । ଏପରି କଠିନ କର୍ମରେ ନାସ୍ତା ଥିଲା । ବର୍ତ୍ତମାନ ଅଶିକ୍ଷିତଙ୍କ ମଧ୍ୟରେ ପ୍ରଚଳ ଅଛି । ରୋଜ ଶୋଇବାବେଳ ପୂର୍ବରୁ ଆଣ୍ଠୋକୁ ପ୍ରଶ୍ନ ପଚାରିବ । "ମୁଁ ଆଜି ଜାତୀୟ ଜୀବନ ସମ୍ବନ୍ଧରେ କଅଣ କରିଛି ।" ଜଣେ ଡେପୁଟିଙ୍କୁ ଜନେ ପଚାରିଲ ତୁମ୍ଭେ ଜାତୀୟ ଜୀବନ ସମ୍ବନ୍ଧରେ କଅଣ କରିଅଛ । ସେ କହିଲେ ମୋର ସମୟ ନାହିଁ, ମୁଁ କହିଲି ବାହାଘର, କଚେରରେ ଯାହାକୁ ଦେଖୁଛ ଓ ମଧ୍ୟ ତୁମର ନିଜ ସ୍ତ୍ରୀକୁ ଏ ସମ୍ବନ୍ଧରେ କିଛି କହିବାକୁ ସମୟ ପାଉ ନାହିଁ କି ? ତୁମ୍ଭେ ସମସ୍ତେ ମନକୁ ପଚାର, "ସ୍ତ୍ରୀକୁ ତେବେ କହିଛ ତୋର ଜାତୀୟ ଜୀବନ ହେବା ଉଚିତ । ଏ ପିଲ୍ଲମାନେ ଯେପରି ଜାତିର ଗୌରବ ବୃଦ୍ଧି କରି ପାରନ୍ତି ସେହିପରି ତୁ ତାଙ୍କୁ ବଢ଼ାଇବୁ ।" ଯେବେ ପ୍ରତ୍ୟେକ ଲୋକ ପ୍ରତିଦିନ ପାଞ୍ଚ ମିନଟ ସମୟ ଏଥିରେ ବ୍ୟୟ କରନ୍ତି, ତେବେ ଦଶପନ୍ଦର ବର୍ଷ ମଧ୍ୟରେ ଜାତି ବଦଳି ଯିବ ।

———

Digitized by srujanika@gmail.com

ସମ୍ବଲପୁର ମିଶ୍ରଣରେ ଆନନ୍ଦ ପ୍ରକାଶ *

ଭାଇମାନେ, ଉତ୍କଳ ସମ୍ମିଳନୀର ଦୁରବସ୍ଥା ଦେଖି ମୋ ମନରେ ଯେପରି ଦୁଃଖ ଜାତ ହେଇଅଛି, ମୋର ପୁନଃକଷ୍ଟ ହୋଇଥିଲେ ମୋ ମନରେ ସେପରି ଦୁଃଖ ହୁଅନ୍ତା ନାହିଁ । ସମ୍ମିଳନୀ ତିନ ବର୍ଷ ହେଲା ସ୍ଥାପିତ ହୋଇଅଛି, କିନ୍ତୁ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟ କରିବାକୁ ସମ୍ଭ ହୋଇ ନାହିଁ । ବର୍ତ୍ତମାନ ତାର ଶୈଶବାବସ୍ଥା । ଏ ଅବସ୍ଥାରେ ବିଶେଷ କାର୍ଯ୍ୟ ଯତ୍ନତ ଆଶା କରିଯାଏ ନାହିଁ, ତଥାତ ତାମସା ଦେଖିବା ବ୍ୟତୀତ ଉତ୍କଳୀୟମାନଙ୍କର ସମ୍ମିଳନୀର ଉଦ୍ଦେଶ୍ୟ ସାଧନରେ ବୃଦ୍ଧା ହୋଇ ଅନ୍ତରର ସହିତ ଚେଷ୍ଟା କରିବା ଉଚିତ ଥିଲା । ପ୍ରତି ଅଧିବେଶନରେ ଶତ ଶତ, ସହସ୍ର ସହସ୍ର ଲୋକେ କେବଳ ତାମସା ଦେଖିବା ନମନ୍ତେ ଉପସ୍ଥିତ ହୁଅନ୍ତି ଏବଂ ମୁଁ ସେହି ତାମସା ଦେଖିଅଛି । କିନ୍ତୁ କିଛି ପର ନାହିଁ । ମୁଁ ଉତ୍କଳ ଜନନୀର କୁପୁତ୍ର, ମୋ ଦ୍ୱାରା କିଛି ହୋଇ ପାରିବ ନାହିଁ । ସମସ୍ତଙ୍କର ଧାରଣା ଯେ ଉତ୍କଳ ସମ୍ମିଳନୀ ମଧୁବାବୁଙ୍କର, କିନ୍ତୁ ତାହା ସହିତ ମୋର ବିଶେଷ କିଛି ସମ୍ପର୍କ ନାହିଁ । ଆପଣମାନଙ୍କ ସହିତ ଯେପରି ସମ୍ପର୍କ, ମୋ ସହିତ ସେହିପରି ସମ୍ପର୍କ । ଏହି ସମ୍ମିଳନୀ ପ୍ରତ୍ୟେକ ଉତ୍କଳ ଯୁବକର, ଏପରି ମନେ କରିବା ଉଚିତ । ଯେ ପର୍ଯ୍ୟନ୍ତ ସେ ଧାରଣା ହୋଇ ନାହିଁ, ସେ ପର୍ଯ୍ୟନ୍ତ ସମ୍ମିଳନୀର ଉଦ୍ଦେଶ୍ୟ ସାଧିତ ହେବ ନାହିଁ ।

ଉତ୍କଳ ଜନନୀର ତିନିପୁତ୍ର ମଧ୍ୟରୁ ତାହାର ପୀଡ଼ା ସମୟରେ ଦୁଇପୁତ୍ର ମୃତ୍ୟୁଶଯ୍ୟା ପାଖରେ ଉପସ୍ଥିତ । ଅନ୍ୟ ଏକପୁତ୍ର (ଚଉଗାମବାସୀ) ଅନେକ ଦୂରରେ ଥିବାରୁ ଜନନୀ ତାହାକୁ ପାଖରେ ନ ଦେଖି ବିଶେଷ କଷ୍ଟ ବୋଧ କରୁଅଛି । ସେହି ଦୂରବର୍ତ୍ତୀ ପୁତ୍ର ମାତୃସେବା କରି ନ ପାରି ମଧ୍ୟ ବିଶେଷ ଦୁଃଖିତ । ମାତା ପୀଡ଼ିତ ହେଲେ ଦୁଇ ତିନି ବର୍ଷର ଶିଶୁ ମୁଖରେ ଡକ୍ତନତ ଦୁଃଖ ପ୍ରତିଭାତ ହୋଇଥାଏ । ବର୍ତ୍ତମାନ ଉତ୍କଳ ଜନନୀର ସେହି ଅବସ୍ଥା । ଜନନୀ ବିପଦଗ୍ରସ୍ତ, ପାଖରେ ଦୁଇପୁତ୍ର ମିଳିତ, ଅନ୍ୟ ଏକ ପୁତ୍ର ବହୁ ଦୂରରେ ଅଛି, ଆସି ପାରି ନାହିଁ । ମୃତଶଯ୍ୟାରେ ଏକ ପୁତ୍ରକୁ ନ ଦେଖି ଜନନୀ ମନରେ କିପରି ଦୁଃଖ ଜାତ ହୁଏ, ତାହା ସହଜରେ ଅନୁମେୟ । ଉତ୍କଳ ଜନନୀ ଯେ ସେଥି ନମନ୍ତେ ବିଶେଷ ଦୁଃଖିତ, ସନ୍ଦେହ ନାହିଁ । ସେ ପୁତ୍ର ମାତା ପାଖକୁ ଆସି ସେବା ଶୁଶ୍ରୂଷା କରି ଜୀବନ ଚରିତାର୍ଥ କରିବା ନମନ୍ତେ ବିଶେଷ ଚେଷ୍ଟା କରୁଅଛି । ତିନିପୁତ୍ର ଏକତ୍ର ନ ହେଲେ ଶୁଶ୍ରୂଷା ସମ୍ପୂର୍ଣ୍ଣ ହେବ ନାହିଁ । ଜନନୀ ପାଖରେ ତିନିଜଣଙ୍କର ଯେ ଏକ ସମୟରେ ସମ୍ମିଳନ ହେବ, ଏପରି ଆଶା କରୁଁ ।

---

* ବାଲେଶ୍ୱର ପମ୍ପିଚ ପଡ଼ିଆରେ ସନ ୧୯୦୬ ମସିହାରେ ଉତ୍କଳ ସମ୍ମିଳନୀ ତୃତୀୟ ଅଧିବେଶନ ଏକ ପ୍ରସ୍ତାବ ବିଷୟରେ ବକ୍ତୃତା ।

Digitized by srujanika@gmail.com

ଉତ୍କଳ ସମ୍ମିଳନୀର ଶାଖାସ୍ୱରୂପ ଗ୍ରାମ୍ୟ ସମିତ ଗଠନ*

ଭାଇମାନେ,

ସଭାପତ୍ତି ମହାଶୟଙ୍କ ବକ୍ତୃତାର ଶେଷ ଭାଗରେ ସେ କହିଅଛନ୍ତି ଯେ, ଆଜ ସମ୍ମିଳନୀର ବଦ୍ୟାରମ୍ଭ ଦିନ। ବଶ୍ୱନାଥ ବାବୁ ମଧ୍ୟ ତାଙ୍କ ବକ୍ତୃତାରେ ଉକ୍ତ ବଷୟ ଉଲ୍ଲେଖ କରିଅଛନ୍ତି। ଉତ୍କଳବାସୀ! ସମ୍ମିଳନୀ ତୁମ ଆମ ଛଡ଼ା ଆଉ କିଛି ନୁହେଁ। ଯେତେବେଳେ ଉତ୍କଳଭାଷୀ ଓ ଉତ୍କଳବାସୀମାନେ ଏକାଠି ହେଉଁ ତାହାହିଁ ସମ୍ମିଳନୀ। ଯେବେ ସମ୍ମିଳନୀର ଆଜି ବଦ୍ୟାରମ୍ଭ ତେବେ ସମସ୍ତ ଉତ୍କଳବାସୀ ଓ ଉତ୍କଳଭାଷୀମାନଙ୍କର ଆଜି ବଦ୍ୟାରମ୍ଭ।

ଉତ୍କଳ ଜନନୀ ଓ ଭାରତ ଜନନୀଙ୍କର କିଛି ପ୍ରଭେଦ ନାହିଁ। ଶରୀରର ଦୌଣସି ଅଂଶରେ ପୀଡ଼ା ହେଲେ ସେହି ଅଂଶର ଚିକତ୍ସା କରିବାକୁ ହେବ। କିନ୍ତୁ ଏହି ଅଂଶବଶେଷର ଚିକତ୍ସାଦ୍ୱାରା ସମସ୍ତ ଶରୀରର ଉନ୍ନତି ହେବ। ଉତ୍କଳର ଚିକତ୍ସାର ଉଦ୍ଦେଶ୍ୟ ଭାରତର ଉନ୍ନତି।

ସଭାପତ୍ତି ମହାଶୟ ତାଙ୍କ ବକ୍ତୃତାରେ 'ସଞ୍ଜୀବନୀ ମନ୍ତ୍ର'ର ଉଲ୍ଲେଖ କରିଅଛନ୍ତି। ସଭାପତ୍ତି ମହୋଦୟ ଉତ୍କଳର ଅତୀତ ଗୌରବର କଥା ଉଲ୍ଲେଖ କରିଥିଲେ। ସେ ସବୁ ମନେ ପଡ଼ିଲେ ଛାତି ଫୁଲି ଉଠେ। କିନ୍ତୁ ବର୍ତ୍ତମାନ ଅବସ୍ଥା କଅଣ? ବର୍ତ୍ତମାନ ଅବସ୍ଥା ଏହି ଯେ ଉତ୍କଳବାସୀ ସମସ୍ତଙ୍କର ଦୃଷ୍ଟାର୍ଦ୍ଧ ହୋଇଅଛନ୍ତି। ଅତୀତର କଥା ସ୍ମରଣ କଲେ ଆମ୍ଭେମାନେ ନଜେ ନଜକୁ ଘୃଣା କରିବୁଁ।

ବଡ଼ଦେଉଳ ବାଲିରେ ପୋତି ହୋଇ ଯାଇଥିଲା। ରଜାଙ୍କ ଘୋଡ଼ାଟାପୁ ବ ଜିବାରୁ ରଜା ତାକୁ ପୁନରୁଦ୍ଧାର କରିଥିଲେ। "ଏହି ସ୍ଥାନରେ ବଡ଼ ଦେଉଳକୁ ଗଢ଼ିଁ ଓ ଜାତିର ପୁନରୁଦ୍ଧାର କର" ଏହା ଆମ୍ଭମାନଙ୍କର ବୀଜମନ୍ତ୍ର ହେବା ଆବଶ୍ୟକ। ଜାତୀୟ ଜୀବନରେ ଏହି କଥାକୁ ବାଜମନ୍ତ୍ର କରି ଜପ। ଯେଉଁ ପୂର୍ବ ପୁରୁଷମାନେ ଏହି କାର୍ଯ୍ୟ କରିଥିଲେ ସେହିମାନଙ୍କର ରକ୍ତ ମୋ ଶରୀରରେ ଅଛି। କିନ୍ତୁ ତଦନୁସାରେ ମୁଁ କାର୍ଯ୍ୟ କରୁଅଛି କି ନା ଏହା ସମସ୍ତେ ଭାବିବା ଉଚିତ। ଭାଇ! ଏଠାରେ ମୁଁ ଗୋଟିଏ ଦୃଷ୍ଟାନ୍ତ ଦେଉଅଛି। ଗୋଟିଏ ଭଲ ଜାତି ଡାହାଳ କୁକୁରଛୁଆକୁ ଆଣ। ଗୋଟିଏ ବାଘକୁ ତାକୁ ଦେଖାଇ ଦିଅ। ତାର ବାଘକୁ ମାରି ଯାଇବାକୁ ବଳ ଥାଉ ବା ନ ଥାଉ ସେ

---

* ଉତ୍କଳ ସମ୍ମିଳନୀର ପଞ୍ଚମ ଅଧିବେଶନରେ ପୁରୀଠାରେ ୧୯୦୮ ମସିହାରେ ବକ୍ତୃତା।

Digitized by srujanika@gmail.com

ବାଦକୁ କାମୁଡ଼ିବାକୁ ଦଉଡ଼ିଯିବ । ଭାଇ ! ଡାକ୍ତର ପଚାରି, "ତୁ ତ ପିଲାଟିଏ, ବାଘକୁ ମାରି ପଚାରୁ ବେଳେ ଦଉଡ଼ୁଛୁ ?" ସେ ଉତ୍ତର ଦେବ, ମୁଁ ଜାଣିଛି ଯେ ମୁଁ ବାଘକୁ କାମୁଡ଼ି ପାରିବ ନାହିଁ । କିନ୍ତୁ ମୁଁ ମୋ ଜାତିର ନାମ ବୁଡ଼ାଇବି ନାହିଁ ।"

ଯେଉଁ ଜାତି ବଡ଼ ହୋଇଛି, ଭୁବନେଶ୍ୱର ଓ ଅନ୍ୟାନ୍ୟ ଲକ୍ଷାଧିକ ମାନ କରିଥିଲେ ସେହି ଜାତିର ରକ୍ତ ଆମ ଦେହରେ ଅଛି କି ? ବଦ୍ୟାରମ୍ଭ ସମୟରେ ଏହି କଥା ଭାବ, ନିଜ ଜାତିର ଜୀବନ ଆପଣା ଦେହରେ ଅଛି କି ନାହିଁ ? ଯେବେ ନ ଥାଏ ସେ କପରି ହେବ ଚେଷ୍ଟା କର । ଜାତିର ଜୀବନ ବ୍ୟକ୍ତିଗତ ଜୀବନରୁ ପୃଥକ୍ । "ଜାତିପାଇଁ ବାଟରେ ଉତ୍ସର୍ଗ କରି ମରିବ" ଏହିପରି ପଣ ନ କରିବା ପର୍ଯ୍ୟନ୍ତ ଜାତିର ଜୀବନର ସଞ୍ଚାର ହେବ ନାହିଁ । ବ୍ୟକ୍ତିଗତ ଜୀବନ ସ୍ୱାର୍ଥପର । ସ୍ୱାର୍ଥପରତା ଯେତେ ବୃଦ୍ଧି ହେବ ଜାତିର ଜୀବନ ତେତିକ କମିବ । ସ୍ୱାର୍ଥପରତା ଯେବେ କମିଯିବ ଜାତିର ଜୀବନ ତେତିକ ବୃଦ୍ଧି ହେବ ।

ମୋ ପିତାମହ ସଙ୍ଗୀତ ଥିଲେ । ସେ କପରି ନ୍ୟାୟରେ ବଢ଼ିଥିଲେ ସେ କଥା ମୋତେ ଅନେକ ଥର କହିଥିଲେ । କୌଣସି କୌଣସି ଲୋକ ମୋତେ ସମୟ ସମୟରେ କହନ୍ତି, କାହିଁକି ଏ କାମ କରୁଛ ? ଅମୁକ ଚଢ଼ିବେ ଯେ ? ସେତେବେଳେ ମୋ ମନେ ହୁଏ ମୋ ପିତାମହଙ୍କ ରକ୍ତ ମୋ ଦେହରେ ବହୁଛି, ମୁଁ ସେ ରକ୍ତ କଳୁଷିତ କରିବି ନାହିଁ । ସେହିପରି ସମସ୍ତେ ଚାଲ୍ ଯେ ପୂର୍ବପୁରୁଷଙ୍କ ରକ୍ତ କଳୁଷିତ କରିବି ନାହିଁ । ଆମ୍ଭେମାନେ ସମସ୍ତଙ୍କୁ ଭାଇ ବୋଲି ସମ୍ବୋଧନ କରୁଅଛୁ । ଡାକ୍ତାର ମାନେ ଏହି ଯେ ମୋ ଭାଇ ଯେଉଁ ମାଂସଙ୍କ ରକ୍ତ ମାଂସରେ ଗଠିତ, ମୁଁ ସେହି ରକ୍ତ ମାଂସରେ ଗଠିତ । ସମସ୍ତେ ଭାରତ ସନ୍ତାନ । ସମସ୍ତେ ଏକ ରକ୍ତ ମାଂସସମ୍ଭୂତ । ଯେତେବେଳେ ଏ ଜ୍ଞାନ ହେବ, ତେତେବେଳେ ଜାତିର ଜୀବନର ଅଭାବ ରହିବ ନାହିଁ । ଉତ୍କଳର ଅସ୍ତମିତ ଗୌରବର ବିଷୟ ଥରେ ଚାଲ୍ କର । ଯେତେବେଳେ ଶିଶୁ ସ୍ତନ୍ୟପାନ କରୁଥାଏ, ସେତେବେଳେ ବିଶ୍ୱାସପୂର୍ଣ୍ଣ ନୟନରେ ମାତା'ର ମୁଖ ପ୍ରତି ଦୃଷ୍ଟି କରିଥାଏ । ଏହିଠାରେ ଆମ୍ଭେମାନେ ଉତ୍କଳ ଜନନୀ ତଥା ଭାରତ ଜନନୀର କ୍ରୋଡ଼ରେ ବସିଥାଉଁ । ସମସ୍ତେ ଏହି ତଥା ଭାବ ଓ ପ୍ରତିଜ୍ଞା କର ଯେ, ଯେଉଁ ଉତ୍କଳ ଜନନୀ ମୋତେ ଜନ୍ମ ଦେଇଅଛନ୍ତି, ତାʼ ସକାଶ ଏହି ସଭାରେ ଦୃଢ଼ ପ୍ରତିଜ୍ଞା କରୁଅଛି ଯେ "ମୁଁ ପ୍ରତିଦିନ ପାଞ୍ଚ ମିନିଟ ସମୟ ଦେଶର କଥା ଭାବିବି ଏବଂ ସମ୍ମିଳନୀ ସକାଶେ ଉତ୍କଳ ନମନ୍ତେ ଓ ଭାରତ ନମନ୍ତେ ଅନ୍ତତଃ ପାଞ୍ଚ ମିନିଟ୍ ସମୟ ବ୍ୟୟ କରିବି ।"

Digitized by srujanika@gmail.com

ଏ ମନ୍ତ୍ର ସମସ୍ତେ ପୂର୍ବରେ ପାଠ କରି କାହ୍ନ । ଏହା ସମ୍ପ୍ରଦାୟର ବଦ୍ୟାରମ୍ଭ ।

(ସଭାରେ ଉପସ୍ଥିତ ଥିବା ସମସ୍ତ ଉତ୍କଳୀୟମାନେ ଦଣ୍ଡାୟମାନ ହୋଇ ଉଚ୍ଚ ସ୍ୱରରେ ଏହି ବଦ୍ୟାରମ୍ଭ ମନ୍ତ୍ର ପାଠ କରିଥିଲେ । ସଭାପତି ପ୍ରକୃତରେ ଅବଧାନ ସ୍ୱରୂପ ଉକ୍ତ ମନ୍ତ୍ର ପାଠ କରାଇଥିଲେ ।)

———

Digitized by srujanika@gmail.com

ଉତ୍କଳ ସମ୍ମିଳନୀର କାର୍ଯ୍ୟନିର୍ବାହକା ସମିତି ଗଠନ*

ଭାଇମାନେ ! ମୋ ଉପରେ ଆପଣମାନେ ଏ ଭାର ଦେଇ ଅଛନ୍ତି ଯେ ମୁଁ ଆପଣମାନଙ୍କ ନିକଟରେ ଆଗାମୀ ବର୍ଷରେ ଏ ସମ୍ମିଳନୀ କାର୍ଯ୍ୟ ଯେଉଁମାନେ କରିବେ, ସେମାନଙ୍କର ନାମ ପଢ଼ି କରି ଶୁଣାଇବି । ମୋତେ କ୍ଷମା କରିବେ । ମୁଁ ବିଶ୍ୱାସ କରେ, ଏ ପର୍ଯ୍ୟନ୍ତ ଆମ୍ଭମାନଙ୍କ ମଧ୍ୟରେ ସମ୍ମିଳନୀର ପ୍ରକୃତ ଅର୍ଥ ଅନେକେ ଗ୍ରହଣ କରି ପାରି ନାହାନ୍ତି । ଯେଉଁମାନେ ଏ ବିଷୟରେ ଅଜ୍ଞ, ସେମାନଙ୍କ ମଧ୍ୟରେ ମୁଁ ପ୍ରଥମ । ସମ୍ମିଳନୀ କାର୍ଯ୍ୟ କି ଉପାୟରେ କରିବାକୁ ହେବ ଓ ତହିଁର ପରିଣାମ କଣ ହେବ, ତାହା ମୁଁ ସମସ୍ତଙ୍କ ଅପେକ୍ଷା କମ ଜାଣେ । ସମ୍ମିଳନୀର ପ୍ରଥମାବସ୍ଥାରେ ସମ୍ମିଳନୀ ସହିତ ମୋର କିଛି ସମ୍ପର୍କ ଥିଲା । ନାନା ପ୍ରକାର ଆଶା ମନରେ ଉଦିତ ହୋଇଥିଲା, କିନ୍ତୁ ପରିପୂର୍ଣ୍ଣ ହୋଇ ନାହିଁ । ସୁତରାଂ ମୁଁ ସମ୍ମିଳନୀ ବିଷୟରେ ଅତି ଅଳ୍ପ । କିନ୍ତୁ ଏହା ପର୍ଯ୍ୟନ୍ତ ବୁଝିଅଛି ଯେ ସମ୍ମିଳନୀ ଜାତିର ସତ୍ତ୍ୱ ଓ ମନୁଷ୍ୟପ୍ରାଣରେ ଜାତୀୟ ଜୀବନ ଉଦ୍ରେକ କରିବା ଏହାର ଉଦ୍ଦେଶ୍ୟ । ପ୍ରତ୍ୟେକଙ୍କର ଦୁଇ ଗୋଟି ଜୀବନ । ୧—ବ୍ୟକ୍ତିଗତ ଜୀବନ, ୨—ଜାତୀୟ ଜୀବନ । ମୁଁ ଖାଉଛି, ପିନ୍ଧୁଛି, ଅର୍ଥ ଉପାର୍ଜ୍ଜନ କରୁଛି, ମୋ ପିଲା ବଡ଼ଲୋକ ହେବ, ଏ ଇଚ୍ଛା ବ୍ୟକ୍ତିଗତ ଜୀବନର ଇଚ୍ଛା । ମାତ୍ର ଜାତୀୟ ଜୀବନ ତାହା ନୁହେଁ । ଉଦାହରଣ ଦେଇ—ଯେବେ ଜଣେ କହେ ଓଡ଼ିଆଙ୍କୁ ମାର, ତେବେ ସମସ୍ତଙ୍କ ରକ୍ତ ଗରମ ହେବ । ଏଥିରୁ ଜାତୀୟ ଜୀବନ ଅଛି, ପରିଚୟ ମିଳିଲା । କିନ୍ତୁ ଆମ୍ଭମାନଙ୍କର ଜାତୀୟ ଜୀବନ ବଡ଼ ଶିଥିଳ । ତାକୁ ଉତ୍ତେଜିତ କରି ବ୍ୟକ୍ତିଗତ ଜୀବନ ପରି ବଳବାନ୍ କରିବାକୁ ହେବ, ଏହାହିଁ ସମ୍ମିଳନୀର ଉଦ୍ଦେଶ୍ୟ ।

ମୁଁ ଓଡ଼ିଆ, ଓଡ଼ିଶାରେ ଜନ୍ମଗ୍ରହଣ କରିଅଛି ଏବଂ ବାସ କରୁଅଛି । ଉତ୍କଳ ମାତାଙ୍କ କୋଳରେ ମୋର ଅସ୍ଥି ମାଂସ ରହିବ । ଯେଉଁମାନେ କୀର୍ତ୍ତି କରି ଯାଇଅଛନ୍ତି, ସେମାନେ ମୋର ପୂର୍ବପୁରୁଷ । ତାଙ୍କର କୀର୍ତ୍ତି-ରକ୍ଷାର ଭାର ମୋ ଉପରେ ନ୍ୟସ୍ତ । ପ୍ରତ୍ୟେକ ଲୋକମନରେ ଏହିପରି ଭାବ ସଞ୍ଚାର କରିବା ସମ୍ମିଳନୀର ଉଦ୍ଦେଶ୍ୟ । ବ୍ୟକ୍ତିଗତ ଜୀବନ ସ୍ୱାର୍ଥପରତା-ପରିପୂର୍ଣ୍ଣ; ମାତ୍ର ଜାତୀୟ ଜୀବନରେ ସ୍ୱାର୍ଥ ନାହିଁ । ମୁଁ ବଡ଼ଲୋକ ହେବି,

---

* ଉତ୍କଳ ସମ୍ମିଳନୀର ଅଷ୍ଟମ ଅଧିବେଶନ, ୧୯୧୨ ମସିହା ବାଲୁକୁରଠାରେ ସମ୍ମିଳନୀର କାର୍ଯ୍ୟନିର୍ବାହକା ସମିତି ଗଠନ ବିଷୟରେ ବକ୍ତୃତା ।

Digitized by srujanika@gmail.com

ମୋ ପୁଅ ସୁଖରେ ଜୀବନ ଯାପନ କରିବ ଏହା ବ୍ୟକ୍ତିଗତ ଜୀବନ । ମୁଁ ମରିବ, ମୋତେ କେହି ଚହ୍ନିବେ ନାହିଁ, ମୋର ମୃତ୍ୟୁ ପରେ ମୋର ନାମ ଲେଖ ମାତ୍ର ରହିବ ନାହିଁ, ମୋର ଶରୀରର ବଳ, ମୋର ଶରୀରର ରକ୍ତ ଜାତିକୁ ବଳିବ ନ କରିବ, ଏହାହିଁ ଜାତୀୟ ଜୀବନ । ସମ୍ମିଳନୀ ଜାତୀୟ ଜୀବନର ସନ୍ତାନସ୍ୱରୂପ । ମନେ କରନ୍ତୁ, ଉପେନ୍ଦ୍ରଭଞ୍ଜ ଏହିଠାରେ ଜନ୍ମଗ୍ରହଣ କରିଥିଲେ । କୋଟି କୋଟି ଓଡ଼ିଆ ତାଙ୍କୁ ଆମ ଜାତିର ବୋଲି କହୁଅଛନ୍ତି । କନ୍ତୁ ଉପେନ୍ଦ୍ରଙ୍କ ପିତା ମାତାଙ୍କର ନାମ, ତାଙ୍କ ବାଲ୍ୟକାଳର କଥା ଅଧିକାଂଶ କହି ପାରିବେ ନାହିଁ । ମାତ୍ର ସମସ୍ତେ କହନ୍ତି, ଆମ୍ଭର ଉପେନ୍ଦ୍ର ଭଞ୍ଜ । ମୁଁ ପ୍ରଶ୍ନ କରେଁ, "ତୁମ୍ଭର କିପରି ହେଲେ ?" ଜାତି କହିଲୁ—ଜାତିର ଯୋଗ୍ୟ ସୁସନ୍ତାନ ଜାତିର ଏବଂ କୁସନ୍ତାନ ବାପ ମାଆଙ୍କର । ଏହା ଜାତିର ବଗୁର ଅଟେ । ସମ୍ମିଳନୀ ଜାତୀୟ ଅନୁଷ୍ଠାନ, ଏହାକୁ ନେଇ ଯେ କାର୍ଯ୍ୟ କରିବ, ସେ ଜାତି ନିକଟରେ ଯାଇ ପହଞ୍ଚିବ । ଟଙ୍କା ମାଗିବ, କେହି ଦେଉବ ନାହିଁ । ଉପେନ୍ଦ୍ରଙ୍କୁ ପଢ଼ାଇବାକୁ ଟଙ୍କା ମାଟିଥିଲେ କେହି ଦେଇ ନ ଥାନ୍ତେ । କାଲି ରିପୋର୍ଟରେ ପଢ଼ିଲୁ, କେହି ଟଙ୍କା ଦେଇଲେ ନାହିଁ । ସମ୍ମିଳନୀ ଜାତିର ପୁତ୍ର ହୋଇ ନାହିଁ । ଯୁବକ ସମିତିଙ୍କ ପକ୍ଷରୁ ତାହା ପ୍ରକାଶ । ଜାତିର ସମ୍ମିଳନୀ ହେଲେ ବ୍ୟକ୍ତିର ନାମ, ମଧୁସୂଦନର ନାମ ହୁଅନ୍ତା ନାହିଁ । ବର୍ତ୍ତମାନ ଏ ସମ୍ମିଳନୀର କାର୍ଯ୍ୟ ଯେ ଚଳାଇବେ, ତାଙ୍କର ଏ ସମ୍ମିଳନୀକୁ ନିଜର ସନ୍ତାନ ତୁଲ୍ୟ ଜ୍ଞାନ କରିବା ଉଚିତ । ମୁଁ ବଢ଼ାଇବି, ମୁଁ ଲାଳନ ପାଳନ କରିବି, ଯୋଗ୍ୟ ହେଲେ ଜାତି ମୋ କୋଳରୁ କାଢ଼ି ନେବ । ଯେପରି ଚୈତନ୍ୟଙ୍କୁ ତାଙ୍କର ପିତା ମାତା ନିଜର ସନ୍ତାନ ପରି ପାଲଟିଲେ । କନ୍ତୁ ବର୍ତ୍ତମାନ ତାଙ୍କ ପିତା ମାତାଙ୍କୁ କେହି ଜାଣନ୍ତି ନାହିଁ, ମାତ୍ର ଚୈତନ୍ୟ ବର୍ତ୍ତମାନ ଲକ୍ଷ ଲକ୍ଷଙ୍କର । ଇତିହାସ ପାଠ କର, ସବୁ ଦେଶର ଏହି ନିୟମ ।

ମିଲଟନ ଶେଷ କାଳକୁ ଅନାହାରରେ ପ୍ରାଣତ୍ୟାଗ କଲେ, ସେକ୍ସପିୟର ଥିଏଟରଯାତ୍ରୀଙ୍କ ଘୋଡ଼ା ଧରି ପେଟ ପାଳୁଥିଲେ । ବର୍ତ୍ତମାନ ବଙ୍ଗଳାର ଲୋକେ କହନ୍ତି, ଆମର ମିଲଟନ ଏବଂ ଆମ୍ଭର ସେକ୍ସପିୟର । କାଳିଦାସ ପାଲଙ୍କି ବୋହୁଥିଲେ, ତେଣେ ବେଳେ କେହି କହୁ ନ ଥିଲେ, ମାତ୍ର ବର୍ତ୍ତମାନ କହୁଅଛନ୍ତି, ଆମ୍ଭର କାଳିଦାସ । ଏହା ଜାତିର ଖ୍ୟାତି ଅଟେ । ଏ ପ୍ରସଙ୍ଗ କହିବା ପୂର୍ବରୁ ମୁଁ କହେଁ, ଯେ ସ୍ୱାର୍ଥତ୍ୟାଗ କରିବାକୁ ପ୍ରସ୍ତୁତ ନୁହେଁ, ସେ ବ୍ୟକ୍ତି ସମ୍ମିଳନୀରୁ ନାମ କଟାଇ ଦେଇଯିବା ଉଚିତ । ଭାର ନେଇ ଏ କଥା କହିଲେ ଚଳିବ ନାହିଁ । ସେଚ୍ଛକ ପାରିବ ସେଚ୍ଛକ ଭାର ନଅ ।

Digitized by srujanika@gmail.com

ମୁଁ ଆପଣଙ୍କୁ ସହଜ ଜଣାଉଅଛି ଯେ, ଉତ୍କଳ-ସୁପୁତ୍ର ରକବି ମହାତ୍ମାଙ୍କୁ ଆମ୍ଭେମାନେ ପାଇଅଛୁଁ । ସେ ଆଗାମୀ ବର୍ଷର ସମସ୍ତ ଖରଚ ଦେବାକୁ ପ୍ରସ୍ତୁତ । ଯେ ପୁଅଟିକୁ ଖୁଆଇ ପିଆଇ ଉତ୍କଳମାତାଙ୍କ କୋଳରେ ଦେବ, ସେ ସୁପୁତ୍ର ।

ସମ୍ମିଳନୀର ଅର୍ଥ ମୁଁ ବୁଝି ପାରୁ ନାହିଁ ଏବଂ ଅନେକେ ମଧ୍ୟ ବୁଝି ନାହାନ୍ତି । Insurance Co, କାରଖସଭା, ବ୍ରାହ୍ମଣସଭା ଭଳି ଏହା ଗୋଟିଏ ସଭା ହୁଏଁ । କେତେକ ମହାଜନ ତାଙ୍କର ସ୍ୱାର୍ଥରକ୍ଷା ପାଇଁ ଗୋଟିଏ ସଭା ଗଠନ କଲେ । କାରଣମାନେ, ବ୍ରାହ୍ମଣମାନେ କଲେ । ସମ୍ମିଳନୀର ସଂଖ୍ୟା ବା ସୀମା ନାହିଁ । ଅନ୍ୟ ସଭାର ସଭ୍ୟ ତାଲିକା ଅଛି, ମାତ୍ର ଉତ୍କଳ ସମ୍ମିଳନୀର ସଭ୍ୟମାନଙ୍କର ସଂଖ୍ୟା ନାହିଁ କି ତାଲିକା ନାହିଁ । ସମସ୍ତ ଓଡ଼ିଆ ଜାତି ଏହାର ସଭ୍ୟ । ଶିଶୁଠାରୁ ଭବିଷ୍ୟତ୍ ବଂଶର ଓଡ଼ିଆମାନେ ସମସ୍ତେ ଏଥିରେ ସଭ୍ୟ । ପ୍ରଥମେ ଏ ଭୁଲ ଯିବା ଉଚିତ ଯେ, ଏ ସଭା ହୁଏଁ କଂଗ୍ରା କମ୍ପାନୀ ହୁଏଁ । ଏ ଜାତିର ଅଟେ । ଯାହା ହୋଇଅଛି, ସେଥିରେ ଜାତିର ଦାବୀ ଅଛି । ପୁଣି ଯାହା ହେବ, ସେଥିରେ ପୁଣି ଦାବ ହେବ । ଏହି ପ୍ରଭେଦ ମନେ ରଖିଲେ ଅନେକ ଗୋଳମାଳ ଛୁଟି ଯିବ ।

ମାଳତୀ ଲତା ଆମ୍ବ ଗଛରେ ଉଠେ, ମୋଟ ହୁଏ । ଶେଷରେ ଆମ୍ବ ଗଛକୁ ମାରି ପକାଏ । ~~ଆମ୍ବ ଗଛର ଫଳ ଅନେକ ଲୋକ ଖାଇଥିଲେ ।~~ ଆମ୍ବ କେବଳ କମ ଲୋକ ଖାଇଥିଲେ । ମାଳତୀର ସୁଗନ୍ଧ ପୁଷ୍ପ ସହସ୍ର ଲୋକଙ୍କୁ ମୋହିତ କରୁଅଛି । ଜାତୀୟ ଜୀବନ ଯେତେବେଳେ ବ୍ୟକ୍ତିକୁ ମାଳତୀଲତା ପରି ବେଢ଼ି ଧରିବ, ସେତେବେଳେ ସେ ମରିବ, କିନ୍ତୁ ମାଳତୀର ସୁଗନ୍ଧ ଚାରିଆଡ଼େ ମହକିବା ନିଜ ସକାଶେ ଜୀବନ ଧାରଣ କରିବା ମନୁଷ୍ୟ ଜୀବନର କଦାପି ଉଦ୍ଦେଶ୍ୟ ହୁଏ । ଈଶ୍ୱର ଏ ଉଦ୍ଦେଶ୍ୟରେ କାହାକୁ ସୃଷ୍ଟି କରି ନାହାନ୍ତି । ପଶୁ ଓ ମନୁଷ୍ୟର ପ୍ରଭେଦ କ'ଣ ? ପଶୁ ତାହାର ନିଜ ପଇଁ ସବୁ କରେ । ବ୍ୟକ୍ତିଗତ ଜୀବନ ନ ମଲେ ଜାତୀୟ ଜୀବନ ହେବ ନାହିଁ । ମଞ୍ଜି ବା ହାଡୁଆ ପୋତିଲେ ଆଗେ ହାଡୁଆ ପଡ଼ିଲେ ପଛେ ଗଛ ଉଠିବ, ନ ପଚିବା ପର୍ଯ୍ୟନ୍ତ ଗଛ ଉଠିବ ନାହିଁ । ସେହିପରି ଯହିଁରୁ ଜାତୀୟ ଜୀବନ ଉଠିବ, ସେ ମରିବ, ସେ ପଚିବ । ଗୋଟିଏ ହାଡୁଆ ମଲେ ଲକ୍ଷେ ଆମ୍ବ ଫଳିବ । ଆମ୍ବର ଜାତି ରକ୍ଷା ହେଲା, କିନ୍ତୁ ପ୍ରଥମେ ହାଡୁଆ ମଲା ।

ମୁଁ ବିଶ୍ୱାସ କରେ ନାହିଁ ଯେ, ଈଶ୍ୱରଙ୍କ ଜଗତର କେହି ମନୁଷ୍ୟ ସ୍ୱାର୍ଥପର ହୋଇ ପାରେ । ଯେ ସ୍ୱାର୍ଥପର, ସେ ଈଶ୍ୱରଙ୍କ ଆଜ୍ଞା ଲଙ୍ଘନ

Digitized by srujanika@gmail.com

କରିଅଛୁ । ଈଶ୍ୱର କାହାରିକୁ ସ୍ୱାର୍ଥପର ହେବାକୁ କଅଣନ୍ତି ନାହିଁ । ଅଡ କୃପଣକୁ ଲୋକେ ସ୍ୱାର୍ଥପର କହନ୍ତି, ମାତ୍ର ମୁଁ କହେଁ ସେ ସ୍ୱାର୍ଥହୀନ । ସେ ନଜ ପାଇଁ ରଖୁ ନାହିଁ, ରଖୁଅଛୁ କେବଳ ପର ପାଇଁ । ଈଶ୍ୱର କହନ୍ତି, ତୁ ଖରଚ କାଲୁ ନାହିଁ, ଡୋ ପୁଅ ନାଡ ଖରଚ କରିବେ । ଘଣାରେ ବଳଦ କୁଲୁଛୁ, ମାତ୍ର ତେଲ ଲଗାଏ ଆଉ ଜଣେ । ଅଡଏବ ମୁଁ ଏ ପ୍ରସ୍ତାବ ଉପସ୍ଥାପିତ କରୁଅଛୁ ।

Digitized by srujanika@gmail.com

ସଭାପତିଙ୍କ ଅଭିଭାଷଣ*

ପ୍ରେମଭାଜନ ବନ୍ଧୁବାନ୍ଧବ ଭାଇ ଓ ଉତ୍କଳର ସନ୍ତାନ ସନ୍ତତିବର୍ଗ ।

ସଭାପତିଙ୍କର ପୂର୍ବ ପ୍ରଥାନୁସାରେ ବକ୍ତୃତା କରିବା ଆବଶ୍ୟକ ଏବଂ ପୂର୍ବ ପ୍ରଥାନୁସାରେ ସେ ବକ୍ତୃତା ଛପା ହୁଏ । ମୋହର ବକ୍ତୃତା ଲେଖିବାର କ୍ଷମତା ବା ଅଭ୍ୟାସ ନାହିଁ । କନ୍ତୁ ବର୍ତ୍ତମାନ ଲେଖିବାକୁ ହେବ ବୋଲ କେହି କେହି ଭାଇ ବାଧ୍ୟ କରିବାରୁ ଲେଖିଅଛି । ଏହା ମୋହର ପ୍ରିୟ ବନ୍ଧୁ ଶ୍ରୀମାନ୍ ପାରେଶ୍ୱର ମହାନ୍ତି ଲେଖି ଅଛନ୍ତି । ଗ୍ରାମୋଫୋନ ଯନ୍ତ୍ର ପରି ମୁଁ ପୁଣି ଏହା ବାହାର କରି ପାରିବ ନାହିଁ, ଅତଏବ ଯଦି ଖବର କାଗଜମାନଙ୍କରେ ଛପା ଏବଂ ମୁଁ କହିବା କଥାରେ କିଛି ପ୍ରଭେଦ ଘଟେ, ତାହା ହେଲେ ମୋତେ କ୍ଷମା କରିବେ । କାରଣ ମୁଁ ତ ଜୀବନ୍ତ ମନୁଷ୍ୟ, ଗ୍ରାମୋଫୋନ ନୁହେଁ ।

ମୁଁ କି କାରଣରୁ ସଭାପତି ଦାୟିତ୍ୱ ଗ୍ରହଣ କରିଅଛି । ତତ୍ ସମ୍ବନ୍ଧରେ ପ୍ରଥମେ ଗୋଟିଏ ଦୁଇଟି କଥା କହିବା ଆବଶ୍ୟକ । ସମ୍ମିଳନୀର ପ୍ରଥମ ଅଧିବେଶନରେ ମୟୂରଭଞ୍ଜର ମହାରାଜା ସଭାପତି ହୋଇଥିଲେ ।

ସେ ବର୍ତ୍ତମାନ ସ୍ୱର୍ଗରେ ଅଛନ୍ତି । ଅଳ୍ପବୟସରେ ମୟୂରଭଞ୍ଜ ମହାରାଜା ଯେ ପ୍ରକାର ମାନସଂଭ୍ରମ ଓ ପୂଜ୍ୟପଦ ପ୍ରାପ୍ତ ହୋଇଥିଲେ, ସେ ପ୍ରକାର ଖ୍ୟାତି ଓଡ଼ିଶାରେ ଅନ୍ୟ କେହି ରାଜା ପାଇଥିବାର ମୁଁ ଜାଣେ ନାହିଁ । ବଙ୍ଗଦେଶରେ ଜଣେ ଲେଫ୍‌ଟନାଣ୍ଟ ଗଭର୍ଣ୍ଣର ତାଙ୍କ ସଙ୍ଗରେ କୌଣସି ସ୍ଥାନରେ ପ୍ରାୟ ଏକଘଣ୍ଟା ନାନା ବିଷୟକ କଥୋପକଥନ କରିଥିଲେ ଏବଂ ତାଙ୍କର ପାଣ୍ଡିତ୍ୟ ଓ ବୁଦ୍ଧି ଦେଖି ଅତିଶୟ ଆଶ୍ଚର୍ଯ୍ୟ ହୋଇଥିଲେ । ତାଙ୍କ ମନର ଆଶ୍ଚର୍ଯ୍ୟ ଭାବ ମୋ ନିକଟରେ ଥରେ ପ୍ରକାଶ କରି କହିଥିଲେ କି ରାଜାମାନଙ୍କ ମଧ୍ୟରେ ଯେ ଏ ପ୍ରକାର ବିଦ୍ୟା ଏବଂ ବୁଦ୍ଧିସମ୍ପନ୍ନ ଲୋକ ଅଛନ୍ତି ଏହା ତାଙ୍କ ମନରେ ବିଶ୍ୱାସ ନ ଥିଲା । ସମ୍ମିଳନୀର ପ୍ରଥମ ଅଧିବେଶନରେ ଉତ୍କଳ-ମାତାଙ୍କର ବରପୁତ୍ର ସଭାପତି ହୋଇଥିଲେ । ମୁଁ ଶୁଣିଅଛି ସଭାପତିର ଆସନ ଗ୍ରହଣ କରିବାକୁ କେହି ଇଚ୍ଛୁକ ନ ହେବାରୁ ଗତବର୍ଷ ସମ୍ମିଳନୀର ଅଧିବେଶନ ହୋଇ ନାହିଁ । ଏଥିରୁ ପ୍ରକାଶ ହେଉଅଛି ସମ୍ମିଳନୀ ପ୍ରତି ଉତ୍କଳବାସୀମାନଙ୍କର ଯେ ପ୍ରକାର ଶ୍ରଦ୍ଧା, ଭକ୍ତି ଓ ସ୍ନେହ ପ୍ରଥମାବସ୍ଥାରେ ଥିଲା, ତାହା ବର୍ତ୍ତମାନ ନାହିଁ । ପୂର୍ବେ ସଭାପତିର ଆସନ ସମ୍ମାନସୂଚକ ଥିଲା । ବର୍ତ୍ତମାନ ତାହା ଅସମ୍ମାନର ସ୍ଥାନ ହୋଇଅଛି ।

---

* ଉତ୍କଳ ସମ୍ମିଳନୀର ନବମ ଅଧିବେଶନ, ପୁରୀଠାରେ ୧୯୧୩ ମସିହାରେ ସଭାପତିଙ୍କ ବକ୍ତୃତା ।

Digitized by srujanika@gmail.com

ସେହି ହେତୁରୁ ଉତ୍କଳର କେହି କୁଡ଼ା ସନ୍ତାନ ସେ ସ୍ଥାନରେ ବସିବାକୁ ଚାହାନ୍ତି ନାହିଁ । ମନେ କରନ୍ତି ଏହା ଅଯୋଗ୍ୟ ଲୋକର ଉପଯୁକ୍ତ ସ୍ଥାନ । ଏଥିକର ଉତ୍କଳ ମାତାର ମୁଁ ଜଣେ ଅଯୋଗ୍ୟ ସନ୍ତାନ ଥିବାରୁ କର୍ତ୍ତବ୍ୟାନୁରୋଧରେ ବାଧ ହୋଇ ଏ ସ୍ଥାନରେ ଉପସ୍ଥିତ ହେଲି । ଏତଦ୍ଦ୍ୱାରା ଉତ୍କଳର ମଙ୍ଗଳ ହେବକି ଅମଙ୍ଗଳ ହେବ ତାହା ଆପଣମାନେ ବିଚାର କରିବେ । ସମ୍ମିଳନୀର ପ୍ରତ୍ୟେକ ଅଧିବେଶନରେ ଉତ୍କଳର ଉନ୍ନତି ସାଧନ ସକାଶେ ଅନେକ ପ୍ରସ୍ତାବ ଏଥିପୂର୍ବେ ହୋଇଥିଲା । ସେସବୁ ପ୍ରସ୍ତାବ କାର୍ଯ୍ୟରେ ପରିଣତ ହୋଇ ନାହିଁ ବୋଲି ମୁଁ ଶୁଣିଅଛି । ତାହା ସତ୍ୟ କି ମିଥ୍ୟା ବିଚାର କରିବାର ଅଧିକାର ମୋହର ନାହିଁ । କିନ୍ତୁ ଯେଉଁସବୁ କାର୍ଯ୍ୟ କରିବାର ପ୍ରସ୍ତାବ ହୋଇଥିଲା ସେସବୁ ଉନ୍ନତିପଥରେ ଉତ୍କଳବାସୀମାନେ ଯେ ଗତ ଦଶବର୍ଷ ମଧ୍ୟରେ ଅଗ୍ରସର ହୋଇଅଛନ୍ତି ତାହା କୌଣସି ପ୍ରକାରେ ଲୁହାଯାଇ ନ ପାରେ । ଉତ୍କଳ-ବାସୀଙ୍କ ମଧ୍ୟରେ ଯେଉଁମାନେ ଉଚ୍ଚ ଶ୍ରେଣୀସ୍ଥ ଅଟନ୍ତି ସେମାନେ ପ୍ରତ୍ୟେକ ଅଧିବେଶନରେ ସମ୍ମିଳନୀର କାର୍ଯ୍ୟରେ ଯୋଗ ଦାନ କରିଥିଲେ ଏବଂ ଉତ୍କଳର ଉନ୍ନତି ସମ୍ବନ୍ଧେ ଅନୁରାଗ ଓ ଉତ୍ସାହ ପ୍ରକାଶ କରିଥିଲେ । କିନ୍ତୁ କାର୍ଯ୍ୟରେ କୌଣସି ଉନ୍ନତି ହୋଇ ନାହିଁ । ଯଦ୍ୟପି ପ୍ରକୃତରେ ଉତ୍କଳର ଉନ୍ନତି ସାଧନ କରିବାକୁ ଆପଣମାନଙ୍କର ଇଚ୍ଛା ହୁଏ, ତାହା ହେଲେ କି କାରଣରୁ ବିଗତ ଚେଷ୍ଟା ସବୁ ସଫଳ ହୋଇ ନାହିଁ, ବର୍ତ୍ତମାନ ଅଧିବେଶନରେ ତାହାର ଅନୁସନ୍ଧାନ କରିବା ଆବଶ୍ୟକ । ଏ ପ୍ରକାର ଅନୁସନ୍ଧାନ କରିବାକୁ ହେଲେ ପ୍ରଥମେ ଉତ୍କଳ ସମ୍ମିଳନୀର ଅର୍ଥ ବୁଝିବା ଉଚିତ ଏବଂ 'ଉତ୍କଳ ସମ୍ମିଳନୀ'ର ଅର୍ଥ ବୁଝିବା ପୂର୍ବେ 'ସମ୍ମିଳନୀର' ଅର୍ଥ ବୁଝିବା ଆବଶ୍ୟକ ।

ପୃଥିବୀରେ ନାନା ପ୍ରକାର ମିଳନ ହୁଏ । ଜଡ଼ ପଦାର୍ଥର ମିଳନ ହୁଏ । ପଶୁମାନଙ୍କର ମିଳନ ହୁଏ । ବୃକ୍ଷାଦିର ମିଳନ ହୁଏ ଏବ ମନୁଷ୍ୟର ମିଳନ ହୁଏ । ବଢ଼େଇ ଦୁଇ ଖଣ୍ଡ କାଠକୁ ମିଳନ କରାଏ । ଏହା ଜଡ଼ ପଦାର୍ଥ ମିଳନର ଗୋଟିଏ ଉଦାହରଣ । ଆହୁରି ମଧ୍ୟ ଆପଣମାନେ ଦେଖିଥିବେ, ଚୋଲପ ଗଛ କଲମଦ୍ୱାରା ଏକପ୍ରକାର ମିଳନ ହୁଏ ଯେ ଏକ ବୃକ୍ଷରେ ନାନା ରଙ୍ଗର ଫୁଲ ଫୁଟେ । ମନୁଷ୍ୟ ଜାତିର ମିଳନ ମଧ୍ୟ ନାନା ଅଭିପ୍ରାୟରେ ହୁଏ । ଏ ସମୁଦାୟ ଉଦାହରଣରୁ ମିଳନ କାହାକୁ କହନ୍ତି ତାହା ଆମ୍ଭେମାନେ ବୁଝି ପାରିଅଛୁ । କିନ୍ତୁ ମିଳନ ଓ ସମ୍ମିଳନ ଏକ ଶବ୍ଦ ନୁହେଁ କମ୍ବା ଏକ ଅର୍ଥ ବୁଝାଏ ନାହିଁ । କାଠ ଦୁଇ ଖଣ୍ଡ ଏକାଠି କରିବାକୁ ବଢ଼େଇ କଣ୍ଟା ମାରେ କମ୍ବା ଶିଗ୍ରାପ ଲଗାଏ । ଦୁଇଟି ଗଛ ଏକ ଦୋଖାଗଲେ ମଧ୍ୟ ଭିନ୍ନ ଭିନ୍ନ ପ୍ରକାର ଫଳ ଫଳନ୍ତି । ପଶୁମାନଙ୍କର ମିଳନ ଶତ୍ରୁଭୟରେ ହୋଇଥାଏ । ଏପରି ସମ୍ମିଳନଦ୍ୱାରା ଉଭୟ ଉଭୟ ପଦାର୍ଥ ମଧ୍ୟରୁ ତାହାର

Digitized by srujanika@gmail.com

ପ୍ରକୃତିର ପରିବର୍ତ୍ତନ ହୁଏ ନାହିଁ । ରସାୟନ ଶାସ୍ତ୍ରରୁ ଆପଣମାନେ ଜାଣି ଯେ ଏ ପ୍ରକାର ପଦାର୍ଥ ଅଛି ଯାହାଁରୁ ଦୁଇଗୋଟି ମିଶାଇ ଦେଲେ ଯେ ପଦାର୍ଥ ଉତ୍ପନ୍ନ ହୁଏ ତାହାର ଗୁଣ ଓ ପ୍ରକୃତି ସମ୍ପୂର୍ଣ୍ଣ ପୃଥକ୍ । ଯେଉଁ ଦୁଇ ପଦାର୍ଥ ମିଳନରେ ତୃତୀୟ ଉତ୍ପନ୍ନ ହୋଇଅଛି, ସେ ଦୁଇ ପଦାର୍ଥର ଗୁଣ ଓ ଲକ୍ଷଣ ଏକ ପ୍ରକାର ଏବଂ ଉକ୍ତ ମିଳନଦ୍ୱାରା ଯେଉଁ ପଦାର୍ଥ ଜାତ ହୁଏ ତାହାର ଗୁଣ ସମ୍ପୂର୍ଣ୍ଣରୂପେ ଅନ୍ୟ ପ୍ରକାର । ଉଦାହରଣ ସ୍ୱରୂପ ଉଲ୍ଲେଖ କରୁଅଛି ପାଣି ଦୁଇଗୋଟି ବସ୍ତୁରୁ ଉତ୍ପନ୍ନ ହୁଏ । ବସ୍ତୁକୁ ଏକ ପ୍ରକାର ବାମ୍ଭ କୁହାଯାଇ ପାରେ । ସାନ୍ଦ ଦୁଇଗୋଟି ବାମ୍ଭର ସମ୍ମିଳନରେ ଯାହା ଉତ୍ପନ୍ନ ହେଲା ତାହା ପାଣି । ବାମ୍ଭ ଦୃଷ୍ଟିର ଅଗୋଚର, ପାଣି ଦୃଶ୍ୟମାନ । ବାମ୍ଭ ଊର୍ଦ୍ଧ୍ୱଗାମୀ । ପାଣି ନିମ୍ନଗାମୀ । ଏହାସବୁ ଦୁହିଙ୍କର ଗୁଣ ଓ ଲକ୍ଷଣ ସମ୍ପୂର୍ଣ୍ଣ ରୂପେ ପୃଥକ୍ । ଅତଏବ ସମ୍ମିଳନୀର ଅର୍ଥ ଏ ପ୍ରକାର ମିଳିବା । ଯେ ମିଳିତ ପଦାର୍ଥ ମାନଙ୍କର ପୃଥକ ଅସ୍ତିତ୍ୱ ଓ ଗୁଣ ଲୋପ ହୋଇ ଏକ ନୂତନ ପଦାର୍ଥ ଉତ୍ପନ୍ନ ହେବ । ବ୍ୟକ୍ତିଗତ ଜୀବନ ଲୋପ ହୋଇ ଜାତୀୟ ଜୀବନରେ ପରିଣତ ନ ହେବାଯାଏ ପ୍ରକୃତ ମିଳନ ଅସମ୍ଭବ । ଉତ୍କଳ ସମ୍ମିଳନୀର ଉଦ୍ଦେଶ୍ୟ ସମସ୍ତ ଉତ୍କଳବାସୀଙ୍କର ମଙ୍ଗଳ ସାଧନ । ସମସ୍ତ ଉତ୍କଳବାସୀ କହିଲେ ଏକ ଜାତି ବୁଝାଏ । ଜାତି ଶବ୍ଦ ସାଧାରଣତଃ ବ୍ରାହ୍ମଣାଦି ବର୍ଣ୍ଣଙ୍କୁ ବୁଝାଇଥାଏ । କିନ୍ତୁ ସେ ଅର୍ଥରେ ମୁଁ ଜାତି ଶବ୍ଦ ବ୍ୟବହାର କରୁ ନାହିଁ । ଯେଉଁ ଅର୍ଥରେ ଇଂରେଜ ଜାତି, ଜାପାନ ଜାତି, ବଙ୍ଗାଳ ଜାତି ଏହି ଶବ୍ଦମାନ ଆମ୍ଭେମାନେ ବ୍ୟବହାର କରିଥାଉଁ ସେହି ଅର୍ଥରେ ମୁଁ ଜାତି ଶବ୍ଦ ବ୍ୟବହାର କରୁଅଛି । ଉତ୍କଳ ଜାତିର ଅର୍ଥ ଯେଉଁମାନେ ଆପଣାକୁ ଉତ୍କଳ ସନ୍ତାନ ବୋଲି ମନେ କରନ୍ତି ଏବଂ ଉତ୍କଳର ଅତୀତ ଗୌରବରେ ଯେଉଁମାନେ ଆପଣଙ୍କୁ ଗୌରବାନ୍ୱିତ ମନେ କରନ୍ତି ଏବଂ ଭବିଷ୍ୟ ଗୌରବକୁ ଆକାଂକ୍ଷା କରନ୍ତି, ସେମାନଙ୍କୁ ମୁ ଉତ୍କଳ ଜାତି ବୋଲି ଜ୍ଞାନ କରେ । କୌଣସି ଜାତିର ଉନ୍ନତି ସାଧନ କରିବା ନିମନ୍ତେ ଯେଉଁ ବ୍ୟକ୍ତିମାନେ ଇଚ୍ଛା କରନ୍ତି ସେମାନଙ୍କର ପ୍ରଥମେ ଆପଣାକୁ ଆପେ ପରୀକ୍ଷା କରିବା ଉଚିତ । ପରୀକ୍ଷାର ଉଦ୍ଦେଶ୍ୟ ଯେ ତାଙ୍କ ହୃଦୟରେ ଜାତୀୟ ଜୀବନର ଉତ୍ପତ୍ତି ହୋଇଛି କି ନା ? ଆପଣାକୁ ଆପେ ପରୀକ୍ଷା କରିବାକୁ ହେବ । ଯେ ପରୀକ୍ଷା କରିବେ ଓ ଯାହାଙ୍କର ପରୀକ୍ଷା ହେବ ସେମାନେ ଏ ସ୍ଥଳରେ ପୃଥକ୍ ବ୍ୟକ୍ତି ନ ହୋଇ ଏକ ବ୍ୟକ୍ତି ଅଟନ୍ତି । ଆପଣାକୁ ଆପେ ପରୀକ୍ଷା କରିବା ଏକ ଭାବରେ ବଡ଼ ସହଜ କାର୍ଯ୍ୟ, ମାନ୍ତ ପ୍ରକୃତରେ ବଡ଼ ଜଟିନ ଅଟେ । ମନୁଷ୍ୟ ସ୍ୱଭାବତଃ ପରର ଦୋଷ ସହଜରେ ଦେଖି ପାରେ । ନିଜର ଦୋଷ ଦେଖିବା ତାହା ପକ୍ଷରେ ସହଜ ନୁହେଁ । ଅନ୍ଧକାର ରାତ୍ରିରେ ଚନ୍ଦ୍ରର ଉଦୟ ହେଲେ ଅନ୍ଧକାର ଦୂର ହୁଏ । ମାନ୍ତ ମନୁଷ୍ୟ ଚନ୍ଦ୍ରର କଳଙ୍କ ଦେଖିବାକୁ ଛଡ଼େ

Digitized by srujanika@gmail.com

ନାହିଁ । ଆପେ ଯେ ଅନ୍ଧକାରରେ ଥିଲୁ ଏ କଥା ସେ ଭୁଲିଯାଏ । ପଇଁତିରା ନଜେ କଲା, ମାନ କାଳଆ ବସ୍ତ୍ର ଦେଖିଲେ କ୍ରୋଧ ପ୍ରକାଶ କରେ । ଯେ ପିନ୍ଧିଥାଏ ତାକୁ ମାରବାକୁ ଦଉଡ଼େ । ସୁତରାଂ ଦେଖାଯାଏ ଆତ୍ମପରୀକ୍ଷା ବଡ ସହଜ ନୁହେଁ । ତହିଁରେ ପୁଣି ଆତ୍ମପରୀକ୍ଷା ଦ୍ୱାରା ଆମ୍ଭେମାନେ ଯଦ୍ୟା ସ୍ଥିର କରିବୁଁ ତାହାକୁ ଯେ ଜାତି ପ୍ରକୃତ ବୋଲି ଗ୍ରହଣ କରିବ ଏହା ଆଶା କରାଯାଇ ନ ପାରେ । ଆତ୍ମପରୀକ୍ଷାର ଫଳ ଠିକ କି ନା ଜାତି ତାହାର ବିଚାର କରିବେ । ସେମାନେ ଆମ୍ଭମାନଙ୍କର କାର୍ଯ୍ୟରୁ ଦେଖିବେ ଯେ ଜାତୀୟ ଜୀବନ ଆମ୍ଭମାନଙ୍କର ବ୍ୟକ୍ତିଗତ ସ୍ୱାର୍ଥପରତାକୁ ବିନାଶ କଲା ସଙ୍କୁଚିତ କରୁଅଛି କି ନା ।

ପ୍ରତ୍ୟେକ ବ୍ୟକ୍ତିର ଦୁଇଗୋଟି ଜୀବନ ଅଛି । ଗୋଟିଏ ହେଉଛି ବ୍ୟକ୍ତିଗତ, ଅନ୍ୟଟି ହେଉଅଛି ଜାତୀୟ ଜୀବନ । ମୋତେ ଯେବେ କୁବାକ୍ୟ ଦ୍ୱାରା କେହି ସମ୍ବୋଧନ କରେ ମୋହର ତହିଁରେ ବିରକ୍ତି ଜାତ ହେବ । କିନ୍ତୁ ଯଦି କେହି ଓଡ଼ିଆ ଜାତି ପ୍ରତି କୁବାକ୍ୟ ପ୍ରୟୋଗ କରି ମୋତେ ସମ୍ବୋଧନ କରେ ତାହାହେଲେ ତଦ୍ଦ୍ୱାରା ମୋହର ବିରକ୍ତି ଜାତ ହେବ ଏବଂ ଆପଣମାନଙ୍କ ମଧ୍ୟରୁ ସମସ୍ତଙ୍କ ମନରେ ବିରକ୍ତି ଜାତ ହେବ । ପ୍ରଥମ ଦୃଷ୍ଟାନ୍ତରେ ବ୍ୟକ୍ତିଗତ ଜୀବନରେ ଆଘାତ ଲଗିଲା । ଦ୍ୱିତୀୟ ଦୃଷ୍ଟାନ୍ତରେ ଜାତୀୟ ଜୀବନରେ ଆଘାତ ଲଗିଲା । ଏଥିରୁ ଆପଣମାନେ ବୁଝି ପାରିବେ ଯେ ପ୍ରତ୍ୟେକ ବ୍ୟକ୍ତିର ଦୁଇଗୋଟି ଜୀବନ ଅଛି ଏବଂ ଯେଉଁ ପରିମାଣରେ ସେ ଏହି ଦୁଇ ଜୀବନର ପରିମ୍ଭଳନ କରି ତଦନୁସାରେ ସେ ନିଜର ଉନ୍ନତିପଥରେ କିମ୍ବା ଜାତିର ଉନ୍ନତିପଥରେ ଅଗ୍ରସର ହେବ ।

ପ୍ରତ୍ୟେକ ବ୍ୟକ୍ତିର ଯେ ପ୍ରକାର ଗୁଣ ଓ ଦୋଷ ଅଛି, ପ୍ରତ୍ୟେକ ଜାତିର ମଧ୍ୟ ସେହି ପ୍ରକାର ଗୁଣ ଓ ଦୋଷ ଅଛି । ଯେଉଁ ଗୁଣ ଜାତିର ଅଧିକାଂଶ ଲୋକଙ୍କ ମଧ୍ୟରେ ଦେଖାଯାଏ ତାହାକୁ ଜାତୀୟ ଗୁଣ କହନ୍ତି । ସେହି ଗୁଣ ଉପାର୍ଜ୍ଜନରେ ସମସ୍ତ ଲୋକମାନେ ଚେଷ୍ଟା କରିଥିବାରୁ ତାହା ଜାତୀୟ ଗୁଣ ହୋଇଅଛି । ସେ ପ୍ରକାର ଚେଷ୍ଟା କରିବା ସମସ୍ତଙ୍କରେ ଲୋକମାନଙ୍କୁ କଷ୍ଟ ସ୍ୱୀକାର କରିବାକୁ ହୋଇଅଛି, ବିପଦାପନ୍ନ ହେବାକୁ ହୋଇଅଛି । ଯାହି ସେମାନଙ୍କ ମଧ୍ୟରେ ଜାତୀୟ ଜୀବନ ଥିବାରୁ ସେମାନେ ପରାଙ୍ମୁଖ ହୋଇ ନାହାନ୍ତି । ଇଂରେଜ ସାହସୀ ଜାତି । ଦଶହଜାର ଇଂରେଜଙ୍କୁ ଏକତ୍ର କଲେ ତାଙ୍କ ସମ୍ମୁଖରେ

"Rule Britania rule the waves Britons never never shall be slaves"

Digitized by srujanika@gmail.com

ଏ ପଦକ୍ଷି ବୋଲ ଦେଖିବା ଏହାର ଶବ୍ଦ ସେମାନଙ୍କ କର୍ଣ୍ଣରେ ପଡ଼ିଲ୍ଯଶି ଜାତୀୟ ଜୀବନ ଉତ୍ତେଜିତ ହୋଇ ସେମାନଙ୍କ ମୁଖର ବର୍ଣ୍ଣରେ ପ୍ରଭାବିତ ହେବ, ଇଂରେଜ କେବେ ଜାହାର ଦାସତ୍ୱ ସ୍ୱୀକାର କରିବ ନାହିଁ ।

ଏକ ସମୟରେ କେତେକ ଜାପାନୀ ବଲ୍ଲାଡ ଯାଇଥିଲେ । ସେ ସମୟରେ ଜାପାନ ଦେଶର ଲୋକମାନେ ଚୀନ ଦେଶର ଲୋକମାନଙ୍କ ପରି ଚୁଟି ରଖୁଥିଲେ । ବଲ୍ଲାଡର ଲୋକମାନେ ସେମାନଙ୍କୁ ଚୀନ ଦେଶର ଲୋକ ବୋଲି ମନେ କରିବାରୁ ସେମାନେ ଅନାର୍ଯ୍ୟ ଜାତି ବୋଲି ପରିଚିତ ହେବା ଲକ୍ଷ୍ୟରେ ବଖୟ ଜ୍ଞାନ କରି ସମସ୍ତ ଜାତି ଚୁଟି କାଟି ପକାଇଲେ । ତାହାଲ କୁକ୍କୁଟଛୁଆ ମହାବଳ ବାଘକୁ ଦେଖି ପଳାଇବାକୁ ଚେଷ୍ଟା ନ କରି ଆକ୍ରମଣ କରିବାକୁ ଦୌଡ଼ିବ । ଏହାର କାରଣ କଣ ? ତାହାର ଜାତୀୟ ଜୀବନ ସେ ରକ୍ଷା କରିବାକୁ ଚାହେଁ—"ବାଘ ପଛେ ମତେ ମାରୁ, ମୁଁ ମୋହର ଜାତିଗୁଣ ରକ୍ଷା ପାଇଁ ପ୍ରାଣ ଦେବ ।" ଚଳିତ ଡିସମ୍ବର ୨୦ ତାରିଖ 'ଉତ୍କଳ ଦୀପିକା' ରେ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି କି କେତେକ ଓଡ଼ିଆ ବଙ୍ଗାଳି ବୋଲି ପରିଚୟ ଦଅନ୍ତି । ଏ ବଖୟରେ ମୁଁ କୌଣସି ମତ ପ୍ରକାଶ କରିବାକୁ ଚାହେଁ ନାହିଁ । ଜାତିର ବଗୁର କରିବା ଜଣେ ବ୍ୟକ୍ତିର ଜରିତ ନୁହେଁ ଏବଂ ସେ ପ୍ରକାର କରିବାର ଅଧିକାର ମଧ୍ୟ କାହାର ନାହିଁ । କନ୍ତୁ ଉତ୍କଳ ସମ୍ମିଳନୀ ଜାତିର ସତ୍ତା । ଏଠାରେ ଜାତି ଉପସ୍ଥିତ । ପଶୁ ପକ୍ଷୀମାନଙ୍କର ମଧ୍ୟ ଜାତୀୟ ଗୁଣ ଅଛି । କାରଣ ସେମାନଙ୍କର ଜାତୀୟ ଜୀବନ ଅଛି । ବର୍ତ୍ତମାନ ମୁଁ ଏହି ମହାସଭାରେ ଆପଣମାନଙ୍କ ଠାରୁ ଜାଣିବାକୁ ଚାହେଁ, ଆମ୍ଭ ଜାତିର କ ଗୁଣ ଅଛି ? ଯେଉଁ ଗୁଣ ବଶେଷ ରୂପେ ଉତ୍କଳୀୟମାନଙ୍କର ଅଟେ । ଯଦି ଏ ପ୍ରକାର କୌଣସି ଗୁଣ ନ ଥାଏ, ତାହାହେଲେ ବୁଝିବାକୁ ହେବ, ଆମ୍ଭମାନଙ୍କ ମଧ୍ୟରେ ଜାତୀୟ ଜୀବନ କେବେ ସଞ୍ଚାର ହୋଇ ନାହିଁ ।

ମନୁଷ୍ୟ ଭୂମିଷ୍ଠ ହେବା ସମୟରୁ କୈବଳ ମାଂସପିଣ୍ଡ ପ୍ରାୟ ଜୀବନ ଆରମ୍ଭ କରେ । ଶିଶୁକାଳରେ ସ୍ୱାର୍ଥପରତା ପ୍ରବଳ ଥିବାର ଦେଖାଯାଏ । ଶିଶୁ ଆପଣାର ସୁଖ ବ୍ୟତିରକେ ଆଉ କିଛି କାମନା କରେ ନାହିଁ । ପରର ଦ୍ରବ୍ୟକୁ ଆପଣାର ମନେ କରେ ଏବଂ ତାହା ନ ପାଇଲେ କ୍ରୋଧରେ ରୋଦନ କରେ । କ୍ରମେ ବାଲ୍ୟକାଳ ଉପସ୍ଥିତ ହେଲେ କ୍ରୀଡ଼ାଭୂମିରେ କମ୍ବା ବଦ୍ୟାଳୟରେ ଖେଳିବା ଓ ପଢ଼ିବାର ସଙ୍ଗୀମାନଙ୍କର ସୁଖ କ୍ୟୁତ୍ ପରିମାଣରେ କାମନା କରେ ଏବଂ ଯେଉଁ ପରିମାଣରେ ପରର ସୁଖ କାମନା କରେ ସେହି ପରିମାଣରେ ତାହାର ସ୍ୱାର୍ଥପରତାର ହ୍ରାସ ହୁଏ । ବଡ଼ାଡ଼ କଲେ ଏବଂ ସନ୍ତାନ

Digitized by srujanika@gmail.com

ସନ୍ତୁଷ୍ଟ ହେଲେ ପରର ମଙ୍ଗଳ ଚନ୍ତା, ପରର ସୁଖ ଚନ୍ତା କ୍ରମେ ବୁଦ୍ଧି ପାଏ। ଆପେ କଷ୍ଟ ସ୍ୱୀକାର କରି, ଛିନ୍ନବସ୍ତ୍ର ପରିଧାନ କରି, ଆବଶ୍ୟକ ହେଲେ ଅନାହାରରେ ଥାଇ ସ୍ତ୍ରୀ ଓ ସନ୍ତାନ ସନ୍ତୁଷ୍ଟମାନଙ୍କୁ ସୁଖରେ ରଖିବାର ଚେଷ୍ଟା କରେ। ଏଥିରୁ ଦେଖାଯାଏ, ସ୍ୱାର୍ଥପରତାର ହ୍ରାସ, ପରୋପକାରିତାର ବୃଦ୍ଧି ହେଉଛି ମନୁଷ୍ୟଜୀବନର ଈଶ୍ୱରକୃତ ନିୟମ। ଅଧିକାଂଶ ଲୋକଙ୍କ ଜୀବନରେ ପରିବାରର ମଙ୍ଗଳଚେଷ୍ଟା ଉନ୍ନତିର ଶେଷସୀମା ପରି ଦୃଷ୍ଟ ହୁଏ। କନ୍ତୁ ଯେଉଁମାନେ ମନୁଷ୍ୟଜୀବନର ପ୍ରକୃତ ଉଦ୍ଦେଶ୍ୟ ବୁଝିଅଛନ୍ତି, ସେମାନଙ୍କ ପକ୍ଷରେ ନିଜ ପରିବାରର ସୁଖସାଧନ ଜୀବନର ଶେଷ ସୀମା ନୁହେଁ। ଏ ପ୍ରକାର ବ୍ୟକ୍ତିମାନେ ସମାଜର ମଙ୍ଗଳ, ଜାତିର ମଙ୍ଗଳ ଏବଂ କେହି କେହି ପୃଥିବୀର ସମସ୍ତ ଜାତିର ମଙ୍ଗଳ ସାଧନରେ ଆପଣାର ଜୀବନ ଉତ୍ସର୍ଗ କରନ୍ତି।

ଏଥିରୁ ଦେଖାଯାଏ ମାନ ଉନ୍ନତିର ସର୍ବନିମ୍ନ ସୋପାନ ହେଉଛି ସ୍ୱାର୍ଥପରତା। ତହିଁପରେ ସଦ୍ଗୁଣମାନଙ୍କର ମଙ୍ଗଳ ସାଧନ, ତହିଁପରେ ପାରିବାରିକ ଜୀବନ, ତହିଁପରେ ଜାତୀୟ ଜୀବନ। ଜାତୀୟ ଜୀବନ ଉଦ୍ଭବ ହେବା ଦ୍ୱାରା ଜାତିର ଉନ୍ନତିସାଧନ ସମ୍ବନ୍ଧେ କାର୍ଯ୍ୟ ଆରମ୍ଭ କଲେ ସେ କାର୍ଯ୍ୟ ସଫଳ ହେବାର ସମ୍ଭବ ନୁହେଁ। ଯେବେ ଉତ୍କଳବାସୀଙ୍କ ମଧ୍ୟରୁ ପ୍ରଧାନ ପ୍ରଧାନ ବ୍ୟକ୍ତିମାନଙ୍କର ଜାତୀୟ ଜୀବନ ଥାନ୍ତା ଏବଂ ସେମାନେ ଯେଉଁ ଉତ୍କଳ ସମ୍ମିଳନୀ କାର୍ଯ୍ୟରେ ମନୋଯୋଗୀ ହୋଇଥାନ୍ତେ, ତାହାହେଲେ ସମ୍ମିଳନୀ ପ୍ରସ୍ତାବମାନ ବିଫଳ ହୋଇ ନ ଥାନ୍ତା ?

ଜାତୀୟ ଜୀବନ ଏବଂ ବ୍ୟକ୍ତିଗତ ଜୀବନ ଏ ଦୁଇ ମଧ୍ୟରେ ପ୍ରଭେଦ ବୁଝାଇବାକୁ ଆମ୍ଭେମାନେ ଚେଷ୍ଟା କରିଅଛୁଁ। ଆଶା କରେ ଏ ପ୍ରଭେଦ ମନରେ ରଖି ଆମ୍ଭମାନଙ୍କ ମଧ୍ୟରେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ହୃଦୟରେ ଜାତୀୟ ଜୀବନର ପ୍ରବାହ ବର୍ଦ୍ଧନ କରି କାର୍ଯ୍ୟରେ ତାହାର ଫଳ ଦେଖାଇବାକୁ ଚେଷ୍ଟା କରିବେ।

ଜାତୀୟ ଜୀବନ ଏବଂ ବ୍ୟକ୍ତିଗତ ଜୀବନର ଯେ ପ୍ରକାର ପ୍ରଭେଦ ଅଛି, ଜାତୀୟ ଉନ୍ନତି ଓ ବ୍ୟକ୍ତିଗତ ଉନ୍ନତିରେ ମଧ୍ୟ ସେହି ପ୍ରକାର ପ୍ରଭେଦ ଅଛି। ଏ ପ୍ରଭେଦ ଉତ୍କଳ ସମ୍ମିଳନୀର ମଙ୍ଗଳାକାଙ୍କ୍ଷୀମାନେ ସ୍ମରଣ ରଖିବା ଉଚିତ। ବର୍ତ୍ତମାନ ଭାରତବର୍ଷରେ ଶିଳ୍ପର ଉନ୍ନତି ସମ୍ବନ୍ଧେ ଅନେକ ବକ୍ତୃତା ଓ ଅନେକ ଉଦ୍ଯୋଗ ଦେଖାଯାଏ। ସୁଶିକ୍ଷିତ ବ୍ୟକ୍ତିମାନେ ସ୍ୱୀକାର କରନ୍ତି ଯେ ଶିଳ୍ପର ଉନ୍ନତି ନ ହେଲେ ଭାରତବର୍ଷର ଉନ୍ନତି ହେବ ଅସମ୍ଭବ। ସମ୍ମିଳନୀ ଅଧିବେଶନରୁ ମଧ୍ୟ ଏ ସମ୍ବନ୍ଧେ ଅନେକ ପ୍ରସ୍ତାବ ହୋଇଅଛି ଓ ଦୀର୍ଘ ବକ୍ତୃତା-

Digitized by srujanika@gmail.com

ମାନ ହୋଇଅଛି । କନ୍ତୁ ଯେଉଁମାନେ ବକ୍ତୃତା କରନ୍ତି ସେମାନେ ଜଣେ ଶିଳ୍ପୀଙ୍କ ପରି ତାହା କରନ୍ତି ନାହିଁ । ଅଧୁନା ଓଡ଼ିଶାର ସୁଶିକ୍ଷିତ ଯୁବକ-ମାନଙ୍କ ମଧ୍ୟରେ ସରକାରୀ ଚାକିରୀ କିମ୍ବା ଓକାଲତି ଜୀବନର ଉଦ୍ଦେଶ୍ୟ ଦେଖାପାଏ । ଏପ୍ରକାର ହେବାର କାରଣ କ'ଣ ? ମୋ କ୍ଷୁଦ୍ର ବିବେଚନାରେ ଏହାର କାରଣ ଆମ୍ଭମାନେ ଶିକ୍ଷାର ଓ ଜାତୀୟ ଉନ୍ନତିର ତ୍ରୁଟି ବୁଝି ନାହୁଁ ।

ଜାତିର ଶିକ୍ଷା ଓ ବ୍ୟକ୍ତିଗତ ଶିକ୍ଷା ଦୁଇଟି ସମ୍ପୂର୍ଣ୍ଣ ରୂପେ ପୃଥକ୍ ଉପାୟ-ଦ୍ୱାରା ସମ୍ପାଦିତ ହୁଏ । ଆଜି ଶିକ୍ଷା ଅର୍ଥାତ୍ କଲେଜରେ ବି.ଏ., ଏମ୍.ଏ. ପାସ କରିବା ଦ୍ୱାରା ଜାତିର ଉନ୍ନତି ହୋଇ ପାରେ ନାହିଁ । କାରଣ ଏପ୍ରକାର ଶିକ୍ଷାର ଉଦ୍ଦେଶ୍ୟ ସରକାରୀ ଚାକରୀ, ଓକାଲତି, ଡାକ୍ତରୀ, ବାରିଷ୍ଟରୀ କିମ୍ବା ଅନ୍ୟ କୌଣସି ବ୍ୟବସାୟ, ପଦ୍ଧାରା ଯେଉଁ ବ୍ୟକ୍ତି ସେ ବ୍ୟବସାୟ ଅବଲମ୍ବନ କଲେ ସେ ତାହାର ବଦ୍ୟା ଓ ବୁଦ୍ଧିର ମୂଲ୍ୟ ପାଏ । କୌଣସି ଜାତିରେ ସମସ୍ତ ଲୋକେ ଏ ପ୍ରକାର ଉଚ୍ଚଶିକ୍ଷା ଲାଭ କରିବାର ଏ ପର୍ଯ୍ୟନ୍ତ ଦେଖାଯାଏ ନାହିଁ ଏବଂ ଏହା ହେବାର ସମ୍ଭବ ନୁହେଁ । ଯଦି କୌଣସି ସମାଜରେ ଏ ପ୍ରକାର ଅବସ୍ଥା ହୁଏ ତାହାହେଲେ ସେ ସମାଜ ନିଶ୍ଚୟ ଶୀଘ୍ର ବିନାଶ ପ୍ରାପ୍ତ ହେବ । ଜାତିର ସମସ୍ତ ଲୋକମାନେ ଡାକ୍ତର କି ଓକିଲ ହେଲେ ସେ ଜାତିର କି ପ୍ରକାର ଶୋଚନୀୟ ଅବସ୍ଥା ହେବ, ତାହା ବାଖ୍ୟା କରିବା ଅନାବଶ୍ୟକ । ଯେଉଁମାନେ ଅଦ୍ୟ ଉଚ୍ଚଶିକ୍ଷାର ପକ୍ଷପାତୀ ସେମ ନଙ୍କର ସ୍ମରଣ ରଖିବା ଉଚିତ ଯେ ମନୁଷ୍ୟର ଶରୀର ଅଛି ଓ ବୁଦ୍ଧି ଅଛି । କେତେକ ଲୋକଙ୍କ ଠାରେ ବୁଦ୍ଧିର ପ୍ରଖରତା ଦେଖାଯାଏ । ସେମାନେ ମାନସିକ ଶକ୍ତିର ଚାଳନା ଦ୍ୱାରା ଉନ୍ନତି ଲାଭ କରି ପାରନ୍ତି । କନ୍ତୁ ଏ ପ୍ରକାର ଲୋକମାନଙ୍କ ସଂଖ୍ୟା ଅତି ଅଳপ । ସମସ୍ତ ମନୁଷ୍ୟଙ୍କର ହାତ, ଆଖି, କାନ, ନାକ ଓ ଜିଭ ଅଛି । ଶିକ୍ଷାଦ୍ୱାରା ବୁଦ୍ଧିର ଯେ ପ୍ରକାର ଉନ୍ନତି ହୋଇ ପାରେ, ପରୀକ୍ଷା ଦ୍ୱାରା ହସ୍ତାଦମାନଙ୍କର ମଧ୍ୟ ସେହି ପ୍ରକାର ଉନ୍ନତି ହୋଇ ପାରେ । ସାଧାରଣ ଲୋକ ଅପେକ୍ଷା ସୁଶିକ୍ଷିତ ଚକ୍ଷୁର ମୂଲ୍ୟ ଅଧିକ ହୁଏ । ଯେଉଁ ହାତ କୋଡ଼ି ଧରି ମାଟି ହାଣି ସାରାଦିନ ପରିଶ୍ରମ କରି ଦୁଇଅଣା ପଇସା ରୋଜଗାର କରୁଅଛି, ସେହି ହାତ ଶିଳ୍ପୀର ହାତ ହେଲେ ଦିନରେ ଦୁଇଟଙ୍କା ରୋଜଗାର କରି ପାରେ । ହସ୍ତ ଦମାନଙ୍କର ଶିକ୍ଷାଦ୍ୱାରା ଯେ ଜାତିର ଆର୍ଥିକ ଅବସ୍ଥା ଭଲ ହୋଇଯାଇଛି ତାହାର ଦୃଷ୍ଟାନ୍ତ ପୃଥିବୀରେ ଅନେକ ଦେଖା ଯାଏ । ଜର୍ମାନ ଜାତିର ଦାନ ସୁଶିକ୍ଷିତ । ଏମାନେ ସଙ୍ଗୀତ ବଦ୍ୟାରେ ଅତି ନିପୁଣ । ଏହାର ଫଳ ଏହି ଯେ ପୃଥିବୀର ସମସ୍ତ ଦେଶରେ ଜର୍ମାନୀ ନିର୍ମିତ ବାଦ୍ୟଯନ୍ତ୍ରର ବିକ୍ରୟ ହେଉଅଛି ଏବଂ ତଦ୍ଦ୍ୱାରା ସେ ଜାତି କୋଟି କୋଟି ଧନ ଉପାର୍ଜ୍ଜନ କରୁଅଛନ୍ତି । ଫ୍ରେଞ୍ଚ ଜାତି ଚକ୍ଷୁ, ନାସିକା ଓ

Digitized by srujanika@gmail.com

ଜଣାଇବାକୁ ସୁଶିକ୍ଷିତ କରିଅଛନ୍ତି । ଫ୍ରେଞ୍ଚ ଜାତୀୟ ଲୋକଙ୍କର ସୁଶିକ୍ଷିତ ଚକ୍ଷୁ ଥିବାରୁ ସେମାନେ କେଉଁ କେଉଁ ପଦାର୍ଥ ସୁନ୍ଦର, କେଉଁ ରଙ୍ଗ ସୁଦୃଶ୍ୟ ଏ ବିଷୟରେ ଭଲ ବିବେଚନା ଓ ପ୍ରଚାର କରି ପାରନ୍ତି । ଏହି ହେତୁରୁ ଫ୍ରାନ୍ସ ଦେଶରୁ ସବୁ ଜାତିର ମନୋଧେୟ ବସ୍ତ୍ର, ଟୋପି ଏବଂ ଅନ୍ୟାନ୍ୟ ବିଲାସ ପଦାର୍ଥ ପ୍ରଚ୍ଛ ଲୋକ-ମାନେ ବହୁମୂଲ୍ୟରେ କ୍ରୟ କରୁଅଛନ୍ତି । ଆହୁରି ମଧ୍ୟ ଫ୍ରେଞ୍ଚ ଜାତି ସେମାନଙ୍କର ଜଳବାୟୁ ଓ ନାସିକାକୁ ସୁଶିକ୍ଷିତ କରିଥିବାରୁ ଫ୍ରେଞ୍ଚ ଦେଶର ପାଚକମାନେ ବେଶି ବେତନରେ ନାନା ଦେଶରେ କାର୍ଯ୍ୟ ପାଉଅଛନ୍ତି । ଅଧିକ ଉଦାହରଣ ଦେବାର ଆବଶ୍ୟକ ନାହିଁ । ଯାହା ଉଲ୍ଲେଖ କରାଗଲା, ତହିଁରୁ ଆପଣମାନେ ବୁଝି-ପାରିବେ ଯେ ଶରୀରର ଅଙ୍ଗ ପ୍ରତ୍ୟଙ୍ଗ ସୁଶିକ୍ଷିତ ହେବାଦ୍ୱାରା ଜାତିର ଉନ୍ନତି ସମ୍ପାଦନ ହୋଇପାରେ ଓ ଜାତୀୟ ଧନ ବୃଦ୍ଧି ହୋଇ ପାରେ । ମୁଁ ବୋଧକରେ ଉପସ୍ଥିତ ଉତ୍କଳବାସୀଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ଭୁବନେଶ୍ୱର ରାଜାରାଣୀ ମନ୍ଦିରରେ ଥିବା ପ୍ରସ୍ତରଖୋଦିତ ମୂର୍ତ୍ତିମାନ ଦେଖିଥିବେ । ଓଡ଼ିଶାର ଯେଉଁ ହାତ ସେ ମୂର୍ତ୍ତି ନର୍ମାଣ କରିଥିଲା, ସେ ହାତ ଆଜି ଥିଲେ ମର୍ମର ପଥରରେ ମୂର୍ତ୍ତି ପ୍ରସ୍ତୁତ କରିଥାନ୍ତା; ତାହା ବହୁମୂଲ୍ୟ ହୋଇଥାନ୍ତା । କନ୍ତୁ ଯେ ବ୍ୟକ୍ତି ସେହିସବୁ ମୂର୍ତ୍ତି ପ୍ରସ୍ତୁତ କରିଥିଲା ତାହାର ବଂଶଧରମାନେ ବର୍ତ୍ତମାନ ପଥରରେ ଶିଳ ଚକି ଆଦି କରି ଦିନରେ ଦୁଇଅଣା ପଇସା ରୋଜଗାର କରୁଅଛନ୍ତି । କୌଣସି ଦିନ ଗଭର୍ଣ୍ଣମେଣ୍ଟ ଅଫ ଇଣ୍ଡିଆଙ୍କର ଜଣେ ଉଚ୍ଚପଦସ୍ଥ କର୍ମଚାରୀ ମୋତେ କହିଥିଲେ ଯେ, ପଥରରେ ସେ ପ୍ରକାର ମୂର୍ତ୍ତି ଓଡ଼ିଶାରେ କରାଇ ପାରିଲେ କଲିକତାରେ ଏବଂ ଅନ୍ୟାନ୍ୟ ସ୍ଥାନରେ ଗଭର୍ଣ୍ଣମେଣ୍ଟ ଯେଉଁ ବହୁମୂଲ୍ୟ ଅଟ୍ଟାଳିକାମାନ ନର୍ମାଣ କରୁଅଛନ୍ତି, ତହିଁରେ ସେହିସବୁ ମୂର୍ତ୍ତି ଅଟ୍ଟାଳିକାର ଶୋଭା ନମନ୍ତେ ବ୍ୟବହାର କରାଯାଇ ପାରେ । କନ୍ତୁ ତାହା ହେବା ବର୍ତ୍ତମାନ ଅସମ୍ଭବ । କ କାରଣରୁ ଅସମ୍ଭବ ? ଓଡ଼ିଶାରେ ପଥର ଅଛି, ଯେଉଁମାନେ ମୂର୍ତ୍ତି ତିଆରି କରୁଥିଲେ ସେମାନଙ୍କ ବଂଶୋଦ୍ଭବ ବ୍ୟକ୍ତିମାନେ ଅଛନ୍ତି, ସେମାନଙ୍କର ହାତ ଅଛି । ମାତ୍ର ସେ ହାତ କାର୍ଯ୍ୟ କରି ପାରୁ ନାହିଁ ଯେଉଁ ହାତ ଅଛି ତାହା ପଥୁରିଆର ହାତ; ପଥୁରିଆ ଜାତିର ଅବନତି ଅବସ୍ଥାର ହାତ, ଉନ୍ନତି ଅବସ୍ଥାରେ ପଥୁରିଆ ଜାତିର ଯେଉଁ ହାତ ଥିଲା, ସେ ହାତ ବର୍ତ୍ତମାନ ନାହିଁ । ସେ ହାତର ପୁନଃବାର ଉନ୍ନତି କରିବାକୁ ହେଲେ ଶିକ୍ଷା ଓ ଅଭ୍ୟାସ ଆବଶ୍ୟକ । ଉନ୍ନତ ଅବସ୍ଥାର ହାତ ଯେଉଁ କାର୍ଯ୍ୟ ସହଜରେ କରୁଥିଲା ବର୍ତ୍ତମାନ ଅବନତ ହାତ କଷ୍ଟରେ ମଧ୍ୟ ସେ କାର୍ଯ୍ୟ କରି ପାରିବ ନାହିଁ । ଏହା ଉଦାହରଣରୁ ଆପଣମାନେ ବୁଝିବେ, ଜାତିର ହାତର ମୂଲ୍ୟ କପଡ଼ା ବାଡ଼ପାରେ ଓ ଜମିପାରେ ।

ଇଂରେଜ ଜାତି ବାଣିଜ୍ୟ କରିବାକୁ ଯେତେବେଳେ ଭାରତବର୍ଷକୁ ପ୍ରଥମେ ଆସିଥିଲେ ବଙ୍ଗ ଓ ଓଡ଼ିଶା ପ୍ରଦେଶରେ ସେମାନଙ୍କର ବାଣିଜ୍ୟ ସ୍ଥାନ

Digitized by srujanika@gmail.com

ପ୍ରଥମେ ପିପିଲ ଓ କାଲେଶ୍ୱର ଥିଲା । ସେତେବେଳେ ସେମାନେ ଓଡ଼ିଶାରୁ ଓ ଭାରତବର୍ଷରୁ ଏ ଦେଶୀୟ ଶିଳ୍ପୀମାନଙ୍କ ଦ୍ୱାରା ପ୍ରସ୍ତୁତ ପଦାର୍ଥ-ମାନ ଜାଙ୍କ ଦେଶକୁ ନେଇ ଯାଉଥିଲେ । ତଦ୍ଦ୍ୱାରା ବଲ୍ଲତର ଟଙ୍କା ଏ ଦେଶକୁ ପ୍ରତିବର୍ଷ ପରମାଣରେ ଆସୁଥିଲା । ବର୍ତ୍ତମାନ ଅବସ୍ଥା ସମ୍ପୂର୍ଣ୍ଣରୂପେ ପରିବର୍ତ୍ତିତ । ଲୌଶସି ପ୍ରତିଷ୍ଠିତ ବ୍ୟକ୍ତିର ବୈଠକଖାନାଘରେ ପ୍ରବେଶ କଲେ ଯେଉଁ ସ୍ଥିତ ଦ୍ରବ୍ୟମାନଙ୍କର ଯଦି ତାଲିକା କର, ତାହାହେଲେ ଦେଖିବ ପ୍ରାୟ ସମସ୍ତ ପଦାର୍ଥ ବିଦେଶୀ । ଶତବର୍ଷ ପୂର୍ବେ ଯଦି ଏହା ସତ୍ତ୍ୱ ହୋଇଥାନ୍ତା ତାହାହେଲେ ସଭ୍ୟପଦ ଚୌକି ମେଜ ନେଇ ବସି ନ ଥାନ୍ତେ କମ୍ବା ଆପଣ-ମାନେ ଯେ ପ୍ରକାର ଆସନରେ ବସି ଅଛନ୍ତି ତହିଁରେ ମଧ୍ୟ ବସି ନ ଥାନ୍ତେ । ଏପରିକି ବର୍ତ୍ତମାନ ଇଂରେଜ ଜାତି ଲୌଶସି ଆଇନଦ୍ୱାରା କି ପରାମର୍ଶଦ୍ୱାରା କି ଅନୁରୋଧ ଦ୍ୱାରା କରାଇ ନାହାନ୍ତି । ଦୁଇ ଜାତିର ସମ୍ମିଳନ ହେଲେ ଅପେକ୍ଷାକୃତ ଅନୁନ୍ନତ ଜାତି ଉନ୍ନତ ଜାତିର ଅନୁକରଣ କରିବ ଏହା ହେଉଛି ମାନବପ୍ରକୃତିର ଅନିବାର୍ଯ୍ୟ ନିୟମ । ଆମ୍ଭେମାନେ ଇଂରେଜ ଜାତିର ଅନୁକରଣ କରି ପରିଧେୟ ବସ୍ତ୍ର, ବସିବାର ଆସନ, ଚଲାଚଲ ହେବାର ଯାନ ବାହନ ଏବଂ ଜୀବନର ଆବଶ୍ୟକୀୟ ସମସ୍ତ ପଦାର୍ଥର ପରିବର୍ତ୍ତନ କରିଅଛୁଁ । ଆପଣମାନେ ଜାଣନ୍ତି ପୂର୍ବରେ ସୁରୁବୁଲି ନାମକ ଏକପ୍ରକାର ଘାସ ଜନ୍ମେ । ତହିଁରୁ ଲାଲରଙ୍ଗ ପ୍ରସ୍ତୁତ ହେଉଥିଲା । ସେହି ରଙ୍ଗରେ ସୂତା ଓଙ୍ଗେଇ ଯେଉଁ ବସ୍ତ୍ର ପ୍ରସ୍ତୁତ ହେଉଥିଲା ତାହାର ନାମ ସୁରୁବୁଲି ଶାଢ଼ୀ ଥିଲା । ଇଂରେଜମାନେ ଲାଲରଙ୍ଗ ପସନ୍ଦ କରନ୍ତି ନାହିଁ । ସେମାନଙ୍କର ଅନୁକରଣ କରି ଆମ୍ଭେମାନେ ମଧ୍ୟ ରଙ୍ଗ ଲଗା, ପରିତ୍ୟାଗ କରିଅଛୁଁ । ମୁଁ ବାଲ୍ୟକାଳରେ ମୋର ଲାଲ ରଙ୍ଗର ବନାରସୀ ଶାଲ ବ୍ୟବହାର କରିଅଛି । କିନ୍ତୁ ବର୍ତ୍ତମାନ ତାହାର ପ୍ରଚଳନ ବ୍ୟବହାର କଲେ ସୁଶିକ୍ଷିତ ସମ୍ପ୍ରଦାୟଙ୍କର ଉପହାସ୍ୟାସ୍ପଦ ହେବ । ଏ ପ୍ରକାର ଉଦାହରଣର ମୂଳ ନେବାର ଉଦ୍ଦେଶ୍ୟ ଏହା କି ବର୍ତ୍ତମାନ ଶିଳ୍ପ ଉନ୍ନତ କରିବାକୁ ହେଲେ ବିଦେଶୀୟ ପଦାର୍ଥ ପ୍ରସ୍ତୁତ କରିବାକୁ ହୁଏ । ବର୍ତ୍ତମାନ ଶିଳ୍ପୋନ୍ନତି କ୍ଷେତ୍ରରେ ଇଉରୋପ ସହିତ ପ୍ରତିଯୋଗିତା ଅନିବାର୍ଯ୍ୟ । ଇଉରୋପରେ ତିନୋଟି ଶକ୍ତି ଏକତ୍ର ହେବା ଦ୍ୱାରା ଇଉରୋପରେ ଶିଳ୍ପର ଉନ୍ନତି ହୋଇଅଛି । ସେ ତିନୋଟି ଶକ୍ତି ଧନ, ଜ୍ଞାନ, ମନ, ଅର୍ଥ, କାୟିକ ପରିଶ୍ରମ ଓ ବୁଦ୍ଧି । ଏହି ତିନ ଶକ୍ତି ଏକତ୍ର ହେବାଦ୍ୱାରା ଇଉରୋପରେ ଶିଳ୍ପର ଉନ୍ନତି ହୋଇଅଛି । ଲୌଶସି ଏକ ବ୍ୟକ୍ତିଠାରେ ଏ ତିନ ଶକ୍ତି ଯଥେଷ୍ଟ ପରିମାଣରେ ମିଳିବା ଅସମ୍ଭବ । ଏହି ହେତୁରୁ ତିନ ଶ୍ରେଣୀର ଲୋକ ଏକତ୍ର ହୋଇ ଇଉରୋପରେ ଶିଳ୍ପର ଉନ୍ନତି କରିଅଛନ୍ତି । ଇଉରୋପରେ ଯେଉଁ ସୁବୃହତ୍ କାରଖାନାମାନ ଅଛି ତାହା କୌଣସି ଏକ ବ୍ୟକ୍ତିର ସମ୍ପତ୍ତି ନୁହେ । ପ୍ରଥମତଃ ଉକ୍ତ ପ୍ରକାର କାରଖାନାରେ ଯେ ବହୁ ଧନର

Digitized by srujanika@gmail.com

ଆବଶ୍ୟକ ଢାଞ୍ଚା ଜଣେ ଦେବା ଅସମ୍ଭବ । ଦ୍ୱିତୀୟତଃ ଶିଳ୍ପୋନ୍ନତିର ପ୍ରଥମ ଅବସ୍ଥାରେ ବିଶେଷତଃ ଯେତେବେଳେ ଏକ ଜାତିକୁ ଅନ୍ୟ ଜାତିର ଶିଳ୍ପ ଅନୁକରଣ କରିବାକୁ ହୁଏ, ସେତେବେଳେ ଯନ୍ତ୍ରି ହେବାର ଖୁବ୍ ସମ୍ଭବ । ଏହି ଉଭୟ ବିପଦ ନିବାରଣ ଇଚ୍ଛାରୁ ଯୌଥ କାରବାରର ଉତ୍ପତ୍ତି ! ଯେଉଁମାନେ ଧନୀ ଯୌଥ କାରବାରରେ ସେମାନେ ଟଙ୍କା ଦିଅନ୍ତି । ଯେ ବାଣିଜ୍ୟର ସୂକ୍ଷ୍ମମାନ ଶିକ୍ଷା କରିଅଛି ସେ ବୁଦ୍ଧିଦ୍ୱାରା କାରବାର ଚଳାଏ ଏବଂ ଯେଉଁମାନଙ୍କର ହାତ ଓ ଆଖି ସୁଶିକ୍ଷିତ ସେମାନେ କାରିଗର ସ୍ୱରୂପ କାର୍ଯ୍ୟ କରନ୍ତି, କାରଣ ଯେଉଁମାନେ ଧନ ଦିଅନ୍ତି ସେମାନେ କେବଳ ଲାଭ ଇଚ୍ଛାରେ ଦିଅନ୍ତି ନାହିଁ । ପ୍ରଥମ ଉଦ୍ଦେଶ୍ୟ ଶିଳ୍ପୀମାନଙ୍କ ଅବସ୍ଥାର ଉନ୍ନତି, କାରଣ ତଦ୍ଦ୍ୱାରା ଜାତିର ଉନ୍ନତି ହୁଏ । ଏ ଉଦ୍ଦେଶ୍ୟ ସାଧନରେ ଲୋକସାନ ହେଲେ ମଧ୍ୟ ଶିଳ୍ପୀଶ୍ରେଣୀର ଶିକ୍ଷା ହେବ ଏବଂ ସମୟରେ ସେହି ବାଣିଜ୍ୟରୁ ଲାଭ ହେବ । ଆପଣମାନେ ଜାଣିଥିବେ ଯେ ଇଉରୋପରେ ଗୋଟିଏ କମ୍ପାନୀ 'ଫେଲ୍' ହେଲେ ସେହି କମ୍ପାନୀର କଳ ଓ ଦ୍ରବ୍ୟମାନ ଅନ୍ୟ କେତେକ ଲୋକ କିଣି ନେଇ ତହିଁରେ ଆହୁରି ଧନ ସଂଯୋଗଦ୍ୱାରା ପୁନର୍ବାର ସେହି କାର୍ଯ୍ୟ ଚଳାଇବାକୁ ଚେଷ୍ଟା କରନ୍ତି । ଆମେରିକାର ଯୁକ୍ତରାଜ୍ୟରେ ପ୍ରତିଦିନ ଶତ ଶତ କମ୍ପାନୀ 'ଫେଲ୍' ହେଉଛି । ଦ୍ୱିଗୁଣ ସଂଖ୍ୟକ କମ୍ପାନୀ ପରବର୍ତ୍ତୀ ଦିନ ଗଠିତ ହେଉଅଛି । କମ୍ପାନୀ 'ଫେଲ୍' ହେଲା ବୋଲି ଲୋକଙ୍କର ଭ୍ରୂକ୍ଷେପ ନାହିଁ, କାରଣ ସେମାନେ ବୁଝନ୍ତି ଯେ ତଦ୍ଦ୍ୱାରା ଜାତିର ଶିକ୍ଷା ହେଉଅଛି ଓ ଜାତିର ଅଭିଜ୍ଞତା ବୃଦ୍ଧି ପାଉଅଛି । ତେଣୁ କମ୍ପାନୀ 'ଫେଲ୍' ହେବାରେ ଯେଉଁ ଧନ ଲୋକସାନ ହେଲା ତାହାକୁ ସେମାନେ ଲୋକସାନ ତଳେ ନିଅନ୍ତି ନାହିଁ, ଜାତିର ଶିକ୍ଷାରେ ବ୍ୟୟ କରିଗଲା ବୋଲି ମନେ କରନ୍ତି ।

ଏ ପ୍ରକାର ଭାବ ଏ ଦେଶର ବର୍ତ୍ତମାନ ଅବସ୍ଥାରେ ହେବା ଅସମ୍ଭବ । ତହିଁର କାରଣ ଏହି କି ଇଉରୋପର ବ୍ୟକ୍ତିଗତ ଲାଭେଚ୍ଛା ସଙ୍ଗରେ ଜାତୀୟ ଉନ୍ନତର ଇଚ୍ଛା ରହିଅଛି । ଏହି ହେତୁରୁ ଯେଉଁ ଅର୍ଥ କ୍ଷତି ହୁଏ, ତାକୁ ସେମାନେ ଜାତୀୟ ଶିକ୍ଷାର ବ୍ୟୟସ୍ୱରୂପ ଜ୍ଞାନ କରନ୍ତି । କାରଣ ତଦ୍ଦ୍ୱାରା ଅନେକ ଶିଳ୍ପୀଙ୍କର ଶିକ୍ଷାଲାଭ ହୁଏ ଏବଂ ଜାତିରେ କାରିଗରମାନଙ୍କର ସଂଖ୍ୟା ଓ ନିପୁଣତା ବୃଦ୍ଧି ହୁଏ ଓ ଆର୍ଥିକ ଅବସ୍ଥାର ଉନ୍ନତି ହୁଏ । ଏ ଦେଶରେ ଗୋଟିଏ କାରଖାନାରେ କ୍ଷତି ହେଲେ ସେ କାରଖାନାରେ ଯେଉଁ ଶିଳ୍ପକାର୍ଯ୍ୟ ହେଉଥିଲା ସେ କାର୍ଯ୍ୟ କରିବାକୁ ଆଉ କେହି ସମ୍ମତ ହେବେ ନାହିଁ । ଏରୂପ ଭାବ ଯେତେ ଦିନ ଥିବ ତେତେକ ଦିନ ଏ ଦେଶରେ ଶିଳ୍ପର ଉନ୍ନତି ହେବା ଅସମ୍ଭବ । ଆମ୍ଭମାନଙ୍କର ସ୍ମରଣ ରଖିବା ଉଚିତ ଯେ ଶିଳ୍ପକ୍ଷେତ୍ରରେ ଆମ୍ଭମାନଙ୍କୁ ଇଉରୋପ ସହିତ ପ୍ରତିଯୋଗିତା କରିବାକୁ ହେବ ଏବଂ ଇଉରୋପ ନିର୍ମିତ ପଦାର୍ଥ ଅନୁକରଣରେ ଏଠାରେ ପଦାର୍ଥମାନ ପ୍ରସ୍ତୁତ କରିବାକୁ ହେବ

Digitized by srujanika@gmail.com

ଇଉରୋପର ଶିଳ୍ପ ବର୍ତ୍ତିମାନ ଯେ ଉନ୍ନତିଲାଭ କରିଅଛି ତାହା ପ୍ରାୟ ଏକଶତ ବର୍ଷ ଚେଷ୍ଟାରେ ହୋଇଅଛି । ସେହି ଉନ୍ନତ ଅବସ୍ଥାରେ ସେଠାରେ ଯେ ପ୍ରକାର ପଦାର୍ଥ ପ୍ରସ୍ତୁତ ହେଉଅଛି ସେ ପ୍ରକାର ପଦାର୍ଥ ପ୍ରସ୍ତୁତ କରିବା ବଡ଼ ଗୁରୁତର କାର୍ଯ୍ୟ ।

ଓଡ଼ିଶାରେ ଅର୍ଥ ନାହିଁ ଏହା କୁହାଯାଇ ନ ପାରେ । କିନ୍ତୁ ବର୍ତ୍ତିମାନ ଭୂସମ୍ପତ୍ତିରେ ଲୋକେ ଅର୍ଥ ନ୍ୟସ୍ତ କରିବାକୁ ପ୍ରସ୍ତୁତ । ମନୁଷ୍ୟର ଆଦିମ ଅବସ୍ଥାରେ ଯେତେବେଳେ ସମାଜର ସୃଷ୍ଟି ହୋଇଥିଲା ତେତେବେଳେ ମନୁଷ୍ୟଜାତି ଭୂମିକୁ ସର୍ବାପେକ୍ଷା ମୂଲ୍ୟବାନ୍ ମନେ କରୁଥିଲା । ଇତିହାସ ପାଠରୁ ଜଣାଯାଏ, ମନୁଷ୍ୟ ଜାତିର ଆଦିମ ଅବସ୍ଥାରେ ଜମି ଘେନ ସବୁ ପ୍ରକାର ବିବାଦ ଓ ଦ୍ୱନ୍ଦ୍ୱ ହେଉଥିଲା । କ୍ରମେ ଆଇନ ଓ ନ୍ୟୁମ ଦ୍ୱାରା ସେ ପ୍ରକାର ଦ୍ୱନ୍ଦ୍ୱ ଓ ବିବାଦର ହ୍ରାସ ହୋଇଅଛି । ଓଡ଼ିଶାରେ ବର୍ତ୍ତିମାନ ପର୍ଯ୍ୟନ୍ତ ମନୁଷ୍ୟର ବୁଦ୍ଧିରେ ଓ କାର୍ଯ୍ୟକାରୀ ଶକ୍ତିରେ ଧନୀ-ମାନଙ୍କର ବିଶ୍ୱାସ ନାହିଁ । ଭୂମିର ଉତ୍ପାଦିକା ଶକ୍ତିରେ ସମ୍ପୂର୍ଣ୍ଣ ବିଶ୍ୱାସ ଅଛି । ଅନାବୃଷ୍ଟି ଓ ନଦୀବନ୍ଧରେ ଭୂମିର ଉତ୍ପାଦିକା ଶକ୍ତି ନଷ୍ଟ ହେବାରୁ ସମୟ ସମୟରେ ଭୂମିରୁ ଆୟ ନ ହୋଇ କ୍ଷତି ହୁଏ; ଏ କଥା ସମସ୍ତେ ଜାଣନ୍ତି । ତଥାପି ଭୂମି କ୍ରୟରେ ସମସ୍ତେ ତତ୍ପର । ଯେଉଁ ବ୍ୟକ୍ତି କାରଖାନା ଚଲାଇବା ତାହାର ବିବେଚନା ଓ ବୁଦ୍ଧିର ଦୁଇରେ କ୍ଷତି ହେବାର ଆଶଙ୍କା କରି ଶିଳ୍ପକାର୍ଯ୍ୟରେ ଅର୍ଥ ନ୍ୟସ୍ତ କରିବାକୁ ଲୋକେ ଅନିଚ୍ଛୁକ । ଅଥଚ ଦେଖାଯାଏ ଶିଳ୍ପକାର୍ଯ୍ୟରେ ଯେ ପରିମାଣରେ କ୍ଷତି ହେବାର ଆଶଙ୍କା ଅଛି, ଭୂମିରେ ମଧ୍ୟ ସେ ପ୍ରକାର କ୍ଷତିର ଆଶଙ୍କା ଅଛି । ପ୍ରକୃତରେ ବୁଝିବାକୁ ଗଲେ ଶିଳ୍ପକାର୍ଯ୍ୟରେ ଯେ ପରିମାଣରେ କ୍ଷତିର ଆଶଙ୍କା ଅଛି, ଭୂମିନ୍ୟସ୍ତ ଅର୍ଥରେ ତାହା ଅପେକ୍ଷା ଅଧିକ ପରିମାଣରେ କ୍ଷତି ହେବାର ଆଶଙ୍କା ଅଛି । କାରଣ ମନୁଷ୍ୟର ବିଚାରଦୋଷରେ ଯେଉଁ କ୍ଷତି ହୁଏ ତାହା ଦୁଇଥର ହେବ ନାହିଁ । ତାହା ସଂଶୋଧନ କରିବା ମନୁଷ୍ୟର ଆୟତ୍ତ । କିନ୍ତୁ ନଦୀବନ୍ଧ ଓ ଅନାବୃଷ୍ଟି ମନୁଷ୍ୟର ଆୟତ୍ତ ନୁହେଁ । ପୁନଶ୍ଚ ଲୋକେ ମନୁଷ୍ୟର ବୁଦ୍ଧି କୌଶଳ ଉପରେ ନିର୍ଭର କରି ଶିଳ୍ପକାର୍ଯ୍ୟରେ ଅର୍ଥ ନ୍ୟସ୍ତ କରିବାକୁ ଅନିଚ୍ଛୁକ । ସଂପ୍ରତି ସେମାନେ ଓକିଲ, ବାରିଷ୍ଟରଙ୍କର ବୁଦ୍ଧି ଉପରେ ନିର୍ଭର କରି ଭୂସମ୍ପତ୍ତି କ୍ରୟ କରୁ-ଅଛନ୍ତି । ଆହୁରି ମଧ୍ୟ ମାମଲାମୋକଦ୍ଦମାକୁ ବଳି ଅଧିକ ଅନିଶ୍ଚିତ କଥା ଖୁବ୍ ଅଳ୍ପ ଅଛି । ମାତ୍ର ହବଲେ ବସ୍ତିତ ହେବାକୁ ହୁଏ ଲୋକେ ତାହାରେ ଅକାତରେ ଅର୍ଥବ୍ୟୟର ଫଳ ଜଣେ ଲୋକର ବିଚାର ଉପରେ ନିର୍ଭର କରି ତାହାଁରେ ସଚ୍ଚସ୍ୱାନ୍ତ ହେବାକୁ ହେଲେ ମଧ୍ୟ ଲୋକେ

Digitized by srujanika@gmail.com

ଉଦ୍ଧୃତ ବରଡ ଦୃଅନ୍ତ ନାହି । ଲୋକେ ଯେତେ ସାଲସୋକଦ୍ଧମ ର ଅନଶ୍ଚିତ ଫଲଲାଭ ଆଶାରେ ଏତେଦୂର ଖଚଚ୍ରସ୍ତ ହେବାକୁ ପ୍ରସ୍ତୁତ, ତାହାହେଲେ ଶିଲ୍ପକାର୍ଯ୍ୟ କରିବାକୁ ଯାଇ କଛି ଖଚଚ୍ରସ୍ତ ହେବାକୁ ଡରୁଛନ୍ତି କାହିଁକି ? ଏହାର କାରଣ ଆଉ କଛି ନୁହେଁ । ଲୋକେ କେବଳ ଏ ବଷୟ ବୁଝି ନାହାନ୍ତି । ବଳଡରେ ଗୋଟିଏ କମ୍ପାନୀ ହେବା ମାନେ ବହୁକଷ୍ଟ ସଞ୍ଚିତ ଅର୍ଥକୁ ମଧ୍ୟ ଜଣେ ସଦ୍ଭାଗୁଣ୍ୟା ବଧବା କମ୍ପାନୀରେ ଦେ ାକୁ ପ୍ରସ୍ତୁତ, ସେ କ୍ଷଣକାଳ ପାଇଁ ଭାବେ ନାହିଁ ଯେ କମ୍ପାନୀଦ୍ୱାରା ଲଭ ହେବ କ ଯଚ୍ଚ ହେବ । ଆମ୍ଭ ଦେଶର ଲୋକେ ନ୍ୟନା ପ୍ରକାର ଅନଶ୍ଚିତ ବଷୟରେ ଅର୍ଥ ଦେବାକୁ ପ୍ରସ୍ତୁତ । କନ୍ତୁ ଶିଲ୍ପ କମ୍ପାନୀ ବ୍ୟବସାୟୁ ସକାଶେ ଟଙ୍କାଟିଏ ବ୍ୟୟ କରିବାକୁ କୁଣ୍ଠିତ, କାଳେ ତାହା ବୁଡ଼ିଯିବ । କେହି କେହି କହି ପାରନ୍ତି କ ଶିଲ୍ପରେ ସମସ୍ତ ମୂଳଧନ ବୁଡ଼ଯ ଇ ପାରେ, ମନ୍ଦ ଭୂମିରେ ଲଭ ହୋଇ ନ ପାରିଲେ ମୂଳଧନ ବୁଡ଼ିଯିବାର ଆଶଙ୍କା ନାହି । ଆପଣମାନେ ଜାଣିଥିବେ ଯେ ନଦୀବଡ଼ରେ ବାଲି ଚରିଯିବା ଦ୍ୱାରା ଅନେକ ସମୟରେ ବହୁ ପରମାଣରେ ଭୂମି ସମ୍ପୂର୍ଣ୍ଣ ରୂପେ ନଷ୍ଟ ହୋଇଅଛି । ବର୍ତ୍ତମାନ ବଳଡରେ ଅନେକ ଜମି ପଡ଼ିଆ ରହି ତହିଁରେ କେବଳ ଘାସ ହେଉଅଛି । ବଳଡରେ ରେଳରେ ଯିବାବେଳେ ଦେଖାଯାଏ ରେଳର ଦୁଇପାର୍ଶ୍ୱସ୍ଥ ଜମି ପଡ଼ିଆ ପଡ଼ି ରହିଅଛି । ଗତ ଷାଠିଏ ବର୍ଷ ପୂର୍ବେ ଯେତେ ଜମିରେ କୃଷି ହେଉଥିଲା, ତହିଁରୁ ଚତୁର୍ଥାଂଶ ଭାଗ ବର୍ତ୍ତମାନ କୃଷିକାର୍ଯ୍ୟରେ ବ୍ୟବହୃତ ହେଉଅଛି । ତାହାର କାରଣ ହେଉଛି ଏହି କ ଏ ସ୍ଥାନର ଲୋକେ ଅନୁଭବଦ୍ୱାରା ଜାଣି ଅଛନ୍ତି ଯେ କୃଷିକାର୍ଯ୍ୟରେ ଯେ ପ୍ରକାର ଲଭ ହେଉଥିଲା ଶିଳ୍ପରେ ତାହା ଅପେକ୍ଷା ଅନେକ ଅଧିକ ଲଭ ହେଉଅଛି ଏବଂ ଷାଠିଏ ବର୍ଷ ପୂର୍ବେ ବଳଡର ଧନ ସେ ପରମାଣରେ ବୃଦ୍ଧି ପାଇଅଛି ।

ଓଡ଼ିଶାରେ ସମୟ ସମୟରେ ଦୁର୍ଭିକ୍ଷ ହେବାର ଦେଖାଯାଏ । ଦୁଇ କାରଣରୁ ଦୁର୍ଭିକ୍ଷ ହୁଏ । ଅନାବୃଷ୍ଟି ଏବଂ ନଦୀ ବଢ଼ି ଲୋକ ସଂଖ୍ୟା ଓଡ଼ିଶାରେ ବଢ଼ିଅଛି । ଜମିର ପରମାଣ ବଢ଼ି ନାହିଁ କମ୍ପା ବଢ଼ିବାର ସମ୍ଭାବନା ନାହିଁ । ଚଷାର ପରିବାରସ୍ଥ ସମସ୍ତେ କୃଷକର୍ମରେ ବର୍ଷଯାକ ପରିଶ୍ରମ କରି ବର୍ଷ ଶେଷରେ ପରିଶ୍ରମର ଫଳ ପାଇବାକୁ ଆଶା କରିଥାନ୍ତି । ଅନାବୃଷ୍ଟି କମ୍ପା ନଦୀ ବଢ଼ରେ କୃଷି ନଷ୍ଟ ହେଲେ ପରିବାରର ସମସ୍ତେ ଅନାହାରରେ କଷ୍ଟ ପାନ୍ତି । କନ୍ତୁ ସେହି ପରିବାରସ୍ଥ କେତେକ ବ୍ୟକ୍ତି ଯଦି ଶିଳ୍ପୀ ହୋଇଥାନ୍ତି ତାହାହେଲେ ସମସ୍ତ ପରିବାର ଅନାହାରରେ କଷ୍ଟଭୋଗ କରନ୍ତି ନାହିଁ । କାରଣ ଶିଳ୍ପୀ ତାହାର ହସ୍ତ ଦ୍ୱାରା ପ୍ରତ୍ୟେକ କଛି ଉପାର୍ଜ୍ଜନ କରିବ ।

Digitized by srujanika@gmail.com

ମୁଁ ଆଶା କରୁ ନାହିଁ ଯେ, ଏ ଦେଶର ବର୍ତ୍ତମାନ ଅବସ୍ଥାରେ ମୋହର ଜଳ୍ପନା ଦ୍ୱାରା ଓଡ଼ିଶାର ଲୋକମାନେ ଶିଳ୍ପୋନ୍ନତିର ଆବଶ୍ୟକତା ବୁଝିବେ । କୌଣସି ଲାଭକୁ ବକ୍ତୃତା ଦ୍ୱାରା ଅନଭ୍ୟସ୍ତ କାର୍ଯ୍ୟରେ ପ୍ରବୃତ୍ତ କରାଯାଇ ନ ପାରେ— ଏହାର ଏକମାତ୍ର ଉପାୟ ବ୍ୟକ୍ତିଗତ ତ୍ୟାଗ ସ୍ୱୀକାରଦ୍ୱାରା ବାଟ ଦେଖାଇବା । ବର୍ତ୍ତମାନ ଯେ ବ୍ୟକ୍ତି ବିଶ୍ୱାସ କରେ କି ଶିଳ୍ପୋନ୍ନତି ଦ୍ୱାରା ଓଡ଼ିଶାର ଉନ୍ନତି ହେବ ସେ ଆପଣାର ପରିଶ୍ରମ, ବୁଦ୍ଧି ଓ ଧନକୁ ବଳିଦାନ ସ୍ୱରୂପ ସେ କାମରେ ଅର୍ପଣ କରୁ । ଲାଭର ଆଶା ତ୍ୟାଗ କରୁ । ହୋଇ ପାରେ, ସେ ଦରିଦ୍ର ଅବସ୍ଥାରେ ପ୍ରାଣତ୍ୟାଗ କରିବ, କିନ୍ତୁ ଯେଉଁ ଉନ୍ନତିର ବୀଜ ସେ ବପନ କରିଥିବ ତହିଁର ଫଳ ଉତ୍ତଳ ସନ୍ତାନମାନେ ପଶ୍ଚାତ୍ ଆସ୍ୱାଦନ କରିବେ । ଯେଉଁ ଶିଳ୍ପର ଦ୍ୱାରର ମୂଲ୍ୟ ଥରେ ବୃଦ୍ଧି ହେଲା ସେ ଦ୍ୱାସ ପାଇବ ନାହିଁ, ବରଂ ସେ ପ୍ରକାର ଦ୍ୱାରର ସଂଖ୍ୟା କ୍ରମଶଃ ବୃଦ୍ଧି ହେବ । ଜଣକର ମୃତ୍ୟୁରେ ଜାତିର ଜୀବନ ବୃଦ୍ଧି ହୁଏ, ଏହା ପ୍ରକୃତିର ନିୟମ ଅଟେ । ବୃକ୍ଷର ଫଳରେ ମାଟିରେ ପଡ଼ି ନଷ୍ଟ ହେଲେ ତହିଁରୁ ଅନ୍ୟ ଏକ ବୃକ୍ଷ ଉତ୍ପନ୍ନ ହୁଏ ଏବଂ ତଦ୍ଦ୍ୱାରା ସେହି ଜାତୀୟ ବୃକ୍ଷର ସଂଖ୍ୟା ପୃଥିବୀରେ ବୃଦ୍ଧି ପାଏ । ଯେଉଁମାନଙ୍କ ଦ୍ୱାରା ଜାତିର ଉନ୍ନତି ହୋଇଅଛି ସେମାନେ ଜାତିର ସମାଜ ବୋଲି ଖ୍ୟାତିଲାଭ କରିଅଛନ୍ତି ଜାତିଙ୍କ ପିତା ମାତାଙ୍କର ସନ୍ତାନ ବୋଲି ପରିଚିତ ହୁଅନ୍ତି । କାଳିଦାସ ଜାତିର ସନ୍ତାନ, ଜାତିର ଗୌରବର ସ୍ଥାନ; ତାଙ୍କ ପିତା ମାତାଙ୍କ ନାମ କିଏ ଜାଣେ ? ଅଥଚ ତାଙ୍କ ପିତା ମାତା ତାଙ୍କର ଲାଳନ ପାଳନ ଭର ବହନ କରିଥିଲେ । ଜାତି ଗୃହୀ କରି ସେଥିର ବ୍ୟୟ ବହନ କରି ନ ଥିଲା । ବାଲ୍ମିକୀର ସୁବଖ୍ୟାତ କବି ସେଣ୍ଟ୍‌ସପିୟର ଓ ମିଲଟନ ଜୀବଦ୍ଦଶାରେ ଅର୍ଥାଭାବରେ ବହୁକଷ୍ଟ ଭୋଗ କରିଥିଲେ । ଇଂରେଜ ଜାତି ତାଙ୍କୁ ସେ ବିଷୟରେ କୌଣସି ସାହାଯ୍ୟ ପ୍ରଦାନ କରି ନ ଥିଲେ । କେବଳ ତାଙ୍କର ପିତା ମାତାମାନେ ଲାଳନ ପାଳନ ଭର ବହନ କରିଥିଲେ । ବର୍ତ୍ତମାନ ସେମାନେ ଇଂରେଜ ଜାତିର ବାର ପୁତ୍ର । ତାଙ୍କର ପିତାମାତାଙ୍କର ନାମ କେହି ଜାଣେ ନାହିଁ । ଓଡ଼ିଶାର ବର୍ତ୍ତମାନ ଅବସ୍ଥାରେ ଯଦି କେହି ବିଶ୍ୱାସ କରେ ଯେ ଶିଳ୍ପଦ୍ୱାରା ଜାତିର ଉନ୍ନତି ହେବ, ସେ ଶିଳ୍ପକୁ ଆପଣାର ସନ୍ତାନ ସ୍ୱରୂପ ଜ୍ଞାନ କରି ଶୈଶବାବସ୍ଥାରେ ତାହାର ଲାଳନ ପାଳନ ଭର ବହନ କରୁ । ପଶ୍ଚାତ୍ ଓଡ଼ିଶାର ଉଦ୍ଦ୍ୱାର ମଙ୍ଗଳ ହେଲେ ସେ ଶିଳ୍ପକାର୍ଯ୍ୟ ଓଡ଼ିଶାର ଶିଳ୍ପକାର୍ଯ୍ୟ ବୋଲି ଜଗତରେ ବିଖ୍ୟାତ ହେବ । ଓଡ଼ିଶାର ଶିଳ୍ପୀମାନଙ୍କ ଅବସ୍ଥା ଉନ୍ନତି ହେବ । ଯେପରି କାଳିଦାସଙ୍କର ପିତା ମାତାଙ୍କ ନାମ ଲୋପ ହୋଇଅଛି ସେହିପରି ଯେ ଶିଳ୍ପକୁ ପିତା ସ୍ୱରୂପ ପାଳନ କରିଥିବେ ତାଙ୍କର ନାମ ଲୋପ ହୋଇ ଓଡ଼ିଶାର ନାମ ଖ୍ୟାତ ହେବ ଏବଂ ଶିଳ୍ପ ଉତ୍ତଳ ସନ୍ତାନସ୍ୱରୂପ ବିଖ୍ୟାତ ହେବ । ମୋ କ୍ଷୁଦ୍ର ବିବେଚନାରେ

Digitized by srujanika@gmail.com

ବର୍ତ୍ତମାନ ଅବସ୍ଥାରେ ଏହା ହେଉଛି ଏକମାତ୍ର ଉପାୟ । ଏପରି କାର୍ଯ୍ୟରେ ନାଃସ୍ୱାର୍ଥ ଭାବେ ପ୍ରବୃତ୍ତ ହେଉଥିବା ଲୋକଙ୍କର ସଂଖ୍ୟା କେତେ ହେବ, ତାହା ମୁଁ କହି ପାରିବି ନାହିଁ । କନ୍ତୁ ଯେଉଁ ଦେଶରେ କୋଟି କୋଟି ଅର୍ଥ ବ୍ୟୟ କରି ରାଜାମାନେ ସମସ୍ତ ଭାରତବର୍ଷର ଉପକାରାର୍ଥେ ଜଗନ୍ନାଥଙ୍କର ମନ୍ଦିର ପ୍ରସ୍ତୁତ କରିଥିଲେ ଅଶା କରାଯାଏ ସେହି ଉତ୍କଳ ଭୂମିରେ ସେ ପ୍ରକାର ପରୋପକାରୀ ବ୍ୟକ୍ତିମାନେ ବର୍ତ୍ତମାନ ଅଛନ୍ତି ଓ ସେମାନେ ତାଙ୍କର ଜନ୍ମଭୂମି ପ୍ରତି କର୍ତ୍ତବ୍ୟରେ ତ୍ରୁଟି କରିବେ ନାହିଁ ।

ସ୍ତ୍ରୀଶିକ୍ଷା ବିଷୟରେ ଅନେକ ବକ୍ତୃତା ଅନେକ ପ୍ରକାର ମତ ସମ୍ବାଦ-ପତ୍ର ଓ ପୁସ୍ତକମାନଙ୍କରେ ବାହାରି ଅଛି । ତଥାପି ତହିଁର ଆବଶ୍ୟକତା ସମ୍ବନ୍ଧେ କିଛି କହିବା ବାଞ୍ଛନୀୟ । କାରଣ ମୋ ଅପେକ୍ଷା ଜ୍ଞାନୀ ଓ ମାନ୍ୟଗଣ୍ୟ ବ୍ୟକ୍ତିମାନେ ତହିଁର ଆବଶ୍ୟକତା ଦର୍ଶାଇଥିଲେ ସୁଦ୍ଧା ସ୍ତ୍ରୀଶିକ୍ଷା ସମ୍ବନ୍ଧେ ଉତ୍କଳରେ ଯଥେଷ୍ଟ ପରିମାଣରେ ଯତ୍ନ, ଉଦ୍‌ଯୋଗ, ଉତ୍ସାହ ଦେଖାଯାଏ ନାହିଁ ମୁଁ ସେ ସମ୍ବନ୍ଧେ ଏତଦ୍ଭିନ୍ନ ମାନ କହିବାକୁ ଇଚ୍ଛା କରେ ଯେ ସ୍ତ୍ରୀଜାତିର ଶିକ୍ଷା ଭିନ୍ନ ଜାତିର ଜନ୍ମତ ସମ୍ଭବ ନୁହେଁ । ଇତିହାସ ଲିଖିତ ପୁରାକାଳରେ ଆମ୍ଭମାନଙ୍କର ଗୌରବାନ୍ୱିତ ଅବସ୍ଥା ସ୍ମରଣ କରି ଆମ୍ଭେମାନେ ଆତ୍ମାଳନ କରିଥାଉଁ; କନ୍ତୁ ଯେତେବେଳେ ଜାତି ବୋଇଲେ ସ୍ତ୍ରୀ ଓ ପୁରୁଷ ତହିଁର ଅନ୍ତର୍ଗତ ବୋଲି ବୁଝାଉଥିଲା । ବର୍ତ୍ତମାନ ଜାତି ବୋଇଲେ କେବଳ ପୁରୁଷ-ମାନଙ୍କୁ ବୁଝାଏ । ଜାତିର କୌଣସି କାର୍ଯ୍ୟରେ ସ୍ତ୍ରୀମାନେ ଯୋଗ ଦିଅନ୍ତୁ ନାହିଁ କମ୍ବା ସେରୂପ କାର୍ଯ୍ୟରେ ସେମାନେ ଆମ୍ଭଙ୍କୁ ସାହାଯ୍ୟ କରିବା ଆମ୍ଭେମାନେ ଇଚ୍ଛା କରୁ ନାହିଁ । ଓଡ଼ିଶାର ବର୍ତ୍ତମାନ ସୁଶିକ୍ଷିତ ଲୋକମାନଙ୍କ ମଧ୍ୟରେ ପୁସ୍ତକ ଲେଖିବାର ଇଚ୍ଛା ଅତିଶୟ ପ୍ରବଳ ହୋଇଥିବାର ବୋଧହୁଏ । ମୁଁ ଗ୍ରନ୍ଥକର୍ତ୍ତାମାନଙ୍କ ଅନୁଗ୍ରହରୁ ପୁସ୍ତକ ସବୁ ପାଇଥାଏଁ । ସେସବୁ ପୁସ୍ତକ ମଧ୍ୟରୁ ଅଧିକାଂଶରେ ଦେଖାଯାଏ ଯେ ଲେଖକ ମାନସିକ ଚକ୍ଷୁପଟରେ ସ୍ତ୍ରୀଜାତିର ସାମର୍ଥ୍ୟ ପ୍ରକୃତ ସ୍ଥାପନ କରି ଲେଖନୀ ପରିଚାଳନ କରି ଅଛନ୍ତି । ଅଥଚ ଅନୁସନ୍ଧାନ କଲେ ଦେଖାଯାଏ ଯେ ଅନେକ ସ୍ଥଳରେ ଲେଖକ କାର୍ଯ୍ୟରେ ସ୍ତ୍ରୀଶିକ୍ଷାର ବିରୋଧୀ । ଧନ ଓ ବିଦ୍ୟା ମନୁଷ୍ୟର ଜୀବନ-ଯାତ୍ରାରେ ବହୁମୂଲ୍ୟ ଅସ୍ତ୍ରସ୍ୱରୂପ । ଏହି ଦୁଇ ଅସ୍ତ୍ରଦ୍ୱାରା ମନୁଷ୍ୟ ତାହାର ଉନ୍ନତିପଥରେ ସମସ୍ତ ବାଧା ବିଘ୍ନ ବିନାଶ କରି ଅଗ୍ରସର ହେଉଅଛି । ଯେଉ ଜାତି ଏ ପ୍ରକାର ଦୁଇ ଅସ୍ତ୍ରକୁ ସ୍ତ୍ରୀରୂପିଣୀ ଲକ୍ଷ୍ମୀ, ସରସ୍ୱତୀ ରୂପରେ ପୂଜା କରୁ ଅଛନ୍ତି, ସେମାନେ ଯେ ସ୍ତ୍ରୀଶିକ୍ଷାର ବିରୋଧୀ ହେବେ ଏହା ବଡ଼ ଆଶ୍ଚର୍ଯ୍ୟର ବିଷୟ ।

Digitized by srujanika@gmail.com

ବାଲ୍ମୀକି ଓ ବେଦବ୍ୟାସଙ୍କର କଲ୍ପନାଶକ୍ତିକୁ ଦୁଇ ଗୋଟି ସ୍ତ୍ରୀଚରିତ୍ର ଜାଗ୍ରତ ଓ ସ୍ଫୁରିତ କରିଥିଲେ । ସୀତା ନ ଥିଲେ ରାମାୟଣ ହୋଇ ନ ଥାନ୍ତା । ଇଂଲଣ୍ଡ ବର୍ତ୍ତମାନ ଯୁଗରେ ଯେଉଁ ଶ୍ରେଷ୍ଠତ୍ୱ ଲାଭ କରିଅଛି ଓ ଯେ ପ୍ରକାର ଇଂଲଣ୍ଡର ରାଜ୍ୟ ବିସ୍ତାର ହୋଇଅଛି, ତାହା ସେ ଦେଶର ଦୁଇଜଣ ରାଜ୍ଞୀ ଏଲିଜାବେଥ୍ ଓ ଭିକ୍ଟୋରିୟାଙ୍କ ଦ୍ୱାରା ହୋଇଅଛି ।

ଏଲିଜାବେଥ୍‌ଙ୍କର ରାଜତ୍ୱ ସମୟରେ ଇଂଲଣ୍ଡର ପ୍ରତାପ, ସାମ୍ପ୍ରତି ଓ ଜ୍ଞାନର ଆରମ୍ଭ ହେଲା । ସେହି ସମୟରୁ ଇଂଲଣ୍ଡର ଜନ୍ମଭିରବ ଉଦୟ ହୋଇ ଭିକ୍ଟୋରିୟାଙ୍କ ରାଜତ୍ୱ ସମୟରେ ତାହାର ମଧ୍ୟାହ୍ନ ଜ୍ୟୋତି ପୃଥିବୀର ଚତୁର୍ଦ୍ଦିଗରେ ବିସ୍ତାରିତ କଲା । କି ବୃଦ୍ଧା, କି ଯୁବତୀ, କି ବାଳିକା, ସମସ୍ତ ନାସ୍ତିକାତି ମାନବଜାତିର ମାତା । ଯେ ବୃଦ୍ଧା, ତାହାର ସନ୍ତାନମାନେ ଜାତୀୟ କର୍ମକ୍ଷେତ୍ରରେ ବର୍ତ୍ତମାନ ଠିଆ ହୋଇ ଅଛନ୍ତି : ଯେ ଯୁବତୀ, ତାହାର ଶିଶୁ ସନ୍ତାନମାନେ ସେହି କ୍ଷେତ୍ରରେ ଉପସ୍ଥିତ ହେବା ପାଇଁ ପ୍ରସ୍ତୁତ ହେଉ ଅଛନ୍ତି । ଯେ ବାଳିକା, ସେ ଭବିଷ୍ୟତରେ ସନ୍ତାନର ମାତା ହେବା ଗଢ଼ି ନଦୀସ୍ରୋତ ସ୍ୱରୂପ । ଯେ ପ୍ରକାର କୋଟି କୋଟି ଜଳବିନ୍ଦୁ ଏକତ୍ରିତ ହୋଇ ନଦୀର ଆକାର ଧାରଣ କରି ସମୁଦ୍ରାଭିମୁଖରେ ଧାବମାନ ହେଉଅଛି ତଦ୍ରୂପ କୋଟି କୋଟି ମନୁଷ୍ୟ ସେମାନଙ୍କର ବଳ ପରାକ୍ରମ ଏକତ୍ର କରି ଜାତିରୂପରେ ଉନ୍ନତି-ମାର୍ଗରେ ଧାବମାନ ହେଉଅଛନ୍ତି । କିନ୍ତୁ ନଦୀସ୍ରୋତ ଯେ ପ୍ରକାର ନଦୀର ଉପତ୍ୟକାସ୍ଥାନରୁ ଅଧିକ ଉଚ୍ଚ ସ୍ଥାନକୁ ଉଠି ନ ପାରେ ସେହି ପ୍ରକାର କୌଣସି ଜାତି ସେ ଜାତିର ମାତାମାନଙ୍କୁ ଅର୍ଥାତ୍ ନାରୀଜାତିକୁ ନୀଚ ଅବସ୍ଥାରେ ରଖି ଅନ୍ୟ ଉନ୍ନତ ଅବସ୍ଥାକୁ ଉଠି ନ ପାରେ । ଆମ୍ଭ ଦେଶରେ ଅନେକ ସମ୍ପତ୍ତି ଧନକୁ ରକ୍ଷା କରିବା ନମନ୍ତେ ସ୍ତ୍ରୀମାନଙ୍କ ହସ୍ତରେ ଅର୍ପଣ କରନ୍ତି । ସେହି ସମ୍ପତ୍ତି ଧନ ସ୍ତ୍ରୀମାନଙ୍କର ହସ୍ତରେ ଅର୍ପଣ କରିବାର ଉଦ୍ଦେଶ୍ୟ ହେଉଅଛି ଏହି ଯେ ସେମାନଙ୍କ ହାତରେ ଥିଲେ ସନ୍ତାନମାନେ ନିର୍ବିଘ୍ନରେ ତାହା ଖାଇ ପାରିବେ । ଆମ୍ଭମାନଙ୍କ ମଧ୍ୟରେ ସମସ୍ତେ ବର୍ତ୍ତମାନ ବିଦେଶୀ ବିદ୍ୟା ଉପାର୍ଜ୍ଜନ କରିବାରେ ବ୍ୟସ୍ତ । ଏଥିରେ ଯୁବକମାନେ ବିଶେଷ ପରିଶ୍ରମ ଓ ଅର୍ଥବ୍ୟୟ କରୁଅଛନ୍ତି । ଏସବୁ ପରିଶ୍ରମର ଫଳ ହେଉଅଛି ବିଦେଶୀ ସାହିତ୍ୟ, ବିଦେଶୀ ବିଜ୍ଞାନ, ବିଦେଶୀ ଇତିହାସ ପ୍ରଭୃତିର ଜ୍ଞାନଲାଭ । ଏ ଜ୍ଞାନ ଉପାର୍ଜ୍ଜନ ଜୀବନର ପ୍ରାୟ ପ୍ରଥମ ଅର୍ଦ୍ଧାଂଶ ବ୍ୟୟିତ ହେଉଅଛି । ଏ ଉପାର୍ଜ୍ଜନ ସର୍ବାପେକ୍ଷା ବହୁମୂଲ୍ୟ ଉପାର୍ଜ୍ଜନ । କାରଣ ଏହାଦ୍ୱାରା ଜୀବନର ଶେଷ ଅର୍ଦ୍ଧାଂଶରେ ଅର୍ଥୋପାର୍ଜ୍ଜନ ହୁଏ । ଯାହାଦ୍ୱାରା ଅର୍ଥୋପାର୍ଜ୍ଜନ ହୁଏ ତାହା ଉପାର୍ଜ୍ଜିତ ଅଥ ଅପେକ୍ଷା ଅଧିକତର ମୂଲ୍ୟବାନ ସନ୍ଦେହ ନାହିଁ । ଯେଉଁ ବିଦ୍ୟାରୁ ଲୋକ ଅର୍ଥୋପାର୍ଜ୍ଜନରେ ତାଙ୍କର ବିદ୍ୟା ପରିଚାଳନ ନ କରି ବିନା ମୂଲ୍ୟରେ ସେହି

Digitized by srujanika@gmail.com

ବଦ୍ୟା ଅନ୍ୟକୁ ଦାନ କର୍ ବୈରାଗ୍ୟଭାବରେ ଜୀବନ ଧାରଣ କରେ ସେ ପ୍ରକାର ବ୍ୟକ୍ତିଙ୍କୁ ଆମ୍ଭେମାନେ ଅର୍ଥୋପାର୍ଜ୍ଜନ ବଦ୍ୟାପେକ୍ଷା ଅଧିକ ମାନ୍ୟ କରୁଁ । ଏଥିରୁ ସ୍ପଷ୍ଟ ଦେଖାଯାଏ ଯେ, ବଦ୍ୟାର ମୂଲ୍ୟ ଅର୍ଥାପେକ୍ଷା ଅଧିକ । କନ୍ତୁ ଆଶ୍ଚର୍ଯ୍ୟର ବିଷୟ ଏହି ଯେ ବଦ୍ୟାଦ୍ୱାରା ଉପାର୍ଜ୍ଜିତ ଧନକୁ ସନ୍ତାନମାନଙ୍କର ପ୍ରାପ୍ତି ଆଶାରେ ସ୍ତ୍ରୀ ଜାତିଙ୍କ ହସ୍ତରେ ଅର୍ପଣ କରୁଥିବା ସ୍ଥଳେ ଯେ ବଦ୍ୟାଦ୍ୱାରା ସେ ଅର୍ଥ ଉପାର୍ଜ୍ଜିତ ହେଲା ତାହା ଆମ୍ଭର ସନ୍ତାନମାନେ କି ପ୍ରକାର ପାଇ ପାରିବେ ତହିଁର କୌଣସି ବ୍ୟବସ୍ଥା ଆମ୍ଭେମାନେ କରୁ ନାହୁଁ । ଉପାର୍ଜ୍ଜିତ ଧନକୁ ସ୍ତ୍ରୀମାନେ ରକ୍ଷା କରୁ ଅଛନ୍ତି, ଏବଂ ସେମାନଙ୍କଠାରୁ ଆମ୍ଭର ସନ୍ତାନମାନେ ପାଇବେ ଏହା ଆମ୍ଭେମାନେ ଆଶା କରୁଁ । କନ୍ତୁ ଆଶା ବିଫଳ ହେବାର ମଧ୍ୟ ଆଶଙ୍କା ଅଛି । କାରଣ ଉକ୍ତ ଧନ ଚୌର୍ଯ୍ୟଦ୍ୱାରା ଅପହୃତ ହୋଇଯାରେ । କନ୍ତୁ ଆମ୍ଭେମାନେ ଯେଉଁ ଜ୍ଞାନ ଉପାର୍ଜ୍ଜନ କରୁଅଛୁଁ ସେହି ଜ୍ଞାନ ଆମ୍ଭମାନଙ୍କର ଗୃହସ୍ଥିତ ସ୍ତ୍ରୀଲୋକମାନେ ଲାଭ କରିଥିଲେ ତାହା କେହି ଅପହରଣ କରି ପାରିବେ ନାହିଁ ଏବଂ ସେମାନଙ୍କ ଠାରୁ ତାଙ୍କର ସନ୍ତାନମାନେ ନିଶ୍ଚୟ ପାଇ ପାରିବେ ।

ପ୍ରତ୍ୟେକ ପିତାର ଏକାନ୍ତ ବାସନା ଯେ ତାଙ୍କର ସଞ୍ଚିତ ଧନ ତାଙ୍କର ସନ୍ତାନସନ୍ତତିମାନଙ୍କେ ପାଇବେ । ସେ ଧନ ସନ୍ତାନର ପୈତୃକ ମୂଳଧନ ହୁଏ ଓ ସନ୍ତାନର ଉପାର୍ଜ୍ଜିତ ଧନ ସେ ଧନରେ ଯୋଗ କଲେ ସନ୍ତାନ ପିତା ଅପେକ୍ଷା ଅଧିକ ଧନୀ ହୁଏ । ଏହା ହେଉଛି ବ୍ୟକ୍ତିଗତ ଆପେକ୍ଷିକ ଉନ୍ନତିର ନିୟମ । ଏହି ନିୟମ ଜାତିୟ ଜ୍ଞାନ ସମ୍ବନ୍ଧରେ ପ୍ରୟୋଗ କରିବା ଉଚିତ । ତାହା ନ କରିଲେ ଜାତିର ଉନ୍ନତି ହୋଇ ପାରିବ ନାହିଁ । ଆମ୍ଭେମାନେ ଯେଉଁ ବିଦେଶୀୟ ଜ୍ଞାନଲାଭ କରୁଅଛୁଁ, ସେ ବିଷୟରେ ଆମ୍ଭମାନଙ୍କର ସହଧର୍ମିଣୀମାନେ ଅଜ୍ଞ ହେବାରୁ ସେ ଜ୍ଞାନ ସନ୍ତାନମାନଙ୍କର ମୂଳଧନ ହୋଇ ପାରୁ ନାହିଁ । ଆମ୍ଭମାନଙ୍କ ଯେପରି କଷ୍ଟ ସମ୍ଭବକୁ ହୋଇଥିଲା ସେହିପରି କଷ୍ଟ ସହି ଓ ସେହି ପରିମାଣରେ ସମୟ ବ୍ୟୟ କରି ଆମ୍ଭମାନଙ୍କର ସନ୍ତାନ-ମାନଙ୍କୁ ସେହି ଜ୍ଞାନଲାଭ କରିବାକୁ ହେବ । ଏଥିରୁ ଜାତିର ଉନ୍ନତି ହେବା ପକ୍ଷେ ବିଶେଷ ବାଧା ଜନ୍ମେ । ଶିଶୁ ମାତା ନିକଟରୁ ଅନେକ ବିଷୟ ଶିକ୍ଷା କରେ ଏବଂ ସେ ଅବସ୍ଥାରେ ଯାହା ଜାତିର ମୂଳଧନସ୍ୱରୂପ ଜ୍ଞାନ ଜନ୍ମାଯାଏ, ଇଉରୋପର ସଭ୍ୟଜାତିମାନଙ୍କ ମଧ୍ୟରେ ବାଳକ ବାଳକାମାନେ ୭ । ୮ ବର୍ଷରେ ଯେ ସବୁ କଥା ଜାଣନ୍ତି, ତାହା ଆମ୍ଭର ଏ ଦେଶରେ ବି.ଏ. କ୍ଲାସରେ ପଢ଼ୁଥିବା ଯୁବକମାନେ ଜାଣନ୍ତି ନାହିଁ । ତହିଁର କାରଣ ଏହି ଯେ ତାଙ୍କର ମାତାମାନେ ସୁଶିକ୍ଷିତା ଏବଂ ଶିଶୁକାଳରେ ସେସବୁ ବିଷୟ ମାତାଙ୍କର ଦୈନନ୍ଦିନ କାର୍ଯ୍ୟ କଳାପରୁ ସେମାନେ ଶିକ୍ଷା କରିଥାଇନ୍ତି । କ୍ରମେ

Digitized by srujanika@gmail.com

ଏପ୍ରକାର ସୁଶିକ୍ଷିତା ମାତାର ସଂଖ୍ୟା ବୃଦ୍ଧି ହେବାରୁ ଜାତିର ସମସ୍ତ ଲୋକମାନେ ଏ ବିଷୟ ଜାଣନ୍ତି । ଏହି ହେତୁରୁ ଜାତିର ଜ୍ଞାନ ସମଷ୍ଟି ବୃଦ୍ଧି ହୋଇଅଛି । ସ୍ତ୍ରୀମାନଙ୍କର ଶିକ୍ଷା ନ ହେଲେ ଏହା କଦାପି ସମ୍ଭବ ନୁହେଁ । ଇଉରୋପରେ ଓଲଉଠା କମ୍ବା ବା ନ୍ୟୁରୋଗ ସକ୍ରାମକ ଭାବରେ ପ୍ରବଳ ହେବା ସମ୍ଭବ ନୁହେଁ । କାରଣ ସମସ୍ତେ ଏହାର ପ୍ରତିରୋଧ କରିବାର ଉପାୟ ଜାଣନ୍ତି । ଏହି ଜ୍ଞାନ ବ୍ୟକ୍ତିଗତ ଜ୍ଞାନ ନୁହେଁ, ଜାତିର ଜ୍ଞାନ । ଅତଏବ ଜାତିର ଉନ୍ନତି କରିବାକୁ ହେଲେ ମୋ କ୍ଷୁଦ୍ର ବିବେଚନାରେ ସ୍ତ୍ରୀଶିକ୍ଷାରେ ସଂଜ୍ଞାକରଣ ସହିତ ଜବରଯୋଗୀ ହେବା ଉଚିତ । ଆଜି କାଲି ସମସ୍ତେ ସ୍ୱୀକାର କରୁଅଛନ୍ତି କି, ଆମ୍ଭ ଦେଶରେ ଯେଉଁ ଶିକ୍ଷା ହେଉଅଛି ତାହା ବିଲାତର ଶିକ୍ଷା ଅପେକ୍ଷା ନିକୃଷ୍ଟ ଅଟେ । ଏହି କାରଣରୁ ଅନେକ ଲୋକ ବର୍ତ୍ତମାନ ବିଲାତକୁ ଶିକ୍ଷା ନିମନ୍ତେ ଯାଉଅଛନ୍ତି । ଆହୁରି ବର୍ତ୍ତମାନ ଶିକ୍ଷାରେ ଚରିତ୍ରଗଠନ ହେଉ ନାହିଁ, ଏହା ମଧ୍ୟ ଅନେକେ ସ୍ୱୀକାର କରନ୍ତି, ଏଥିର କାରଣ ସ୍ତ୍ରୀଶିକ୍ଷାର ଅଭାବ । ଏପ୍ରକାର ଦେଖାଯାଏ ଶିଶୁ ପୀଡିତ, ପିତା ସୁଶିକ୍ଷିତ, ସେ ଡାକ୍ତର ଆଣି ଚିକିତ୍ସା କରିବାକୁ ଚାହେଁ । ମାତା ଅଶିକ୍ଷିତା ସେ ଘୁଣିଆ ଆଣି ଝଡ଼ାଇବାକୁ ଚାହେଁ । ଏପରି ବିପଦ ଅବସ୍ଥାରେ ମାତା ପିତାଙ୍କର ମତଭେଦ ହେଉରୁ ଅତିଶୀଘ୍ର ଶିଶୁ ଉପଯୁକ୍ତ ଚିକିତ୍ସା ଅଭାବରେ ପ୍ରାଣତ୍ୟାଗ କରେ । ଏହା ଅପେକ୍ଷା ଅଧିକ ଶୋଚନୀୟ ଅବସ୍ଥା କଳ୍ପନା କରିବା ଅସମ୍ଭବ ।

ଆପଣମାନେ ବୋଧହୁଏ ଆଶା କରନ୍ତି ପୂର୍ବ ପ୍ରଥାନୁସାରେ ମୁଁ ଆପଣଙ୍କ ଠାରେ ଓଡ଼ିଶାର ନାନା ବିଷୟର ଉନ୍ନତି ସମ୍ବନ୍ଧେ କି ଉପାୟ ଅବଲମ୍ବନ କରିବା ଉଚିତ ତାହା ବ୍ୟକ୍ତ କରିବି । ସମାଜସଂସ୍କାର, ଦେଶମିଶ୍ରଣ, ଉଚ୍ଚଶିକ୍ଷା ପ୍ରଭୃତି ବିଷୟରେ ଏପୂର୍ବେ ଅନେକ ଅଧିବେଶନରେ ସଭାପତିମାନେ ଯଥେଷ୍ଟ ଉପଦେଶ ଦେଇଅଛନ୍ତି । ସେ ସବୁ ଉପଦେଶଦ୍ୱାରା କାର୍ଯ୍ୟ ହୋଇଅଛି କି ନା ତାହା ଆପଣମାନେ ନିଜ ନିଜ ବିବେକଶକ୍ତିକୁ ପଚାରି ଆପଣା ମନକୁ ଉତ୍ତର ଦେଉନ୍ତୁ । ଯଦି ଆପଣମାନଙ୍କର ବିବେକଶକ୍ତି କହେ ସେହି ଅନୁସାରେ ଓଡ଼ିଶାରେ କାର୍ଯ୍ୟ ହୋଇଅଛି, ତାହାହେଲେ ମୋର ଅଧିକ କିଛି କହିବାର ନାହିଁ । ତାହାହେଲେ ବୁଝିବାକୁ ହେବ ଯେ ଓଡ଼ିଶା ଏସବୁ ବିଷୟରେ ଯାହା କରିଅଛି ତାହା ଯଥେଷ୍ଟ । କିନ୍ତୁ ଯଦି ଆପଣମାନେ ବିବେକଶକ୍ତିଦ୍ୱାରା ବୁଝି ପାରନ୍ତି ଯେ ପୂର୍ବ ସଭାପତିମାନଙ୍କର ଉପଦେଶ ଅନୁସାରେ କାର୍ଯ୍ୟ ହୋଇ ନାହିଁ, ତାହାହେଲେ ମଧ୍ୟ ମୋହର କିଛି କହିବା ଅନୁଚିତ । କାରଣ ଏପୂର୍ବେ ଯେଉଁମାନେ ସଭାପତିର ଆସନ ଗ୍ରହଣ କରିଥିଲେ, ସେମାନେ ସମସ୍ତେ ବିଜୁଳିଲୋଭିବ । ବୁଝିବାକୁ ହେବ ଯେ, ସେମାନଙ୍କ

Digitized by srujanika@gmail.com

ଉପଦେଶ ଅନୁସାରେ କାର୍ଯ୍ୟ ହେବା ସେମାନଙ୍କର ଆନ୍ତରିକ ବାସନା ଥିଲା ଏବଂ ସେମାନଙ୍କର ଉପଦେଶ କାର୍ଯ୍ୟରେ ପରିଣତ ହେବା ସକାଶେ ସେମାନେ ଆଶାନୁରୂପ ସହାଯ୍ୟ ପ୍ରଦାନ କରିଅଛନ୍ତି । ତାହାସତ୍ତ୍ୱେ ଯେବେ ସେମାନଙ୍କର ଉପଦେଶ କାର୍ଯ୍ୟରେ ପରିଣତ ହୋଇ ପାରି ନାହିଁ ତାହାହେଲେ ମୋପରି ସାମାନ୍ୟ ଦରିଦ୍ର ବ୍ୟକ୍ତିର ଉପଦେଶ ଯେ କାର୍ଯ୍ୟରେ ପରିଣତ ହେବ, ଏହା ଆଶା କରିଯାଏ ନାହିଁ । ଅତଏବ ସେସବୁ ବିଷୟରେ ଉପଦେଶ ଦେବା ମୋ ପକ୍ଷରେ ଧୃଷ୍ଟତା ହେବ ଏବଂ ଜାତୀୟ ସଭାରେ ମୁଁ ଏପ୍ରକାର ଅପରାଧରେ ଅପରାଧୀ ହେବାକୁ ଇଚ୍ଛା କରେ ନାହିଁ । ଆପଣମାନଙ୍କଠାରେ ମୋହର ଅନୁରୋଧ ଓ ବକ୍ତବ୍ୟ ବାକ୍ୟ ଶେଷ କରିବା ପୂର୍ବରୁ ମୁଁ ଗୋଟିଏ କଥା କହିବାକୁ ଇଚ୍ଛା କରେଁ ।

ସମ୍ମିଳନୀ ଜାତିର ସମ୍ମିଳନ ନିମନ୍ତେ ସମସ୍ତ ଉତ୍କଳବାସୀଙ୍କ ହୃଦୟରେ ଜାତୀୟ ଜୀବନ ସଞ୍ଚାର କରିବା ନିମନ୍ତେ ସ୍ଥାପିତ ହୋଇଅଛି । ଏ ସମ୍ମିଳନୀ କୌଣସି ଏକ ସମ୍ପ୍ରଦାୟସ୍ଥ ବ୍ୟକ୍ତିମାନଙ୍କର ଉନ୍ନତିସାଧନ ନିମନ୍ତେ ହୋଇ ନାହିଁ । ଯାହା ଦ୍ୱାରା ସମସ୍ତ ଉତ୍କଳବାସୀଙ୍କର ଉନ୍ନତି ହେବ ସେହି ପ୍ରକାର ବିଷୟ ସବୁ ଆଲୋଚନା କରିବା ନିମନ୍ତେ ଏ ସମ୍ମିଳନୀର ସୃଷ୍ଟି । ଏରୂପ କାର୍ଯ୍ୟ ଆରମ୍ଭ ପୂର୍ବରୁ ଜାତୀୟ ଜୀବନର ସଞ୍ଚାର ହୃଦୟରେ ଜାଗ୍ରତ ହେବା ଉଚିତ । ମୁଁ ଉତ୍କଳ ମାତାର ସନ୍ତାନ ଏବଂ ଉତ୍କଳ ଭୂମିରେ ଯେଉଁମାନେ ଜନ୍ମଗ୍ରହଣ କରିଅଛନ୍ତି ଓ ଯେଉଁମାନେ ମରଣାନ୍ତେ ନିଜର ମୃତ ଦେହକୁ ଉତ୍କଳ ମାତାର କ୍ରୋଡ଼ରେ ଅର୍ପଣ କରିବାକୁ ଇଚ୍ଛା କରନ୍ତି, ସେମାନେ ଯେଉଁ ଜାତି ହେଉନ୍ତୁ, କି ବଙ୍ଗାଳୀ, କି ମୁସଲମାନ, କି ବ୍ରାହ୍ମଣ, କି କରଣ, କି କଣ୍ଡରା, କି ପାଣ, କି ପଞ୍ଜାବୀ, ଏ ସମସ୍ତେ ଉତ୍କଳ ସନ୍ତାନ । ଯେ ଉତ୍କଳ ମାତାର କ୍ରୋଡ଼ରେ ଜନ୍ମଗ୍ରହଣ କରିଅଛି ଏବଂ ଯେ ବିଶ୍ୱାସ କରେ କି ମୃତ୍ୟୁ ପରେ ଦୁର୍ଗନ୍ଧ ହେଉ ତାହାର ମୃତଦେହକୁ ଜନ୍ମ ଦେଇଥିବା ମାତା ସ୍ୱତ୍ୱରୁ ତାହାକୁ କରିଦେଇଲେ ସେହି ଦୁର୍ଗନ୍ଧ ଶରୀରକୁ ଉତ୍କଳମାତା ଆପଣାର କ୍ରୋଡ଼ରେ ଗ୍ରହଣ କରିବେ, ସେହି ହେଉଛି ଉତ୍କଳର ସନ୍ତାନ । ଉଚ୍ଚ ଶିକ୍ଷାଦ୍ୱାରା ଓକିଲ, ଡେପୁଟି, କଲେକ୍ଟରଙ୍କ ସଂଖ୍ୟା ବଢ଼ାଇବା ଏ ଉତ୍କଳ-ସମ୍ମିଳନୀର ଉଦ୍ଦେଶ୍ୟ ନୁହେଁ । ଏ ଶ୍ରେଣୀର ଲୋକମାନଙ୍କ ଦ୍ୱାରା ବ୍ୟକ୍ତିଗତ ଉନ୍ନତି ହୁଏ, ଜାତୀୟ ଉନ୍ନତି ହୁଏ ନାହିଁ । ଅବଶ୍ୟ ଏ ପ୍ରକାର ହୋଇପାରେ ଯଦି ଏ ଶ୍ରେଣୀସ୍ଥ ଲୋକମାନଙ୍କ ମଧ୍ୟରେ ଜାତୀୟ ଜୀବନ ସଞ୍ଚାରିତ ହୁଏ ଏବଂ ଜାତିର ଉନ୍ନତି କରିବା ଲାଗି ଏ ଶ୍ରେଣୀର ଲୋକମାନେ କୃତସଙ୍କଳ୍ପ ହୁଅନ୍ତି, ତାହା ହେଲେ ସେ ଉଦ୍ଦେଶ୍ୟ ସମ୍ପାଦନ କରିବା ନିମନ୍ତେ ଏ ଶ୍ରେଣୀର ଲୋକମାନଙ୍କର ବିଶେଷ ଯେ ସୁବିଧା ଅଛି ଏହା ସ୍ୱୀକାର

Digitized by srujanika@gmail.com

କରିବାକୁ ହେବ । କନ୍ତୁ ଉଚ୍ଚ ଶିକ୍ଷିତ ହେଲେ କମ୍ପା ଗଭର୍ଣ୍ଣମେଣ୍ଟଙ୍କ ଅଧୀନରେ ଉଚ୍ଚ ପଦ ପ୍ରାପ୍ତ ହେଲେ ଯେ ଜାତୀୟ ଜୀବନ ବୃଦ୍ଧି ହେବ, ଏହା କୁହାଯାଇ ନ ପାରେ । ଜାତୀୟ ଜୀବନର ସଞ୍ଚାର ଓ ବୃଦ୍ଧି ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନର ଉଦ୍ଦେଶ୍ୟ ଉପରେ ନିର୍ଭର କରେ । ମୁଁ ବିଶ୍ୱାସ କରେ ଯେ, ଜଗଦୀଶ୍ୱର ପ୍ରତ୍ୟେକ ବ୍ୟକ୍ତିକୁ ତାଙ୍କର ଉଦ୍ଦେଶ୍ୟ ପାଳନ କରିବା ନିମନ୍ତେ ଜନ୍ମ ଦେଇଛନ୍ତି । ମନୁଷ୍ୟଜନ୍ମର ଉଦ୍ଦେଶ୍ୟ ଆତ୍ମସୁଖ ଉପାର୍ଜ୍ଜନ ନୁହେଁ । ମନୁଷ୍ୟ ନିଜ ସୁଖ ସମ୍ପାଦନରେ ଜୀବନ ଯାପନ କରିବ ଏହା ଜଗତ୍ ପିତାଙ୍କର ଉଦ୍ଦେଶ୍ୟ ନୁହେଁ । ମୋ ଜୀବନ କେବଳ ମୋ ସକାଶେ ଈଶ୍ୱର ଦେଇ ନାହାନ୍ତି, ପରର ଉପକାର ନିମନ୍ତେ ମନୁଷ୍ୟର ଜୀବନ ହୋଇଅଛି । ଫସାର ମାମ୍ମା ବୋଲି ଯାହା ଲୋକେ ସଚରାଚର କହନ୍ତି ତାହାର ଅର୍ଥ ଏହି କି ଯେଉଁମାନଙ୍କୁ ଆମ୍ଭେମାନେ ଆପଣାର ବୋଲି ଜ୍ଞାନ କରୁଅଛୁଁ ସେମାନେ ବାସ୍ତବରେ ପର ଅଟନ୍ତି । ପରଙ୍କ ସକାଶେ ମନୁଷ୍ୟ ଜୀବନ ଧାରଣ କରୁଅଛି । ପ୍ରକୃତି ପ୍ରତି ଦୃଷ୍ଟି କର ଦେଖିବ, ପ୍ରକୃତିର ଜୀବନ ପରୋପକାର ପାଇଁ । ଫସାଲକୁ ତାପ ଦାନ କରି ସୁଖୀ କରିବା ନିମନ୍ତେ ସୂର୍ଯ୍ୟ ନିତ୍ୟ ଉଦୟ ହେଉଅଛି । ଆମ୍ବଗଛ ଗୋଟିଏ ସମସ୍ତ ବର୍ଷ ମାଟିରୁ, ସୂନ୍ଦିଭାପଠାରୁ, ଜଳରୁ ଏବଂ ପବନରୁ ନିଜର ଆହାର ଟାଣି ନେଇ ଶରୀର ପୁଷ୍ଟି କରୁଅଛି । ଏହାର ଉଦ୍ଦେଶ୍ୟ କଣ ? ଫଳ ମନୁଷ୍ୟ ଭୋଗ କରିବ । ଈଶ୍ୱରଙ୍କ ନିୟମରେ ସ୍ୱାର୍ଥପର ହେବା ଅସମ୍ଭବ । ମୁଁ ଯେତେବେଳେ ମାତୃଗର୍ଭରେ ଥିଲି ସେତେବେଳେ ମୋହର ମାତା ତାହାର ରକ୍ତଦ୍ୱାରା ମୋର ଶରୀରକୁ ପୋଷଣ କରୁଥିଲା । ଯେତେବେଳେ ଭୂମିଷ୍ଠ ହେଲି, କଥା କହିବାର ଶକ୍ତି ନ ଥିଲା, ସେତେବେଳେ ମୋହର ମାତା ସତ୍ୟପ୍ରଥମେ ତାଙ୍କର କାର୍ଯ୍ୟଦ୍ୱାରା ମୋହର ଜୀବନର କର୍ତ୍ତବ୍ୟ କର୍ମ ଶିଖାଇଥିଲେ । ତାଙ୍କର ବକ୍ଷସ୍ଥଳର ରକ୍ତ ଦେଇ—ଯେଉଁ ରକ୍ତ ଅସୀମ ସ୍ନେହ ସଂଯୋଗରେ ଶୁଭ୍ର ବର୍ଣ୍ଣ ଧାରଣ କରିଥିଲା, ସେହି ରକ୍ତଦ୍ୱାରା ମୋତେ ପ୍ରତିପୋଷଣ କରିଥିଲେ । ଏ ଶିକ୍ଷାର ଅର୍ଥ କଣ ? ତୋ ଜୀବନ ପର ସକାଶେ, ତାହା ମୋହର ସ୍ତନ୍ୟପାନରୁ ଶିକ୍ଷା କର । ଭାଇମାନେ, ଯଦ୍ୟପି ସମ୍ମିଳନୀକୁ ଜୀବନ୍ତ କରିବାକୁ ଇଚ୍ଛା କର, ପ୍ରଥମ ମାତୃଶିକ୍ଷା ଭୁଲ ନାହଁ । ପର ସକାଶେ, ବଞ୍ଚିବାକୁ ଶିକ୍ଷା କର । ମୋହର ଜୀବନ ଏକା ମୋହର ନୁହେଁ—ଏ ଜୀବନରେ ସମସ୍ତ ଉତ୍କଳ ଜାତିର ଅଧିକାର ଅଛି, ସ୍ୱତ୍ୱ ଅଛି । ଏହି ମନ୍ତ୍ର ଜପିବା ଆରମ୍ଭ କର—"ମୁଁ ଉତ୍କଳ ସନ୍ତାନ, ମୋହର ଲକ୍ଷ ଲକ୍ଷ ଭାଇ ଭଉଣୀ ଅଛନ୍ତି, ସେମାନଙ୍କ ଜୀବନରେ ମୋହର ଜୀବନ ମିଶିଯାଇ ଲୀନ ହୋଇ ଯାଉ, ଏକ ଜୀବନ ହୋଇ ଜାତୀୟ ଜୀବନସ୍ରୋତେ ପ୍ରବଳ ବେଗରେ ପ୍ରବାହିତ ହେଉ ।

Digitized by srujanika@gmail.com

ସମୁଦ୍ରର ଜଳରାଶି ଏକବର୍ଣ୍ଣ ଧାରଣ କରିଅଛି । ଶତ ଶତ ନଦ ନଦୀର ଜଳରାଶି ନାନା ରଙ୍ଗ ଧାରଣ କରି ସମୁଦ୍ର ନକଟରେ ପଡ଼ୁଥିଲେ ସମୁଦ୍ର କହେ, "ତୁମ୍ଭର ନଜ ନଜ ରଙ୍ଗ ଛାଡ଼, ଏହି ଏକ ରଙ୍ଗ ଧାରଣ କର, ତାହାହେଲେ ମୋ ଅଙ୍ଗରେ ମିଶି ପାରିବ ଏବଂ ମୋ ସଙ୍ଗରେ ମିଶିଲେ ମୋର ବଳ ପରାକ୍ରମ ଲାଭ କରିବ ।" ସମ୍ମିଳନୀ ଡ଼େକିଛି ଜାତିର ସମୁଦ୍ର । ଯଦି କେହି ଉଚ୍ଚ ପଦର ଅଭିମାନ ନେଇ ଏଠାରେ ଉପସ୍ଥିତ ହୋଇଥାଅ, ସମ୍ମିଳନୀ କହୁଛି, "ତୁମ୍ଭର ଅଭିମାନ ଛାଡ଼, ନୋହିଲେ ମୋ ସଙ୍ଗରେ ତୁମ୍ଭେ ମିଶି ପାରିବ ନାହିଁ ।" ଯଦି ବ୍ରାହ୍ମଣ କି କରଣ ବୋଲି ଜାତି ଅଭିମାନ ନେଇ ଏଠାରେ କେହି ଉପସ୍ଥିତ ହୋଇଥାଅ, ଏ ଉତ୍କଳ ଜାତିର ସମୁଦ୍ର ତୁମ୍ଭମାନଙ୍କୁ କହୁଛି, "ଏକରଙ୍ଗ ନ ହେଲେ ମୋ ସଙ୍ଗରେ ମିଶି ପାରିବ ନାହିଁ ଏବଂ ମୋହର ପ୍ରକୃତ ପ୍ରତାପ ଓ କ୍ଷମତାର ପରିଚୟ ପାଇବ ନାହିଁ ।" ଏହି ଉତ୍କଳ ଭୂମିରେ ଉତ୍କଳ ସନ୍ତାନମାନେ ବହୁକାଳ ପୂର୍ବେ ଏକତାର ମୂଲ୍ୟ ଓ ଆବଶ୍ୟକତା ଯେ ବୁଝିଥିଲେ ତାହାଁର ପ୍ରମାଣ ଜଗନ୍ନାଥଙ୍କ ମନ୍ଦିର । ଏଠାରେ ଜାତିର ମାନ ନାହିଁ । ରାଜାକୁ ମଧ୍ୟ ଏ ପ୍ରକାର କର୍ମ କରିବାକୁ ଦୂର ଯାହା ସ୍ଥାନାନ୍ତରେ ନିକୃଷ୍ଟ ବ୍ୟକ୍ତି କରିଥାଏ । ଜଗନ୍ନାଥଙ୍କର ମନ୍ଦିର ପ୍ରତି ଦୃଷ୍ଟି କର ସେଠାରେ ଏକତାର ଜ୍ୱଳନ୍ତ ଶିକ୍ଷା ପାଇବ । ସମୁଦ୍ର ପ୍ରତି ଦୃଷ୍ଟି କର, ସେଠାରେ ଏକତାର ଉଦାହରଣ ପାଇବ । ଏହିଠାରେ ସ୍ୱର୍ଗଦ୍ୱାର ଅଛି । ମନୁଷ୍ୟ ଏହି ସ୍ୱର୍ଗଦ୍ୱାର ଯାଏଁ ଉନ୍ନତି ଓ ସୁଖର ସ୍ଥାନକୁ ଲାଭ କରିପାରେ । ଏ ପ୍ରକାର ସ୍ଥାନରେ ଏ ସମ୍ମିଳନୀର ଅଧିବେଶନ । ମୋହର ବକ୍ତୃତା ଦେବାର ଆବଶ୍ୟକ ନାହିଁ । ଶତ ଶତ ବର୍ଷ ପୂର୍ବେ ଆମ୍ଭମାନଙ୍କର ପୂଜ୍ୟ ପୁରୁଷମାନେ ଉତ୍କଳର ଯେଉଁ ଶିକ୍ଷା ଦେଇଥିଲେ, ତାହା ସ୍ୱର୍ଣ୍ଣାକ୍ଷରରେ ଜଗନ୍ନାଥଙ୍କ ମନ୍ଦିରରେ ଲେଖା ଅଛି । ପ୍ରକୃତି ସ୍ଥାନେ ସ୍ଥାନେ ନାଶଭାବରେ ଯେଉଁ ଶିକ୍ଷା ଦେଉଅଛି, ତାହା ସମୁଦ୍ର କ୍ରୋଧରେ ଗର୍ଜ୍ଜନ କରି ଶିକ୍ଷା ଦେଉଅଛି । କ୍ରୋଧର କାରଣ ଏହି କି ଯେ ଏତେ କାଳଯାଏ ଏ ଶିକ୍ଷା ଆମ୍ଭେମାନେ ଗ୍ରହଣ କଲୁ ନାହିଁ । ଜାତିର ଉନ୍ନତି, ଜାତିର ଗୌରବ ବଢ଼ାଇ, ଯେତେବେଳେ ଅବକାଶ ପାଅ ଚିନ୍ତା କର । ରେଜ ୧୦ ମିନଟ୍ ମାତ୍ର ଚିନ୍ତା କଲେ ଦେଖିବ, ସେ ଚିନ୍ତାରୁ ମନରେ ସୁଖଲାଭ ହେବ ଏବଂ ସେ ସୁଖଲାଭ ହେଉ ୧୦ ମିନଟ୍‌କୁ ୨୦ ମିନଟ୍ କରିବାକୁ ଇଚ୍ଛା ହେବ । ଜାତୀୟ ବିଷୟ ଚିନ୍ତା କରିବାଦ୍ୱାରା କ୍ରମେ ଜାତୀୟ ଜୀବନ ହୃଦୟରେ ଜାଗ୍ରତ ହେବ । ଶେଷରେ ସେହି ଜୀବନ ତୁମ୍ଭର ହୃଦୟସ୍ଥଳରୁ ଆରମ୍ଭ କରି ସମୟରେ ରକ୍ତ ମାଂସ ଏବଂ ସମସ୍ତ ଶରୀରକୁ ଜାତୀୟ ଜୀବନରେ ଉତ୍ତେଜିତ କରିବ । ଏହି ଉତ୍କଳ ସମସ୍ତ ଉତ୍କଳବାସୀଙ୍କ ମନରେ ଜନ୍ମାଇବାର ପ୍ରଥମେ

Digitized by srujanika@gmail.com

ଚେଷ୍ଟା କର । ସହସ୍ର ସହସ୍ର ଉଜ୍ଜ୍ୱଳ ସନ୍ତାନଙ୍କର କଣ୍ଠକୁହରରେ ଜାତୀୟ ଜୀବନର ମନ୍ତ୍ର ପ୍ରବେଶ କରୁ ଏବଂ ସହସ୍ର ସହସ୍ର ହୃଦୟ ସେହ୍ନ ମନ୍ତ୍ରଦ୍ୱାରା ଉତ୍ତେଜିତ ହେଉ । ଅଲଦିନ ମଧ୍ୟରେ ଦେଶିବ ସ୍ୱଚ୍ଛିଲତା ଜାତୀୟ ମହାସମୁଦ୍ର ରୂପ ଧାରଣ କରି ତାହାର ଉଲ୍ଲଙ୍ଘିତପଥରେ ଯେଉଁ ବାଧାବିଘ୍ନ ପଡ଼ିବ ତତ୍ ସମସ୍ତ ଅବଲୀଳାକ୍ରମେ ଅତିକ୍ରମ କରି ଉଜ୍ଜ୍ୱଳ ଜାତିକୁ ପୂର୍ଣ୍ଣମୟ ସ୍ଥାନରେ ପହଞ୍ଚାଇବ । ଆମ୍ଭମାନଙ୍କର ଯେ ବର୍ତ୍ତମାନ ଆକାଙ୍କ୍ଷା—ଦେଶମିଶ୍ରଣ ସମ୍ବନ୍ଧେ କୁହ, ସମାଜ ସଂସ୍କାର ସମ୍ବନ୍ଧେ କୁହ, ସମସ୍ତ ପୂର୍ଣ୍ଣ ହେବ । ଉଜ୍ଜ୍ୱଳ-ମାତାଙ୍କର ଶରୀର ବର୍ତ୍ତମାନ ଛିନ୍ନ, ଅବସ୍ଥା ଅତିଶୟ ଶୋଚନୀୟ । ଯେଉଁ ପ୍ରଦେଶରୁ ଉପେନ୍ଦ୍ର ଭଞ୍ଜଙ୍କର କଣ୍ଠଧ୍ୱନି ଉଠି ଏକ ସମୟରେ ଉଜ୍ଜ୍ୱଳଜାତିର ହୃଦୟକୁ ଆହ୍ଲାଦରେ ନଚାଉଥିଲା, ସେ ପ୍ରଦେଶ ବର୍ତ୍ତମାନ ଉଜ୍ଜ୍ୱଳଜନନୀଙ୍କର ଶରୀରରୁ ବିଚ୍ଛିନ୍ନ । କଏ ଏପର ଉଜ୍ଜ୍ୱଳ ସନ୍ତାନ ଅଛି ଯେ ଏହାର ମିଳନ ଆକାଙ୍କ୍ଷା ନ କରେ ? କନ୍ତୁ ଦୁଃଖର ସହିତ ସ୍ୱୀକାର କରିବାକୁ ହେବ ଯେ ଆମ୍ଭମାନଙ୍କ ନିଜ ଦୋଷରୁ କୟଦଂଶରେ ଆମ୍ଭେମାନେ ବର୍ତ୍ତମାନ ଘୃଣାବସ୍ଥା ଲାଭ କରିଅଛୁଁ । ଗତ ଦୋଷମାନ ବ୍ୟାଖ୍ୟା କରିବାର ବର୍ତ୍ତମାନ ଆବଶ୍ୟକ ନାହିଁ । ଜାତୀୟ ଜୀବନର ସଞ୍ଚାର ହେଲେ ଦେଶମିଶ୍ରଣ ନିମନ୍ତେ ପ୍ରସ୍ତାବ କରିବା, ସେମୋରିଏଲ୍ କରିବା ଆବଶ୍ୟକ ହେବ ନାହିଁ । ଜାତୀୟ ଜୀବନଦ୍ୱାରା ଏ ଆଶ୍ଚର୍ଯ୍ୟ କାର୍ଯ୍ୟମାନ ହୋଇ ପାରେ, ତାହା ଜାପାନ ଦେଶର ଇତିହାସରୁ ଶିକ୍ଷା କର । ଜାତୀୟ ଜୀବନକୁ ସବଳ କରିବାକୁ ସତତ ଚେଷ୍ଟା କର । ଯେହ୍ନ ସେ ଜୀବନର ଗତିକୁ ରୋଧ କରି ପାରିବ ନାହିଁ । ଈଶ୍ୱର କରନ୍ତୁ ଆଗାମୀ ବର୍ଷ ସମ୍ମିଳନୀ ଅଧିବେଶନ ସମୟରେ ଜାତୀୟ ଜୀବନର ସ୍ପଷ୍ଟ ପ୍ରମାଣ ଦୃଶ୍ୟ ହେଉ । କେହି କେହି ପଚାରି ପାରନ୍ତି ଜାତୀୟ ଜୀବନର ଲକ୍ଷଣ କଣ ? କ କ ଲକ୍ଷଣଦ୍ୱାରା ଜାତୀୟ ଜୀବନର ପରିଚୟ ମିଳିବ ? ଜାତୀୟ ଜୀବନ ଏ ପ୍ରକାର ଯେ ପ୍ରତି ମନୁଷ୍ୟଠାରେ ତାହା ରହିଅଛି । ମନୁଷ୍ୟ ଜୀବନର ପ୍ରଥମ ଓ ଶେଷ ସୀମା ସମାନଭାବ ଧାରଣ କରେ । ଏ ସାଦୃଶ୍ୟ କ ରାଜା, କ ଭିକ୍ଷୁକ, କ ବ୍ରାହ୍ମଣ, କ ନୀଚଜାତି ସମସ୍ତଙ୍କ ଜୀବନରେ ଦେଖାଯାଏ । ମାତୃ-ଗର୍ଭରେ ଜୀବନର ଆରମ୍ଭ ସମୟରେ ସମାଜ ସହିତ କର୍ମ୍ମ। ବହିର୍ଜଗତ ସହିତ କୌଣସି ସମ୍ବନ୍ଧ ନ ଥାଏ । ଶରୀରର ଯେଉଁସବୁ ଦୈନିକ କ୍ରିୟାଦ୍ୱାରା ମନୁଷ୍ୟ ଜୀବିତ ଅଛି ମାତୃଗର୍ଭରେ ସେ ସବୁ କ୍ରିୟା ମଧ୍ୟ ଶରୀରର ନ ଥାଏ । ଚକ୍ଷୁ କାର୍ଣ୍ଣ ଆଦି ଇନ୍ଦ୍ରିୟମାନଙ୍କର ପରିଚାଳନା ଦ୍ୱାରା ବହିର୍ଜଗତ ସହିତ ମନୁଷ୍ୟର ସମ୍ପର୍କ ସଂସ୍ଥାପିତ ହୁଏ । ଏହି ସବୁ ଇନ୍ଦ୍ରିୟମାନଙ୍କର ଚାଳନା ନ ହେଲେ ମନୁଷ୍ୟ କୌଣସି କାର୍ଯ୍ୟ କରି ପାରେ ନାହିଁ । ମୃତ୍ୟୁଶଯ୍ୟାରେ ମନୁଷ୍ୟର ଅବସ୍ଥା ଠିକ୍ ଏହି ପ୍ରକାର । ମୃତ୍ୟୁଶଯ୍ୟାରେ ଆସି ଦେଖିବ ନାହିଁ ।

Digitized by srujanika@gmail.com

କାନ ଶୁଣିବ ନାହିଁ, ମୁହଁ କଥା କହିବ ନାହିଁ କମ୍ବା ଖାଇବ ନାହିଁ, ଗୋଡ଼, ହାତ କିଛି କାମ କରିବ ନାହିଁ । ଏପରି ଅବସ୍ଥାରେ ମନୁଷ୍ୟର ଆତ୍ମା ଶରୀର ମଧ୍ୟରେ ନ ଥାଏ । ବହିର୍ଜଗତ୍ ବା ସଂସାର ସହିତ କୌଣସି ସମ୍ପର୍କ ନ ଥାଏ । ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛି ଏହି ମନୁଷ୍ୟ ମଧ୍ୟରେ ଯେଉଁ ଆତ୍ମା ଅଛି, ସେହି ହେଉଛି ମନୁଷ୍ୟର ଜୀବନ । ସେହି ଆତ୍ମାର ଉନ୍ନତି ଏବଂ ଅବନତି ଅନୁସାରେ ପ୍ରତ୍ୟେକ ମନୁଷ୍ୟର ଉନ୍ନତି ଓ ଅବନତି ହେବ । ସମସ୍ତ ମନୁଷ୍ୟଙ୍କର ଜୀବନ ଆରମ୍ଭ ଓ ଶେଷ ଏହି ଦୁଇ ସୀମାର ମଧ୍ୟବର୍ତ୍ତୀ ସମୟରେ ଯେ ପାର୍ଥକ୍ୟ ଦେଖାଯାଏ, ସେହି ପାର୍ଥକ୍ୟ ହେଉଛି ବ୍ୟକ୍ତିଗତ ଜୀବନ । ସମାଜ ଓ ସଂସାର ସେଇ ପାର୍ଥକ୍ୟ ଘଟାଏ । ମନୁଷ୍ୟ ଭୂମିଷ୍ଠ ହେଲାଦିନଠାରୁ ଜୀବନର ଶେଷ ସୀମା ମୃତ୍ୟୁଶଯ୍ୟାରେ ପହଞ୍ଚିବା ନିମନ୍ତେ ଧାବମାନ ହେଉଅଛି । ଯଦି କୌଣସି ମନୁଷ୍ୟକୁ ପଚାର—"ଭାଇ, କେଉଁଠାକୁ ଯାଉଅଛ ?" ତେବେଚଳା ବ୍ୟକ୍ତିମାତ୍ରେ କହିବେ "ମୃତ୍ୟୁଶଯ୍ୟାକୁ ଯାଉଅଛୁ ।" ଏହି ସୀମାରେ ଉପସ୍ଥିତ ହେବାକୁ କେହି ବା ଉଡ଼ୁକା ଭାବରେ ଯାଉଅଛି, କେହି ରାଜସିଂହାସନ ଉପରେ ବସି ଯାଉଅଛି, କେହି ଅଶ୍ୱ ହସ୍ତୀ ଉପରେ ଆସୀନ ହୋଇ ଯାଉଅଛି । କିନ୍ତୁ ସମସ୍ତେ ସେହି ଶେଷ ପରୀକ୍ଷାର ସ୍ଥାନ ମୃତ୍ୟୁଶଯ୍ୟା ଆଡ଼କୁ ଯାଉଅଛନ୍ତି । ଏହି ଦୁଇ ସୀମାର ବିଷୟ ଧୀରଭାବରେ ଚିନ୍ତା କଲେ ଜାତୀୟ ଜୀବନ ଲକ୍ଷଣ ଅନାୟାସରେ ପାଇବେ ।

ଜାତୀୟ ଜୀବନ ସଂସାରର କମ୍ବା ସମାଜର ପୁରସ୍କାର ପ୍ରତ୍ୟାଶାରେ କାର୍ଯ୍ୟ କରେ ନାହିଁ । ସାଂସାରିକ ମାନ୍ୟ, ସାଂସାରିକ ପୁରସ୍କାର, ମାନ୍ୟସୂଚକ ପଦ କି ଖେତାବ ଏ ସବୁ ତାହାର ଉଦ୍ଦେଶ୍ୟ ନୁହେଁ । ଏ ସବୁ ଆତ୍ମାର ଅଳଙ୍କାର ସ୍ୱରୂପ ବ୍ୟବହୃତ ହୋଇ ପାରେ ନାହିଁ । ଆତ୍ମା ଈଶ୍ୱରଙ୍କ ତୁଲ୍ୟ ଜ୍ୟୋତିର୍ମୟ । ଈଶ୍ୱରଙ୍କୁ କୌଣସି ଜାତି ମାନ୍ୟସୂଚକ ପଦ ସହିତ ସମ୍ବୋଧନ କରନ୍ତି ନାହିଁ । ଏହାର କାରଣ କ'ଣ ? ଏହାର କାରଣ ଏହି କି ମନୁଷ୍ୟ ଜାତି ଯାହାକୁ ପ୍ରକୃତ ଏବଂ ପ୍ରଗାଢ଼ ଭକ୍ତି ଓ ଶ୍ରଦ୍ଧାଭାବରେ ଦେଖନ୍ତି ତାଙ୍କ ପ୍ରତି ସମ୍ମାନସୂଚକ ବାକ୍ୟ ବ୍ୟବହାର କରନ୍ତି ନାହିଁ । ଆମ୍ଭମାନଙ୍କ ମଧ୍ୟରେ କେହି ଗର୍ଭଧାରିଣୀ ମାତାଙ୍କୁ ଆପଣ ବୋଲି ସମ୍ବୋଧନ କରେ ନାହିଁ । ଅଯୋଧ୍ୟାରେ ଅନେକ ମହାରାଜା ରାଜତ୍ୱ କରିଥିଲେ । ତାଙ୍କର ନାମ କେହି ଜାଣନ୍ତି ନାହିଁ । କେବଳ ଜଣକର ନାମ ଜଗଦ୍‌ବିଖ୍ୟାତ । ସେ ନାମ 'ରାମ' ନାମ । ମହାରାଜାଧିରାଜ ଆଦି ଶବ୍ଦ ସେ ନାମ ସହିତ କେହି ସଂଯୋଗ କରେ ନାହିଁ । ସୀତା କମ୍ବା ସାବିତ୍ରୀ ରାଣୀ କି ମହାରାଣୀ ବୋଲି ବିଖ୍ୟାତ ନୁହନ୍ତି । ପୃଥିବୀରେ ଅନେକ ମୁସଲମାନ ବାଦଶା ନାନା ଖେତାବ ଓ ପଦ ଧାରଣ କରି ରାଜତ୍ୱ କରିଅଛନ୍ତି । ଇଉରୋପରେ ମଧ୍ୟ ଅନେକ

Digitized by srujanika@gmail.com

ଶ୍ରୀଷ୍ଟଧର୍ମାବଲମ୍ବୀ ରାଜାମାନେ ଲମ୍ବା ଲମ୍ବା ଖେତାବ ଘେନି ବର୍ତ୍ତମାନ ରାଜତ୍ୱ କରୁଅଛନ୍ତି । କିନ୍ତୁ ମହତ୍ତ୍ୱଦ ଓ ଯିଶୁଖ୍ରୀଷ୍ଟଙ୍କର କୌଣସି ଖେତାବ ନାହିଁ । ପୁରାତନ କଥା ଛାଡ଼ଦେଲେ ଅଧୁନାତନ ଇତିହାସରେ ମଧ୍ୟ ଏ ପ୍ରକାର ଦେଖାଯାଏ । ରାମମୋହନ ରାୟ ଜୀବିତ ଥିବା ସମୟରେ "ରାଜା" ବୋଲି ପରିଚିତ ଥିଲେ । ବର୍ତ୍ତମାନ ରାମମୋହନ ରାୟ ବୋଲି ପରିଚିତ । ସମାଜ ଓ ସଂସାର ବ୍ୟକ୍ତିଗତ ଜୀବନର ଯେ ପ୍ରକାର ପୁରସ୍କାର ଦଅନ୍ତି, ଜାତୀୟ ଜୀବନର ପୁରସ୍କାର ତଦ୍‌ବିପରୀତ । ଯଦି ଜାତୀୟ ଉନ୍ନତି କାର୍ଯ୍ୟରେ ପ୍ରବୃତ୍ତ ହେବାକୁ ଇଚ୍ଛା କର, ସାଂସାରିକ ପୁରସ୍କାର ଆଶା ପରିତ୍ୟାଗ କର"--ନାମ ରଖିବ" ଏପ୍ରକାର ଅଭିଳାଷକୁ ମନରେ ସ୍ଥାନ ଦଅ ନାହିଁ । ଯେଉଁମାନେ ନାମ ରଖିଯିବାକୁ ଆଶା କରନ୍ତି ମୋ ସ୍ୱଳ୍ପ ବିବେଚନାରେ ସେମାନେ ଅବୋଧ । ଯେଉଁ ବ୍ୟକ୍ତି ନାମ ରଖିଯିବାର ଆଶା କରେ ସେ ଧୀରଭାବରେ ବିବେଚନା କଲେ ଦେଖିବ ସେ ଯେଉଁ ନାମ ଧାରଣ କରଅଛି ତାହାର ଜନ୍ମ ପୂର୍ବରୁ ସହସ୍ର ସହସ୍ର ଲୋକ ସେହି ନାମ ଧାରଣ କରିଥିଲେ । କିନ୍ତୁ ସେ ତାହାର ନାମ ନୁହେଁ । ଅନ୍ୟ ବ୍ୟକ୍ତିଙ୍କର ନାମ । ଆତ୍ମାର ନାମ ନାହିଁ । ତାକୁ ନାମ ଧରି ଡାକିବା ଅସମ୍ଭବ । ଯଦି ଏ ଜଗତରେ ମୁଁ ଜନ୍ମଗ୍ରହଣ କରିଥିଲି ଏବଂ ମୋହର ଅନ୍ତେ ଯଦି ମୋହର ଅସ୍ତିତ୍ୱର କୌଣସି ଚିହ୍ନ ରହେ, ସେହି ଚିହ୍ନ ଅଟ୍ଟାଳିକାରେ କମ୍ବା ଗାଁ-ସ୍ତମ୍ଭରେ ରହିବା ଅସମ୍ଭବ । ଆତ୍ମାର କାର୍ଯ୍ୟ ଆତ୍ମାରେ ଦର୍ଶିତ ହେବ । "ମୋହ ଆତ୍ମାର କର୍ତ୍ତବ୍ୟ ଜ୍ଞାନ ଓ ଜାତୀୟ ଉନ୍ନତିର ଆଶାକୁ ଅନ୍ୟ ଲୋକଙ୍କର ଆତ୍ମା ଗ୍ରହଣ କଲେ ସେହି ପ୍ରକୃତରେ ମୋ ଆତ୍ମାର ଗାଁ-ସ୍ତମ୍ଭ ହେବ ।" ମୁଁ ଏଠାରେ ମୁଁ ଶବ୍ଦ ବ୍ୟବହାର କରିବାର ଉଦ୍ଦେଶ୍ୟ ଏହି । ମୁଁ ଆପଣମାନଙ୍କୁ ଅନୁରୋଧ କରୁଅଛି କି ପ୍ରତ୍ୟେକ ଭାଇ ନିଜ ନିଜ ମନରେ ଆପଣାକୁ ଆପେ ଏହି ଭାବରେ ସମ୍ବୋଧନ କରି ଏ ଗୁରୁତର ବିଷୟ ଚିନ୍ତା କରନ୍ତୁ । ଭାଇମାନେ, ଆପଣମାନଙ୍କ ଅନୁଗ୍ରହରୁ ମୁଁ ଏଠାରେ ବର୍ତ୍ତମାନ ସଦ୍ଭାବଦ ସ୍ୱରୂପ ଆପଣମାନଙ୍କ ସମ୍ମୁଖରେ ଦଣ୍ଡାୟମାନ । କିନ୍ତୁ ବର୍ତ୍ତମାନ ମୋହର ବୃଦ୍ଧାବସ୍ଥା । ଗୋଟିଏ ଗୋଡ଼ ଶ୍ମଶାନରେ ଏବଂ ଅନ୍ୟ ଗୋଡ଼ ଜନସମାଜରେ । ଏ ଜୀବିତରେ ମୃତ୍ୟୁଶଯ୍ୟା ମାନସିକ ଚକ୍ଷୁପଟରେ ଆତ୍ମାର ଚକ୍ଷୁର ସମ୍ମୁଖରେ ସର୍ବଦା ଦୃଶ୍ୟମାନ, ମୁଁ ଓଡ଼ିଶାରେ ଜନ୍ମ ଗ୍ରହଣ କରିଅଛି ଏବଂ ଜାତି ପ୍ରତି ମୋହର କର୍ତ୍ତବ୍ୟକର୍ମ ଈଶ୍ୱରଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ହୋଇଅଛି । ଯେତେବେଳେ ମୃତ୍ୟୁଶଯ୍ୟାରେ ସଂସାରସମ୍ବନ୍ଧ ମୋହର ସମସ୍ତ ସମ୍ପର୍କ ଛିନ୍ନ ହେବ ଏବଂ ମୋହର ଆତ୍ମାକୁ ଈଶ୍ୱର ପରିବେ ଛୁ ଡୋର ଜାତିପ୍ରତି କର୍ତ୍ତବ୍ୟ କର୍ମ କି ପ୍ରକାର କରିଅଛୁ, ଡେଡେବେଳେ ମୋହର ଆତ୍ମା ଯଦି କହିପାରେ ଯଥାସାଧ୍ୟ ମୁଁ ମୋହର ଜାତିର ସେବା କରିବାକୁ ଚେଷ୍ଟା କରିଅଛି, ତାହାହେଲେ ଜ୍ଞାନ-ଦରିଦ୍ର ଅବସ୍ଥାରେ ଏବଂ ଜନାଶୂନ୍ୟ ସ୍ଥାନରେ ମୋହର ଶଯ୍ୟା ଥିଲେ

Digitized by srujanika@gmail.com

ମଧ୍ୟ ମୁଁ ଆପଣାକୁ ସୁଖୀ ଜ୍ଞାନ କରିବି । ଜଣେ ପାରସ୍ୟ କବି କହିଛନ୍ତି କି ଯେତେବେଳେ କର୍ତ୍ତବ୍ୟପରାୟଣ ଆତ୍ମା ଏ ସଂସାର ତ୍ୟାଗ କରିବାକୁ ପ୍ରସ୍ତୁତ ହୁଏ ତେତେବେଳେ ତାହା ପକ୍ଷରେ ମୃତ୍ୟୁଶଯ୍ୟା ରାଜସିଂହାସନ ହେଉ ଅବା ପାଉଁଶଗଦା ହେଉ, ଏ ଦୁଇରେ କିଛି ପ୍ରଭେଦ ନାହିଁ ।

ସତ୍ୟବାଦୀ ବଦ୍ୟାଳୟ *

ବର୍ତ୍ତମାନ ଯେଉଁ ପ୍ରସ୍ତାବ ଉପସ୍ଥିତ ହୋଇଅଛି, ସେ ସମ୍ବନ୍ଧରେ ମୁଁ କିଛି କହିବାକୁ ଇଚ୍ଛୁକ ଓ ଅନୁରୁଦ୍ଧ । ମୁଁ ନୀଳକଣ୍ଠଙ୍କୁ ଅନେକ ଦିନରୁ ଚିହ୍ନେ । ପୂର୍ବେ ମୋହର ତାଙ୍କପ୍ରତି ଅନେକ ପ୍ରକାର ସନ୍ଦେହାତ୍ମକ ଧାରଣା ଥିଲା ଏବଂ ତାଙ୍କ ବିଷୟରେ ମୋର ନାନାପ୍ରକାର ଆଶଙ୍କା ହୋଇଥିଲା । କିନ୍ତୁ ସୁଖର କଥା ସେ ସବୁ ବର୍ତ୍ତମାନ ସମ୍ପୂର୍ଣ୍ଣରୂପେ ମୋ ମନରୁ ଘୁଞ୍ଚିଅଛି । ଦୁଇ ରାତି ତାଙ୍କ ସହିତ ୬ଟାରୁ ୮ଟା ପର୍ଯ୍ୟନ୍ତ କଥୋପକଥନ କରି ମୋର ଭ୍ରାନ୍ତି ଗଲିଯାଇଛି । ତାଙ୍କ ସହିତ ମୋର ସେହି କଥୋପକଥନରୁ ମୁଁ ତାଙ୍କ ବିଷୟରେ ବହୁଇଭାବ ମନରେ ପୋଷିଅଛି । ଏମାନଙ୍କ ଦ୍ୱାରା ବାସ୍ତବିକ ଜାତୀୟ ଉନ୍ନତି ସାଧିତ ହେବ, ଏଥିରେ ସନ୍ଦେହ ନାହିଁ । ଏମାନଙ୍କୁ ଦେଶୀ କାଠ, ପଥର ପାତରେ ପଢ଼ିଲଭଳି ଶତ ଶତ ରାଜା ମହାରାଜାମାନେ ମଧ୍ୟ ଆଜି ସେମାନଙ୍କର ଧର୍ମଗ୍ରହଣ ଓ ସମର୍ଥନ କଲେ । ମୁଁ ସେମାନଙ୍କ କାର୍ଯ୍ୟରେ ସାହାଯ୍ୟ କରିଥାଏ ଏବଂ ବରାବର କରିବି । ସେମାନେ ମନୁଷ୍ୟ ଗଢ଼ିବା ପାଇଁ କୃତସଂକଳ୍ପ । ଜଗନ୍ନାଥ ମୁଣ୍ଡି ସମସ୍ତେ ଗଢ଼ି ପାରିବେ, କିନ୍ତୁ ତା ଭିତରେ ଯେଉଁ ବ୍ରହ୍ମ ଅଛି, ତାହା କେହି ଗଢ଼ି ପାରନ୍ତି ନାହିଁ । ଯେତେବେଳେ ଆମ୍ଭମାନଙ୍କ ଦେଶର ଯୁବକମାନଙ୍କ ହୃଦୟରେ ପ୍ରାଣବ୍ରହ୍ମ ପ୍ରତିଷ୍ଠିତ ହୋଇ ସେମାନଙ୍କୁ ପରମ ମନୁଷ୍ୟତାରେ ଜାଜ୍ୱଲ୍ୟମାନ କରିଦେବ ସେତେବେଳେ ଗଭର୍ଣ୍ଣମେଣ୍ଟ ବା ଅନ୍ୟ ଯେ କେହି ସେମାନଙ୍କୁ ଅବଶ୍ୟ ସମ୍ମାନ କରିବେ (କରତାଳି) । ଆମ୍ଭସାହାଯ୍ୟ ଇଚ୍ଛାଫଳ ଅଟଉଛି । ନାଉଡ଼ିକୁ ଭଡ଼ା ନ ଦେଇ ପାଣିରେ ଡେଇଁ ପଡ଼ିଲେ ସେହି ନାଉଡ଼ି ଲଗା ପକାଇ ତାହାକୁ ପାଣିରୁ ଓହାରି ଆଣି, ପହିଁବାକୁ ଲଗା ଦେଇ ତାପୂର୍ତ୍ତି କରି ମନକୁ ପାର କରିଦିଏ । ଗୋପବନ୍ଧୁ, ନୀଳକଣ୍ଠ ନିଜ ଗୋଡ଼ରେ ଛିଡ଼ା ହୋଇଅଛନ୍ତି । ସେମାନଙ୍କ କାର୍ଯ୍ୟ ଦେଶୀ ଦେଶବାସୀ ତଥା ଗଭର୍ଣ୍ଣମେଣ୍ଟ ଯଥାସମୟରେ ସେମାନଙ୍କୁ ସାହାଯ୍ୟ କରିବାକୁ ଅଗ୍ରସର ହେବେ, ସନ୍ଦେହ ନାହିଁ । ସେମାନେ ଯେ ଭାବରେ କାର୍ଯ୍ୟ ଆରମ୍ଭ କରିଅଛନ୍ତି ଏବଂ ନାନାବିଧ ବିଘ୍ନସତ୍ତ୍ୱେ ଅବିଚଳିତ ଚିତ୍ତରେ ଉକ୍ତ କାର୍ଯ୍ୟରେ ଲଗି ରହିଅଛନ୍ତି, ସେଥିରେ ସେମାନେ ଯେ ସମସ୍ତଙ୍କର ପ୍ରଶଂସା-

---

* ଉତ୍କଳ ସମ୍ମିଳନୀ ନବମ ଅଧିବେଶନ—୧୯୧୩ ମସିହାରେ ପ୍ରସ୍ତାବ

Digitized by srujanika@gmail.com

ଭଜନ, ଏହା ବୋଲବା ବାହୁଲ୍ୟ । ମୁଁ ସେମାନଙ୍କୁ ଧନ୍ୟବାଦ ଦେଉଅଛି ଏବଂ ଆପଣମାନେ ଯେ ସେମାନଙ୍କ କାର୍ଯ୍ୟକୁ ଅନ୍ତର ସହିତ ଗ୍ରହଣ କରିଅଛନ୍ତି ସେଥିଲାଗି ଆପଣମାନଙ୍କୁ ମଧ୍ୟ ଧନ୍ୟବାଦ ଦେଉଅଛି ।

ମାନ୍ଦ୍ରାଜର ଓଡ଼ିଶାଞ୍ଚଳ ମିଶ୍ରଣ *

ଭାଇମାନେ !

ଏ ବିଷୟ ଯେ ବାଞ୍ଛନୀୟ ଏଥିରେ ବକ୍ତୃତା କରିବା ଅନାବଶ୍ୟକ । ମୁଣ୍ଡ ଏକ ସ୍ଥାନରେ, ହାତ ଏକ ସ୍ଥାନରେ, ପାଦ ଏକ ସ୍ଥାନରେ ପଡ଼ି ରହିଅଛି । ଏହି ଅବସ୍ଥାକୁ କେହି ମନୁଷ୍ୟର ସୁସ୍ଥ ଅବସ୍ଥା ବୋଲି କହି ନ ପାରେ । ଉପେନ୍ଦ୍ର ଭଞ୍ଜ ପରି ମସ୍ତକ ଗଞ୍ଜାମରେ ଉତ୍କଳମାତାଙ୍କ ଗର୍ଭରୁ ବଚ୍ଛିନ୍ନ ହୋଇ ପଡ଼ିରହିଛି । ଯଦି ଏ ଦେଶର ମିଳନ ହୁଏ ତେବେ ମନେ କର ଏ ଅନ୍ତଃକରଣ କଅଣ ହେବ ? ନଦୀର ଯେପରି ଜୁଆର ହୋଇଥାଏ, ପୁଣି ଭଟ୍ଟା ହୋଇଗଲେ ପାଣିସବୁ ସ୍ଥାନେ ସ୍ଥାନେ ରହିଯାଏ, ସେହିପରି ଓଡ଼ିଶାର ଦଶେ ଜୁଆର ଅବସ୍ଥା ଥିଲା । କନ୍ତୁ ବର୍ତ୍ତମାନ ଭଟ୍ଟା ଅବସ୍ଥାରେ ସ୍ଥାନେ ସ୍ଥାନେ ମହାଏ ମହାଏ ପାଣି ରହିଲପରି ଦେଶଟା ଏଠାରେ ଖଣ୍ଡେ ସେଠାରେ ଖଣ୍ଡେ ହୋଇ ପଡ଼ିରହିଅଛି । ଯେପରି ସେହି ସମସ୍ତ ଜଳାଶୟକୁ ପୁଣି ଏକତ୍ର କରିବାକୁ ହେଲେ ଜୁଆର ଆବଶ୍ୟକ, ସେହିପରି ଏହି ଦେଶକୁ ଏକତ୍ର କରିବାକୁ ହେଲେ ସଙ୍ଘ ଜାତିୟ ଭାବର ଜୁଆର ଉଠାଇବାକୁ ହେବ (ଘନ ଘନ କରତାଳ) । ଉତ୍କାଗାପଟଣାର ବନ୍ଧୁଙ୍କୁ ମୁଁ ପ୍ରଥମେ ତେଲୁଗୁ ବୋଲି ଜାଣିଥିଲି । କନ୍ତୁ ତାଙ୍କର ବକ୍ତୃତା ଶୁଣି ମୋର ଏ ଭ୍ରମ ଭାଙ୍ଗିଗଲା । ସମସ୍ତେ ମର ପଡ଼ିଥିଲାବେଳେ କେହି କାହାକୁ ଚାହାନ୍ତି ନାହିଁ । କନ୍ତୁ ମୃତସଞ୍ଜୀବନୀ ଔଷଧ ଖାଇ ସମସ୍ତେ ଜୀବନ୍ତ ହେବାକୁ ପରସ୍ପରକୁ ଚାହିଁଲେ । ଗୋପବନ୍ଧୁ ବାବୁ ଯାହା କହିଥିଲେ, କେବଳ ବିଶ୍ୱାସରୁ ସଙ୍ଘ ଜନ୍ମ କରିବ (କରତାଳ) । ମୁଁ ମଧ୍ୟ ତାହାହିଁ କହୁଅଛି କେବଳ ବିଶ୍ୱାସ କର । ବିଶ୍ୱାସରେ ବଳୀୟାନ୍ ହୁଅ, ଜାତିୟ ଜୀବନର ଜୁଆର ଦେଶର ଗହଳିଡ଼େ ଉଠାଅ । ଭୁମ୍ବର ଅଶ୍ରାନ୍ତ ଫଳ ଆପେ ଆପେ ଆସିବ (କରତାଳ) ।

---

* ଉତ୍କଳ ସମ୍ମିଳନୀର ନବମ ଅଧିବେଶନ (୧୯୧୯) ବକ୍ତୃତା

Digitized by srujanika@gmail.com

ୟୁରୋପୀୟ ପ୍ରଥମ ମହାଯୁଦ୍ଧ *

ଜଗତରେ ଏକାନ୍ତ ଆଧିପତ୍ୟ ସ୍ଥାପନ କରିବା ଉଦ୍ଦେଶ୍ୟରେ ଜର୍ମ୍ମାନ ମାନେ ଅନେକ ବର୍ଷ ପୂର୍ବରୁ ଗୋପନୀୟ ଭାବେ ବାହୁଳ ସମରସଜ୍ଜା କରି ଆସୁଥିଲେ । ଏହି ଦୁରାକାଙ୍କ୍ଷା ଅଦ୍ୟ ପରିପକ୍ୱ ହେବାରୁ ପୃଥିବୀବ୍ୟାପୀ ମହାସମର ଉଆଣ କରିଅଛନ୍ତି ।

ଜର୍ମ୍ମାନ ଚକ୍ରବର୍ତ୍ତୀ ଜଣେ କଳଯୁଗ ରାବଣ, ତାହାଙ୍କର ବଂଶ, ପ୍ରଜା, ଧନ, ବଳର ସମୃଦ୍ଧି ପାଇଅଛି ଏବଂ ତାହାଙ୍କ ଦୁର୍ଜ୍ଜନତା ମଧ୍ୟ ବଢ଼ିଅଛି । ନିରଙ୍କୁଶ ସାମ୍ରାଜ୍ୟ କରୁ ସଭ୍ୟ ଓ ନ୍ୟାୟପରାୟଣ ଦେଶମାନଙ୍କୁ ଆପଣା ପଦତଳେ ରଖିବାକୁ ଯାଇ ଏହି ମହାସଙ୍କଟର କାରଣ ହୋଇଅଛନ୍ତି । ଅଦୂରେ ସେ ରାବଣର ଦଶାନୁଭବ କରିବେ । ପ୍ରାଚୀନକାଳରୁ ଆଜିଯାଏ ସମୟେ ସମୟେ ଏପରି ଜଣେ ଜଣେ ରାବଣ ଜନ୍ମଗ୍ରହଣ କରି ପୃଥିବୀର ଧର୍ମ, ନୀତି, ଧନ ଓ ପ୍ରାଣର ସ୍ୱାତନ୍ତ୍ର୍ୟ ଲୋପ କରିବାରେ ଚେଷ୍ଟା କରିଥାନ୍ତି । କିନ୍ତୁ ଅକୃତକାର୍ଯ୍ୟ ହୋଇ ଅବଶେଷରେ ସେମାନେ ଜଗଦ୍ ବୈରୀ ହୋଇ ନିଜ ଦୋଷରେ ନିଜେ ଜଳିଯାନ୍ତି ।

ଏହି ଇଉରୋପୀୟ ମହାସମର ଜର୍ମ୍ମାନ ଓ ବ୍ରିଟିଶ ଜାତି ମଧ୍ୟରେ ହୁଏଁ । ଏହା ବାହୁବଳ ଓ ଧର୍ମ୍ମବଳ ମଧ୍ୟରେ ତୁମୁଳ ସଂଗ୍ରାମ । ଜର୍ମ୍ମାନ ବାହୁବଳରେ ବଳୀୟାନ୍ । ବଙ୍କାନବଳରେ ଜର୍ମ୍ମାନି ଅଲୌକିକ ସାମରିକ ସଜ୍ଜା କରି ଯାଇଅଛି । ଜଗତକୁ ନିଜ ବାହୁବଳ ପ୍ରଭାବରେ କରଗତ କରିବାକୁ ବସିଅଛି । ଅନ୍ୟ ପକ୍ଷେ ବ୍ରିଟନ ଧର୍ମବଳରେ ବଳୀୟାନ, ଧର୍ମ୍ମରକ୍ଷା ସକାଶେ ପ୍ରତ୍ୟେକ ଜାତିର ସ୍ୱାଧୀନତା ଓ ସ୍ୱାତନ୍ତ୍ର୍ୟ ରକ୍ଷାସକାଶେ ବ୍ରିଟନ ଖଡ୍ଗଧରିଛି । ସଂସାର ପ୍ରାରମ୍ଭରୁ ବାହୁବଳ ଓ ଧର୍ମ ମଧ୍ୟରେ ସମର ଲାଗି ଆସୁଅଛି । ବାହୁବଳ ଧର୍ମ୍ମବଳର ପଥ ଅବରୋଧ କରି ନାନା ବାଧାବିଘ୍ନ ଘଟାଇଥାଏ । କିନ୍ତୁ ଅବଶେଷରେ ଧର୍ମ୍ମ ଜୟଲାଭ କରେ ଏବଂ ବାହୁବଳ ପରାଜିତ ହୁଏ । ଅଦ୍ୟ ଆମ୍ଭେମାନେ ଦେଖୁ ଜର୍ମ୍ମାନର ପ୍ରଭାବ ସ୍ଥାନେ ସ୍ଥାନେ ବଢ଼ିଅଛି । ଜର୍ମ୍ମାନ ସ୍ଥାନେ ସ୍ଥାନେ ଜୟଲାଭ କରିଅଛି । ଏହା ବାହୁବଳର ପ୍ରାଥମିକ ପ୍ରଭାବ— ଧର୍ମ୍ମର ଅବରୋଧ । କିନ୍ତୁ ଦେଖାଯିବ, ଅବଶେଷରେ ଜର୍ମ୍ମାନର ବଳ ନିସ୍ତେଜ ଓ ପରାଜିତ ହୋଇ ବ୍ରିଟନ ଜୟଲାଭ କରିବ ଏବଂ ସଂସାରରେ ଧର୍ମ୍ମ ସଂସ୍ଥାପିତ ହେବ, ଏଥିରେ ଅଣୁମାତ୍ର ସନ୍ଦେହ ନାହିଁ ।

---

* ଦଶମ ଅଧିବେଶନ ୧୯୧୪ ମସିହା ପାରଲାଖେମଣ୍ଡି—ପ୍ରଥମ ମହାଯୁଦ୍ଧ ବିଷୟରେ ବକ୍ତୃତା ।

Digitized by srujanika@gmail.com

ଏହି ବିଷୟ ସଙ୍କଟରେ ଆମ୍ଭମାନଙ୍କର କର୍ତ୍ତବ୍ୟ କଣ ? ଏହି ମଣ୍ଡପ ପଛ ଭାଗରେ ଦେଖ ଖଣ୍ଡା, ନଳ ଢାଲ ସଜା ହୋଇଅଛି, ମାତ୍ର ଅସ୍ତ୍ର ଧାରଣ କରିବାକୁ ଆମ୍ଭର ଅଧିକାର ନାହିଁ, ଆମ୍ଭେ ଶୂନ୍ୟହସ୍ତ, ଅତଏବ ଆମ୍ଭେମାନେ କେବଳ ସତ୍ୟାନୁଭୂତି ପ୍ରକାଶ କରିବା, ଆମ୍ଭମାନଙ୍କର ଗଭୀର ବ୍ରାଜଭକ୍ତି ପ୍ରକାଶ-କରିବା ଏବଂ ଯଥାସାଧ୍ୟ ସାହାଯ୍ୟ ପ୍ରଦାନ କରିବା । ଏହି ସମ୍ମିଳନୀ ପକ୍ଷରୁ ଯୁଦ୍ଧାହତ ସେନାଙ୍କ ଚକତ୍ସା ଲାଗି ସମ୍ମିଳନୀ ପକ୍ଷରୁ ମାସିକ ୫୦୦୍ଙ୍କା ଦେବାର ସ୍ଥିର କରିଯାଉ ।

ଉତ୍କଳମାତା ଆବାହନ *

ସଭାପତି ମହାଶୟ, ଭାଇ ଓ ଭଉଣୀମାନେ !

ମୋତେ ସଭାପତି ମହାଶୟ ମା'ଙ୍କ ଆବାହନର କାର୍ଯ୍ୟ ଦେଇଅଛନ୍ତି, ଏ ମଣ୍ଡପ ମାତୃପୂଜାର ମଣ୍ଡପ । ଅନ୍ୟାନ୍ୟ ସ୍ଥାନମାନଙ୍କରେ ଯେପରି ସମ୍ମିଳନୀ (Conference) ହୁଏ—ସେଠାରେ ମାତୃପୂଜା ହୁଏ ନାହିଁ—ସେ ସବୁ ଭାଇମାନେ ଏକତ୍ର ମିଳିତ ହୋଇ ପରସ୍ପର ମନର ଭାବ ପ୍ରକାଶ କରିବାକୁ । ଏ ଉତ୍କଳବାସୀଙ୍କ ସମ୍ମିଳନୀ (Conference) —ଜନନୀ ଜନ୍ମଭୂମିଙ୍କ ପୂଜାମଣ୍ଡପ । ପୂଜାକାର୍ଯ୍ୟ ଆରମ୍ଭ ପୂର୍ବରୁ ମାତାଙ୍କର ଆବାହନ ଆବଶ୍ୟକ । ଆବାହନ ବ୍ୟତିରେକେ ପୂଜା ଆରମ୍ଭ ହୋଇ ନ ପାରେ । ବର୍ତ୍ତମାନ ଏଠାରେ ଯେତେ ଭାଇ ଭଉଣୀ ଉପସ୍ଥିତ, ସମସ୍ତଙ୍କ ହୃଦୟରେ ଜନନୀ ଜନ୍ମଭୂମିଙ୍କ ପ୍ରତିମୂର୍ତ୍ତି ବା ପିତୁଳା ସ୍ଥାପନ କରିବା ଉଚିତ । ଭାଇମାନେ, ସମସ୍ତେ ଥରେ ତାଙ୍କ ପୁଣ୍ୟପିତୁଳା ହୃଦୟରେ ସ୍ଥାପନ କର । ଏହି କାର୍ଯ୍ୟ ପାଇଁ ମୁଁ ଆପଣମାନଙ୍କୁ ଅନୁନୟ ବିନୟ କରୁଅଛି, ମାତାଙ୍କ ନାମରେ ଆଜ୍ଞା ଦେଉଅଛି (କରତାଳି) । ଆମ୍ଭେମାନେ ସମସ୍ତେ ବର୍ତ୍ତମାନ ମାତାଙ୍କ କ୍ରୋଡ଼ରେ ବସିଅଛୁଁ । ଯଦି କେହି ଯତ୍ନରନ୍ତି ମାତାଙ୍କ—କ୍ରୋଡ଼ରେ ବସିଥିବାର ଅପରି ଅନୁଭବ କରିଯାଇ ପାରେ, ତାଙ୍କର ପିତୁଳା ହୃଦୟରେ ଅପରି ସ୍ଥାପନ କରିଯାଇ ପାରେ, ତେବେ କେବଳ ଏହି ଉପରେ ଲେଖା ହୋଇଥିବା 'ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ' ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରିବ । ଏ ବାକ୍ୟଟି ବହୁକାଳରୁ ଶୁଣା ଅଛି, କିନ୍ତୁ ତାହାର ଅର୍ଥ ବୁଝିବାକୁ ବୋଧହୁଏ କେହି ଚେଷ୍ଟା କରନ୍ତି ନାହିଁ । ଦେଖନ୍ତୁ, ପ୍ରଥମେ 'ଜନନୀ' ଦ୍ୱିତୀୟରେ

---

* ଦ୍ୱାଦଶ ଅଧିବେଶନ ୧୯୧୮ ମସିହା ମଧୁବାବୁ ମାଆ (ଉତ୍କଳମାତା) ଙ୍କର ଆବାହନ କରିବା ପାଇଁ ଯାଇ କହିଲେ ।

Digitized by srujanika@gmail.com

'ଜନ୍ମଭୂମି, ତୁଳାଯୁରେ 'ସ୍ୱର୍ଗ' । ମନୁଷ୍ୟଜନ୍ମରେ ପ୍ରତ୍ୟେକ ମନୁଷ୍ୟର ଜୀବନକୁ ଗୋଟିଏ ସ୍ରୋତ ମନେ କଲେ ଦେଖିବେ, ଏହି ସ୍ରୋତର ଆଦ୍ୟରେ-ଜନ୍ମନା, ମଧ୍ୟରେ ଜନ୍ମଭୂମି, ଶେଷରେ ସ୍ୱର୍ଗ, ପ୍ରତ୍ୟେକ ଆତ୍ମାର ଏହି ଗତି । ମନୁଷ୍ୟ ଜୀବନରେ ଆଦ୍ୟ ଜନନୀ, କାର୍ଯ୍ୟ ଜନ୍ମଭୂମି, ପୁରସ୍କାର ମୁକ୍ତି ବା ସ୍ୱର୍ଗ (କରତାଳ) । ଏଥିପାଇଁ ଜନନୀ, ଜନ୍ମଭୂମି ସ୍ୱର୍ଗଠାରୁ ଗରୀୟସୀ ।

ପ୍ରତ୍ୟେକ ମନୁଷ୍ୟର ଗୋଟିଏ ଆତ୍ମା ଅଛି ତାହା ଈଶ୍ୱରଙ୍କର ଅଂଶ । ଏହି ଆତ୍ମା ପୃଥିବୀରେ କାର୍ଯ୍ୟ କରି ଈଶ୍ୱରଙ୍କଠାରେ ମିଶିଯିବ । ଏ ଆତ୍ମା କେଉଁଠାରେ କାର୍ଯ୍ୟ କରୁଛି ? କିପରି ସ୍ୱର୍ଗଲାଭ କରୁଛି ? ଏ ଆତ୍ମା ଜନ୍ମଭୂମିରେ କାର୍ଯ୍ୟ କରେ । ଏ ପୃଥିବୀରେହିଁ ମନୁଷ୍ୟ ଦୟା, ଧର୍ମ, ପରୋପକାର କରି ସ୍ୱର୍ଗପ୍ରାପ୍ତ ହୁଏ । ମନେ କରନ୍ତୁ, ଆଜି ପୃଥିବୀ ସମୁଦ୍ରରେ ମିଶିଯିବ, ତେବେ କେଉଁଠାରେ ଠିଆ ହୋଇ ମୁକ୍ତିମାର୍ଗ—ସ୍ୱର୍ଗଲାଭର ଉପାୟ ଖୋଜିବା । ଅତଏବ କହିଁ, "ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ ।"

ଆମ୍ଭେମାନେ ସମସ୍ତେ ଜନେ ମାତୃଗର୍ଭରେ ଥିଲୁଁ, ସେତେବେଳେ ଆମ୍ଭମାନଙ୍କର ଜ୍ଞାନ ନ ଥିଲା, ଜ୍ଞାନଚକ୍ଷୁ ନ ଥିଲା ; ସେତେବେଳେ ଆମ୍ଭମାନଙ୍କର ଏପରି ଏକ ଅବସ୍ଥା ଥିଲା ଯେ ସଂସାର ସଙ୍ଗେ ଆମ୍ଭମାନଙ୍କର ସମ୍ପର୍କ କିଛି ଜାଣୁ ନ ଥିଲୁଁ । ଯେଉଁ ବାପୁ ଆମ୍ଭମାନଙ୍କର ଜୀବନ ରକ୍ଷା କରୁଅଛି, ତାହାର ପରିଚୟ ପାଇ ନ ଥିଲୁ, ଯେଉଁ ଚକ୍ଷୁରେ ସମସ୍ତ ବସ୍ତୁ ଦେଖୁଥାଇଁ, ଯେଉଁ କର୍ଣ୍ଣରେ ସମସ୍ତ ଶୁଣୁଥାଇଁ, ଏ ସବୁ ସେତେବେଳେ ଉପକାର କରି ନ ଥିଲେ । ସେ ଜୀବନ ମାତୃ-ଗର୍ଭରେ ଥିଲା । ଥରେ ପୁଣି ମନୁଷ୍ୟର ଅନ୍ତିମ-ଅବସ୍ଥା ଭାବନା କର । କେହି ପ୍ରିୟଜନର ମୃତ୍ୟୁକାଳରେ ଉପସ୍ଥିତ ଥିଲେ ଦେଖିଥିବ, କ'ଣ ହେଲା—ସେତେବେଳେ ଆଜି ଅବସ୍ଥାରେ ଯେପରିସେପରି--କାନକୁ ଶୁଭିଲା ନାହିଁ, ଚକ୍ଷୁକୁ ଦିଶିଲା ନାହିଁ, ଭିତରେ ଯେଉଁ ଈଶ୍ୱର ଅଂଶ ଅଛି, ସେହି ଅବସ୍ଥା ଉପସ୍ଥିତ ହେଲା, ସେହି ଅବସ୍ଥା ମାତୃଗର୍ଭର ଅବସ୍ଥା ସହ ସମାନ । ଯେଉଁ ଅବସ୍ଥାରେ ପ୍ରତ୍ୟେକ ଅନ୍ୟର ମୃତ୍ୟୁ ଦେଖିଅଛନ୍ତି, ସେହି ଅବସ୍ଥା ଜନେ ସମସ୍ତଙ୍କର ହେବ । ଭାବ ଦେଖି, ଯେତେବେଳେ କାନ ଶୁଣୁ ନାହିଁ, ଆଖି ଦେଖୁ ନାହିଁ—କେବଳ ମାତ୍ର ଆତ୍ମା ଜାଗ୍ରତ ରହିଅଛି—ସେ ଅବସ୍ଥା କିପରି ? ମୃତ୍ୟୁ ଉତ୍ତାରୁ ଏ ମାଟିର ଦେହ ମାଟିରେ ମିଶିଯିବ । ପ୍ରାଣବାୟୁ ବାହାରିଯିବା ପୂର୍ବରୁ ତାହା ମଧ୍ୟ ମାଟିଭୁଲା । ପ୍ରିୟଜନମାନେ ଏ ମୃତପିଣ୍ଡକୁ ମାଟିରେ ପକାଇ ଦେବେ । ଯେତେବେଳ ଯାଏ ମୃତ ବ୍ୟକ୍ତିର ମଧ୍ୟରେ ଜୀବନ ଥାଏ, ସେତେବେଳ ଯାଏ ମଧ୍ୟ ତାହାର ଦେହ ମୃତ୍ତିକା ସହିତ ସମାନ । ମୃତ୍ତିକାଠାରୁ ତାହାର ତଫାତ୍ କଣ ? ସେତେବେଳର ଦେହ, ଏତେ ଯତ୍ନରେ ଲାଳନ ପାଳନର ଏ ଶରୀର ଆଉ ମାଟିର ପ୍ରଭେଦ କଣ ?

Digitized by srujanika@gmail.com

ସେତେବେଳେ କେବଳ ଈଶ୍ୱରଙ୍କ ଅଂଶ ସେହି ଆତ୍ମା ଶରୀର ମଧ୍ୟରେ ଥାଏ । ବାହାରେ ତାହାର କୌଣସି ଚିହ୍ନ ନାହିଁ । ଆଉ ଗୋଟିଏ ପାଞ୍ଚ ଘଣ୍ଟା ପରେ ଏ ଦେହ ମାଟିରେ ମିଶିଯିବ । ସେ ସମୟର ଦେହ, ମାଟି ସମାନ । ଅର୍ଥାତ୍ ଆତ୍ମା ସେ ଶରୀର ମଧ୍ୟରେ ବା ମାଟିରେ ବସିଛି । ଅର୍ଥାତ୍ ସେହି ମାତୃଭୂମିର କୋଳରେ ପିଣ୍ଡ ଥାଉ ଥାଉ ଆତ୍ମା ବାହାର ଯିବ । ତନେ ଆତ୍ମମାନଙ୍କ ସମସ୍ତଙ୍କର ଏହି ଅବସ୍ଥା ହେବ । ସେତେବେଳେ ବୁଝିପାରିବ ତୁମେ ମାତୃକୋଳରେ ବସିଅଛ ।

ପ୍ରଥମେ ମାତା ରକ୍ତ ଦେଇଥିଲେ । ସେହି ରକ୍ତ ବୃଦ୍ଧି କରିବା ପାଇଁ ମୋ ଜନ୍ମଭୂମି ମୋତେ ଶସ୍ୟାଦି ଦେଉଅଛି । ଅତଏବ ଶରୀରର ଆଦ୍ୟ ପଦାର୍ଥ ହଏ ମାତା, ତାହାର ରକ୍ଷକ ଓ ବର୍ଦ୍ଧକ ଜନ୍ମଭୂମି । ଆମ୍ଭେମାନେ ପ୍ରଥମେ ପ୍ରସବ ହେଲା ବେଳେ ଭୂମିଷ୍ଠ ହେଲୁ ବୋଲି କହନ୍ତି ଅର୍ଥାତ୍ ଆମ୍ଭମାନଙ୍କୁ ମାତା ଜନ୍ମଭୂମି କ୍ରୋଡ଼ରେ ଅର୍ପଣ କର ସେହି ଜନ୍ମଭୂମିର ପୂଜା କରିବାକୁ ଆଦେଶ ଦିଅନ୍ତି । ଏହି କଥା ଥରେ ଅନ୍ତଃକରଣରେ ଭାବ, ଶେଷ ଅବସ୍ଥା ସ୍ମରଣ କର । ମାତା ଯେଉଁ ରକ୍ତ ଦେଇଥିଲେ, ତାହା ନାଃଶେଷ ହେଲାଣି । କେବଳ ସେ ଶରୀର ଅଛି, ତାହା ମାତୃଭୂମିର ମାଟି ସମାନ । ମାତୃଭୂମି-ଉତ୍କଳ ଦେହରେ ଆତ୍ମା ରହିଛି, ମା ଉତ୍କଳ କ୍ରୋଡ଼ରେ ଚକ୍ଷୁ ବୁଜି ଥରେ ପ୍ରାର୍ଥନା କର । ହୃଦୟରେ ଜନ୍ମଭୂମିର ପିତୁଳା ଆପେ ଜାଗ୍ରତ ହେଉ (କରତାଳି) 'ଚକ୍ଷୁ ବନ୍ଦ କର', ଦେଖିବ, ତୁମ୍ଭ ଭିତରେ ମା, ଅଛନ୍ତି ଏହି ତ ମାତୃଭୂମିଙ୍କ ପୂଜା । ଭାଇମାନେ ପୂଜା ନମନ୍ତେ ଜନନୀ ଜନ୍ମଭୂମି ଉତ୍କଳ ମାତାଙ୍କର ଆହ୍ୱାନ କର । ସମସ୍ତେ କହ, "ବନ୍ଦଇ ଜନ୍ମଭୂମି ।"

ଉତ୍କଳ ସମ୍ମିଳନୀର ଉଦ୍ଦେଶ୍ୟ *

"ସଭାପତ୍ତି ମହୋଦୟ, ଭ୍ରାତା ଓ ଭଗନୀଗଣ ! କାଲି ସଭା ଶେଷରେ ଶୁଣିଲି ଯେ, କେତେଜଣ ଭ୍ରାତା ଏ ସଭାମଣ୍ଡପରୁ ଧୂଳି ନେଇ ମୁଣ୍ଡରେ ବୋଳିଛନ୍ତି ଓ ଲୁଗାରେ ବାନ୍ଧି ଘରକୁ ନେଇଛନ୍ତି ! ସେ ପ୍ରକାର ଭ୍ରାତା ଏଏ ଭାଙ୍କର ପରିଚୟ ପାଇବା ନମନ୍ତେ ବହୁତ ଚେଷ୍ଟା କଲି, କିନ୍ତୁ ନ ପାଇବାରୁ ମୁଁ ମଧ୍ୟ ଏଥିରୁ ଧୂଳି ନେଇ ରଖିଅଛି । କାରଣ, ସେ ପ୍ରକୃତରେ ମାତାର ପରିଚୟ ପାଇଛନ୍ତି । ଏ ସଭାମଣ୍ଡପରେ ଉତ୍କଳ ଜନନୀ ତାଙ୍କୁହିଁ

---

* ୧୯୧୮ ଏପ୍ରେଲରେ କଟକରେ ଉତ୍କଳ ସମ୍ମିଳନୀ ମଣ୍ଡପରେ ଉକ୍ତୃତା ।

Digitized by srujanika@gmail.com

ଦେଖା ଦେଇଛନ୍ତି । ଯେଉଁ ଭାଇମାନେ ଢାଙ୍କର ପରିଚୟ ପାଇଛନ୍ତି, ସେ ପାଣ କ ଜଣୁଗ୍ ହେଲେ ପଧ ସେ ମୋର ଅଗ୍ରଜ ଓ ଦ୍ରଜ୍ୟ । ଢେଣୁ ଢାଙ୍କ ପଦଧୂଳି ଏ ଧୂଳରେ ନଶ୍ଚୟ ଥିବ ଭାବ ଧୂଳ ନେଇ ରଖିଛି (କରଢ ଳ) । ମାନୁଜାରେ ବାଉର କଣୁଗ୍ରର ଯେ ଅଧିକାର, ବାହ୍ମଣ, କରଣର ସେହି ଅଧିକାର, ରାଜାର ଯେ ଅଧିକାର, ପ୍ରଜାର ସେହି ଅଧିକାର (କରଢାଳ) ।

ଉତ୍କଳ ସମ୍ମିଳନୀର ଉଦ୍ଦେଶ୍ୟ, ଓଡ଼ିଆ ଜାତିକୁ ଜଠାଇବା । ଓଡ଼ିଆ ଜାତିରେ କୃଷକମାନଙ୍କ ସଂଖ୍ୟା ବେଶୀ ; ଢେଣୁ ସେମାନଙ୍କର ଉନ୍ନତି ନ ହେଲେ ଦେଶର ଆଉ କ ଉନ୍ନତି ? ସେମାନେ ଭୂମିକର୍ଷଣ କରି ଆମ୍ଭମାନଙ୍କ ଧାନ ଗହଲ ଦେଉଛନ୍ତି । ସେମାନେହିଁ ଉତ୍କଳ ମାତାଙ୍କର ପ୍ରଧାନ ସେବକ । ସେମାନଙ୍କୁ ଉତ୍କଳଜନନୀ ସ୍ତନ୍ୟପାନ କରାନ୍ତୁ । ଆମ୍ଭମାନଙ୍କ ଦେଶର ରାଜା, ଜମିଦାରଗଣ ଶରୀରର ବସ୍ତ୍ର ପର । ସମସ୍ତ ଅଙ୍ଗ ପ୍ରତ୍ୟଙ୍ଗର ଶିରା ପ୍ରଶିରାରୁ ବସ୍ତ୍ରକୁ ରକ୍ତ ଯାଏ । ବସ୍ତ୍ରରକ୍ତ ପରିଷ୍କାର କରି ଶରୀରର ନାନାସ୍ଥାନକୁ ପ୍ରେରଣ କଲେ ଅଙ୍ଗ ପ୍ରତ୍ୟଙ୍ଗ ସବଳ ସତେଜ ହୁଅନ୍ତି । ପ୍ରଜାଗଣ ଅଙ୍ଗ ପ୍ରତ୍ୟଙ୍ଗ ପର । ସେମାନଙ୍କ ଜପାର୍ଜିତ ଶକ୍ତି ରକ୍ତସ୍ୱରୂପ ଜମିଦାର ଶରୀରରେ ପ୍ରବେଶ କରୁଅଛି । ଜମିଦାର ଯଦି ସେ ସବୁ ନର୍ମଲ କରି ପ୍ରଜାମାନଙ୍କ ମଧ୍ୟରେ ସେମାନଙ୍କ ଉନ୍ନତି ସାଧନରେ ବ୍ୟୟ କରନ୍ତି, ସମାଜର ଶରୀର ସୁସ୍ଥ ଅବସ୍ଥାରେ ରହିବ । କାଲି ଗୀତ ଗାଇଲା ସମୟରେ ଶୁଣିଥିଲେ—

"ଭୂମିକମ୍ପ ହେବ ଧରଣୀ ଫାଟିବ
ଉଠିବେ ସହସ୍ରଭୁଜା ।
ସେହି ତୋର ମାତା, ସେହି ତୋର ଜାତା
କର ତାଙ୍କ ପାଦ ପୂଜା ।"

ଯଦି କେହି କାଲି ମାତାଙ୍କର ପରିଚୟ ପାଇ ନ ଥିବେ, ତେବେ ଆଜି ପାଇବେ, ତେବେ ଭୂମିକମ୍ପ ହେବ ନାହିଁ—ତୁମ୍ଭର ହୃତ୍କମ୍ପ ହେବ ।

[ଏଠାରେ ସଧ୍ୟବାବୁ ଗୋଟାଏ ଚାର୍ଟ ଦେଖାଇଥିଲେ । ତହିର ଉପର ଭାଗରେ ସରକାର ପରେ ଜମିଦାର, କଛ ନମ୍ବରେ ମହାଜନ ଓ ତାହା ନମ୍ବରେ କୃଷକ ଭୂମି ଖୋଳୁଥିବାର ଚତ୍ରିତ ଥିଲା । ସଂପ୍ରତି ଦେଶରୁ ଗର୍ବ ପାଟି ଖୋଳୁଅଛି । ଭଗୀରଥ ତପସ୍ୟା କରି ଯେପରି ଗଙ୍ଗାଙ୍କୁ ଆଣିଥିଲେ ଏ ସେହିପରି ପରିଶ୍ରମ କରି ନର୍ଦ୍ଦର କୁହାଉଛି । ସେ ନର୍ଦ୍ଦରରେ ଧନ ବହୁଛି । ସେହି ସ୍ରୋତ ମହାଜନ ବାକ୍ସରେ ପ୍ରବେଶ କରୁଛି । ମହାଜନ ବାକ୍ସରୁ ସ୍ରୋତ ଟଙ୍କା ରୂପେ ବାହାର ଜମିଦାର ବାକ୍ସରେ ପଡ଼େ । ସେ ବାକ୍ସରୁ ସ୍ରୋତ ନୋଟ ରୂପେ ବାହାର ରାଜକୋଷରେ ପହଞ୍ଚେ । କନ୍ତୁ ସେଥିରୁ ତାହା ଆଉ ଫେରେ ନାହିଁ । ଭଗୀରଥ ଗଙ୍ଗା ଆଣିଲା ବେଳେ ନାନା

Digitized by srujanika@gmail.com

ଦ୍ୱାଇଗ୍ରାଣରେ ପଡ଼ିଥିଲେ । ଶିବଙ୍କ ଜଟାରେ, ବ୍ରହ୍ମାଙ୍କ କମଣ୍ଡଲୁରେ ଗଙ୍ଗା ଲୁଚିଥିଲେ । ସେ କଷ୍ଟ ସହ୍ୟ କରି ପରିଶ୍ରମ କରିଥିଲେ । ତାଙ୍କ ବଂଶ ଉଦ୍ଧାରରେ। ଗଙ୍ଗା ଲାଗି ଥିଲେ ଦୋଲି ସିନା ତାଙ୍କ ପରିଶ୍ରମ ସାର୍ଥକ ହୋଇଥିଲା । କନ୍ତୁ ଏ ସ୍ପେଚ୍ଚ ମାଝିଖୋଲାର ବଂଶ ଉଦ୍ଧାରରେ ତ ବିନଯୋଗ ହେଲା ନାହିଁ । ଏହାର ବଂଶ ନାଶ ହେଲା—]

(ବର୍ତ୍ତମାନ ସେ ଆଉ ଗୋଟିଏ ବିନପଟ ଦେଖାଇଥିଲେ । ତାହାର ଉର୍ଦ୍ଧ୍ୱଭାଗରେ ଜଣେ ଗୁରୁଗୋଟି ମସ୍ତକ ବିଶିଷ୍ଟ, ତଳେ ଛଅ ଗୋଟି ମସ୍ତକ ବିଶିଷ୍ଟ, ଆଉ ଜଣେ ଗ୍ରେଟ୍-କଟାଯିଁଡ ନୟନରେ ମୁଦ୍‌ଗରହସ୍ତ ହୋଇ ଦଣ୍ଡାୟମାନ । ସବଡଲେ ୨୫ ମୁଣ୍ଡ ବିଶିଷ୍ଟ ଛବ)

ଭାଇମାନେ, ଏହି ବିନରେ ପ୍ରଥମ ଛବ ଗୁରୁମୁଣ୍ଡ ବିଶିଷ୍ଟ, ସେଇଟି ସରକାର। ସେ ଗୁରୁ ଟଙ୍କା ସୁଧରେ ଋଣ ଗ୍ରହଣ କରନ୍ତି । ପରେ ଜମିଦାର ଛଅ ମୁଣ୍ଡ, ଛ ଟଙ୍କା ସୁଧରେ ଟଙ୍କା ପାଏ । ସବଡଲେ କୃଷକ ୨୫ ମୁଣ୍ଡ, ୨୫ ଟଙ୍କା ସୁଧ ଦିଏ । ସରକାର ଦେବେ ୪ ଟଙ୍କା, ଜମିଦାର ଦେବେ ୬ ଟଙ୍କା, ଆଉ ଯେ ଧନ ଧାନ ଉତ୍ପନ୍ନ କଲା. ସେ ଦେବ ଟ୨୫୍ । ଜାଉର କୃଷକ ସଂଖ୍ୟା ବେଶି । ଜାତ ଉଠାଇବାକୁ ହେଲେ ଏହାକୁ ଏହି ୨୫ ଟଙ୍କା ସୁଧରୁ ରକ୍ଷା କରିବାକୁ ହେବ ।

ଆମ୍ଭମାନଙ୍କର ପୂଟପୁରୁଷମାନେ ଆମ୍ଭମାନଙ୍କର ପରିତ୍ରାଣ ନମନ୍ତେ ଶିବ ମନ୍ଦିର, ବିଷ୍ଣୁ ମନ୍ଦିର ଇତ୍ୟାଦି ଅନେକ ମନ୍ଦିର ନର୍ମାଣ କରିଅଛନ୍ତି । କନ୍ତୁ କେଉଁଠାରେ ହେଲେ ଲକ୍ଷ୍ମୀପୂଜା ମନ୍ଦିର ଆପଣମାନେ ଦେଖିଛନ୍ତି କ ? ଲକ୍ଷ୍ମୀମନ୍ଦିର ନାହିଁ । ଅବଶ୍ୟ ପ୍ରତ୍ୟେକଙ୍କ ଘରେ ଗୁରୁବାର ପୂଜା ଖଣ୍ଟୁଲି ମାଣ ଅଛି । ସେଥା ପ୍ରତ୍ୟେକଙ୍କ ସ୍ୱତନ୍ତ୍ର ପୂଜାର ବିଷୟ । କନ୍ତୁ ଜାତିର ମାଣ, ଗୁରୁବାର ଖଣ୍ଟୁଲି ନାହିଁ । ଲକ୍ଷ୍ମୀପୂଜା ନ କଲେ ଉନ୍ନତି ହେବ ନାହିଁ । ଜାତିର ଲକ୍ଷ୍ମୀମନ୍ଦିର ନ ହେଲେ ଜାତି ଉଠିବ ନାହିଁ । ତେଣୁ ଗୋଟିଏ ଜାତୀୟ ଲକ୍ଷ୍ମୀମନ୍ଦିର ଦରକାର ।

ଆଠଗଡ଼ର ରାଜା ସଦ୍ଦେବ ଗୋଟିଏ ପତ୍ର ଲେଖିଛନ୍ତି । ତାହା ପଢ଼ିବା ଉଚିତ । ଆପଣମାନେ ଅଲ୍ପ ଶୁଣନ୍ତୁ । (ଏଠାରେ ସେ ଆଠଗଡ଼ ରାଜାଙ୍କ ପତ୍ରଟି ପାଠ କରିଥିଲେ ।) ଦେଶର ବର୍ତ୍ତମାନ ଅବସ୍ଥା ଓ ବସ୍ତ୍ରର ଦୁର୍ମୂଲ୍ୟତା ଦୃଷ୍ଟିରେ ଗୋଟିଏ ବସ୍ତ୍ରବୟନ କାରଖାନା ପ୍ରତିଷ୍ଠିତ ହେବା ଦରକାର ଏବଂ ତାହା ପ୍ରତିଷ୍ଠିତ ହେଲେ ସେ ନଜେ ଏକଶତ ଅଂଶ (ଦଶ ସହସ୍ର ଟଙ୍କା) କିଣିବେ ବୋଲି ଲେଖିଥିଲେ । ଅନ୍ୟ ଜଣେ ମଧ୍ୟ ଏ କାରଖାନା କରିବା ନମନ୍ତେ ପତ୍ର ଦେଇଛନ୍ତି ।

Digitized by srujanika@gmail.com

ଭାଇମାନେ, ଇଂରେଜ ଖୁବ ଅଗ୍ରସର ଜାତି । ଆମ୍ଭେମାନେ ଇତିହାସରୁ ପଢ଼ିଛୁ ଆର୍ଯ୍ୟ ଜାତି ଗ୍ରୀକ ଓ ରୋମ ଜାତି ଖୁବ ଅଗ୍ରସର ଥିଲେ । ବର୍ତ୍ତମାନ ସେମାନେ କାହାନ୍ତି ? ଏହାର କାରଣ, ତାଙ୍କର ଭୁଲ ଥିବାରୁ ଅଧିକ ଦିନ ଟିକି ପାରିଲେ ନାହିଁ । ମୁଁ ପିଲା ଦିନେ ସ୍କୁଲରେ ପଢ଼ିଥିଲାବେଳେ ବୁଝିଛି, ଅବଶ୍ୟ ଅନ୍ଧାର ରାତିରେ ଯେ ଆଗରେ ଚାଲେ ସେ କାନ୍ଦୁଅରେ ଖସଡ଼ାରେ ଯାଇ ପଡ଼େ, ଅନ୍ୟମାନେ ସେ ଭୁଲ ଦେଖି ସତର୍କ ହୋଇଯାନ୍ତି । ଆମ ଓଡ଼ିଆ ଜାତି ସବୁ ପଶ୍ଚାତ୍‌ପଦ । ଏହାର ଗୋଟିଏ ଭଲ ଫଳ ଦେଖୁଛି, —ପଛରେ ଥିବାରୁ ଆମେ ଅନ୍ୟ ଜାତିମାନଙ୍କର ଭୁଲ ଦେଖୁଛେଁ, ଆମେ ଏହା ଫଳରେ ଆଉ ଭଲ କରିବା ନାହିଁ । ଇଂରେଜମାନେ ଏଠାରୁ ଲକ୍ଷ ଲକ୍ଷ ଟଙ୍କାର ଷ୍ଟୋର କିଣି ନେଇ କଳ କାରଖାନା ବସାଇ ଅଛନ୍ତି । ଯୁଦ୍ଧଯୋଗୁଁ ବସ୍ତ୍ରର ଦୁର୍ମୂଲ୍ୟତା ହେବାର ଗୋଟିଏ ପ୍ରଧାନ କାରଣ ଯେ ଇଂରେଜମାନଙ୍କର କପା ନାହିଁ; ତେଣୁ ବସ୍ତ୍ର କାରଖାନା ଖୋଲିବାକୁ ହେଲେ ଆଗେ କପା ଚାଷ କର ।

ଆମ ଦେଶରେ ଧନ କମ ଅଛି ବୋଲି ଲୋକେ କହନ୍ତି ଓଡ଼ିଶା ଗରିବ । ମୁଁ କହେ କଦାଚ ନୁହେଁ । ବର୍ତ୍ତମାନ କଲିକତା, ନାଗପୁର ଇତ୍ୟାଦି ସ୍ଥାନର କଳ କାରଖାନାମାନଙ୍କ ମଧ୍ୟରେ ଲକ୍ଷ ଲକ୍ଷ ଓଡ଼ିଆ କାମ କରୁ-ଅଛନ୍ତି । ଏହାର ଅର୍ଥ—ଓଡ଼ିଆର ହାତର ମୂଲ୍ୟ ଅଛି । ସେଠାରେ ଯେ ଦୈନିକ ଟଙ୍କାଏ ଆଦାୟ କରିବ, ଏଠାକୁ ଆସିଲେ ଦଶ ପଇସା ମାଗି ପାଇବ । ଆମେ କ'ଣ ତାଙ୍କୁ କାର୍ଯ୍ୟ ଦେଇ ପାରିବା ?

ସୁନା କାରଖାନା କଲେ ସେମାନେ ଆସିବେ । ଯେଉଁ ହାତରେ କୋଣାର୍କ, ଭୁବନେଶ୍ୱର ମନ୍ଦିରମାନ ତୟାର ହୋଇଅଛି, ସେହି ହାତର ଲାଭ ବିଦେଶୀମାନେ ଖାଇ ଯାଉଅଛନ୍ତି । ଧିକ୍ ଆମ୍ଭମାନଙ୍କୁ ।

ଓଡ଼ିଆର ସମ୍ପାଦକ ଯେ ସେ ହେଉ, ଥରେ ଉତ୍କଳୀୟଙ୍କ ସ୍ୱାର୍ଥ ତ୍ୟାଗ କମନ୍ତେ ଧନ ଦାନ ଓ ସ୍ୱେଚ୍ଛାସେବା କରିବା ପାଇଁ ଲେଖିଥିଲେ । ନମ୍ନଲିଖିତ ବ୍ୟକ୍ତିଗଣ ସେଥିପ୍ରତି ଉତ୍ସୁକ ହୋଇ ଅଛନ୍ତି । ସେମାନଙ୍କ ନାମ ମୁଁ ପଢ଼ିଅଛି ।

୧ । ରାଜକିଶୋର ମହାନ୍ତି ।

୨ । ବଳିଆନନ୍ଦ ପଟ୍ଟନାୟକ (ଏମ୍ଏ.ବି.ଏଲ୍ ଛଡ଼ ଉପରୋକ୍ତ ଦୁଇଜଣ ଗ୍ରାଜୁଏଟଙ୍କ ଠାରେ ବିନା ବେତନରେ ଯେ କୌଣସି କାର୍ଯ୍ୟ କରିବେ) ।

୩ । ଲକ୍ଷ୍ମଣ ସାହୁ (ବିନା ବେତନରେ)

୪ । ଶ୍ରୀବତ୍ସ ପଣ୍ଡା (୫ ଟଙ୍କା ଦାନ)

Digitized by srujanika@gmail.com

୫ । ଶ୍ରୀମତୀ ରେବା ଦେବୀ (ବିନା ବେତନରେ କାର୍ଯ୍ୟ ଓ ୧୦ ଟଙ୍କା ଦାନ)

୬ । ବାରିଷ୍ଟର ମିଶ୍ର (ଆଦାୟର କୋଡ଼ିଏ ଭାଗରୁ ଦୁଇଗେ ଦାନ) ଇତ୍ୟାଦି ଇତ୍ୟାଦି ।

(ଏ ସମ୍ବନ୍ଧରେ କଣ୍ଟ କାହା ଅନୁପସ୍ଥିତ ବ୍ୟକ୍ତିଙ୍କ ପକ୍ଷାଦ୍ ପାଠ ପରେ ଆସନ ଗ୍ରହଣ କରିଥିଲେ ।)

ଗୌରୀଶଙ୍କର

ଏହି ପ୍ରସଙ୍ଗରେ ମଧୁବାବୁ କହିଲେ ବୋଧହୁଏ ଆପଣମାନେ ସମସ୍ତେ ଗୌରୀଶଙ୍କରଙ୍କ ନାମ ଶୁଣିଅଛନ୍ତି । ଯେଉଁଠାରେ ଲୋକେ ଓଡ଼ିଆ ଭାଷା କହନ୍ତି କିମ୍ବା ଓଡ଼ିଆ ପୁସ୍ତକ ପାଠ କରନ୍ତି, ସେଠାରେ ଗୌରୀଙ୍କରଙ୍କ ନାମ ଜଣା ଅଛି । ରାୟବାହାଦୁର ଉପାଧି ସେ ପାଇଥିଲେ । ମୁଁ କନ୍ତୁ ରାୟବାହାଦୁର ଗୌରୀଶଙ୍କର, ବାବୁ ଗୌରୀଶଙ୍କର ଇତ୍ୟାଦି କଥା କହିବାକୁ ଇଚ୍ଛା କରେ ନାହିଁ । ମନୁଷ୍ୟର ଆତ୍ମା ଯେତେବେଳେ ତାହାର ମୃଣ୍ମୟ ପିଣ୍ଡରେ ପ୍ରବେଶ କରେ, ସେତେବେଳେ କଣ କରେ ? ସେହି ସର୍ବଶକ୍ତିମାନ୍ ଈଶ୍ୱରଙ୍କ ଅନନ୍ତ ଆତ୍ମାର ଅଂଶ ପ୍ରବେଶ କରେ । ସେହି ମୃଣ୍ମୟ ପିଣ୍ଡର ନାମ ରାୟ ବାହାଦୁର, ବାବୁ, ମିଷ୍ଟର ଇତ୍ୟାଦି ହୁଏ । କନ୍ତୁ ଆତ୍ମା ଯେତେବେଳେ ପ୍ରବେଶ କରେ କିମ୍ବା ମୃଣ୍ମୟପିଣ୍ଡ ଛାଡ଼ି ଯଏ, ସେତେବେଳେ ରାୟ ବାହାଦୁର, ବାବୁ ଇତ୍ୟାଦି ଉପାଧି ସବୁ ଭୁଚ୍ଛ କରି ପିଣ୍ଡ ସହିତ ପକାଇ ଦେଇ ଯାଏ । ଗୌରୀଶଙ୍କରଙ୍କ ଆତ୍ମା ସ୍ୱର୍ଗରେ ଅଛି । ବର୍ତ୍ତମାନ ତାଙ୍କ ଆତ୍ମାକୁ ମୁଁ ଆହ୍ୱାନ କରୁଅଛି । ତାଙ୍କୁ ରାୟବାହାଦୁର ଇତ୍ୟାଦି ସମ୍ବୋଧନରେ ଆହ୍ୱାନ କଲେ ସେହି ଆତ୍ମା ସେ ସବୁ ଭୁଚ୍ଛ ଜ୍ଞାନ କରିବ ନାହିଁ ।

ମନୁଷ୍ୟ ଉଭୟ ଚକ୍ଷୁଦ୍ୱାର ଆଗକୁ ଅନାଏ । ପଶ୍ଚାତ୍ ଭିତରେ ତାର ରହୁ ନାହିଁ । ଏହି ହେତୁ ପଶ୍ଚାତ୍ତରେ ଯାହା ହୋଇଗଲା ସେ ତାହା ଦେଖି ନାହିଁ । ଗୋଟିଏ ଜାତି ପକ୍ଷରେ ମଧ୍ୟ ତଦ୍ରୂପ । ଯେତେବେଳେ ଗୋଟିଏ ଜାତି ଅଗ୍ରସର ତାହାର ସାଧାରଣତଃ ଆଗକୁ ବା ଭବିଷ୍ୟତ୍ ପ୍ରତି

---

* ଉତ୍କଳ ସମ୍ମିଳନୀ ୧୩ଶ ଅଧିବେଶନ ୧୯୧୯ । ରାୟ ବାହାଦୁର ଗୌରୀଶଙ୍କର ରାୟଙ୍କ ପରଲୋକ ଗମନରେ ଶୋକ ପ୍ରକାଶ ।

Digitized by srujanika@gmail.com

ଦୃଷ୍ଟି ପଡ଼େ । ପଶ୍ଚାଦ୍ ଭାଗରେ ଗତ ଜୀବନରେ ବା ଅଜ୍ଞାତ ଇତିହାସରେ ତାହାର ଅବସ୍ଥା କିପରି ଥିଲା, ସେ ଦେଖିବାକୁ ଇଚ୍ଛା କରେ ନାହିଁ । ଶିଶୁ ସମ୍ମୁଖରେ ଅନେକ ଆଶା ଦେଖେ । ପଶ୍ଚାତରେ ଅର୍ଥାତ୍ ପୂର୍ବରେ ତାହାର ପିତା ମାତା କିପରି ଅବସ୍ଥାରେ ଥିଲେ, କେତେ ଦୁଃଖ କଷ୍ଟରେ ତାହାର ଲାଳନ ପାଳନ କରିଥିଲେ, ଏବେ ସେ ସବୁ ସେ ଭାବେ ନାହିଁ । କିନ୍ତୁ ଯେତେବେଳେ-ଯାଏ ଆମ୍ଭେମାନେ ଆମ୍ଭ ପିତା ମାତା ପୂର୍ବରେ କିପରି ଭାବରେ ଜୀବନ ଯାପନ କରିଥିଲେ ଏ ସମ୍ବନ୍ଧେ ନ ଭାବୁଁ, ସେମାନଙ୍କ କାର୍ଯ୍ୟଦ୍ୱାରା ସମାଜର, ଜାତିର କି ଉପକାର ହୋଇ ପାରେ ଜାଣି ପାରୁ ନାହୁଁ । ଗୌରୀଶଙ୍କର ଉତ୍କଳରେ ପ୍ରଥମେ ସମ୍ବାଦପତ୍ର ପ୍ରକାଶ କଲେ । 'ଉତ୍କଳ ଦୀପିକା' ଉତ୍କଳର ଦୀପଶିଖା । ଏକ ସମୟରେ ମନୁଷ୍ୟ ଜାତି ଅସଭ୍ୟାବସ୍ଥାରେ ଥିଲା । ସୃଷ୍ଟିର ପ୍ରଥମ ଦିନ ଯେତେବେଳେ ସୂର୍ଯ୍ୟ ଅସ୍ତ ହେଲେ, ଅନ୍ଧକାର ପୃଥିବୀରେ ଘୋଟିଗଲା, ମନୁଷ୍ୟ ସେତେବେଳେ ଆତ୍ମରକ୍ଷା ପାଇଁ ବ୍ୟାକୁଳ ହେଲା । ସୂର୍ଯ୍ୟ ପୁନରପି ଉଦୟ ନ ହେଲେ ସେ କଣ କରିବ ବୋଲି ବ୍ୟାକୁଳ ହେଲା, ସେତେବେଳେ ମନୁଷ୍ୟ ନୈଶ କାର୍ଯ୍ୟରେ ଜାତିକୁ ସହାୟ ହେବାକୁ ଦୀପର ସୃଷ୍ଟି କଲା । ସେତେବେଳେ ସୋରିଷରୁ ତେଲ ବାହାର କରି, କପାରେ ଦୁଇଖଣ୍ଡ ସଳଡା କାଷ୍ଠ ସଙ୍ଘର୍ଷଣରେ ଅଗ୍ନି ଉତ୍ପାଦନ କରିବାକୁ ତାକୁ କେତେ କଷ୍ଟ ସହ୍ୟ କରିବାକୁ ପଡ଼ିଥିଲା । ବର୍ତ୍ତମାନ ଦୀପ ଜାଳିବା ଅତି ସହଜ । କିନ୍ତୁ ପ୍ରଥମରେ ଯାହାର ମସ୍ତିଷ୍କ ଦୀପ ଆବିଷ୍କାରରେ ନିୟୋଜିତ ହେଲା, ତାହାର କେତେ ଚେଷ୍ଟାର ଫଳ ଏହା ! ତେଣୁ ମାନବଜାତି ତାହାଠାରେ କୃତଜ୍ଞ ରହିବାକୁ ବାଧ୍ୟ ।

ଯେତେବେଳେ ମନୁଷ୍ୟ ଶିଶୁ ଅବସ୍ଥାରେ ଥିଲା, ଆତ୍ମରକ୍ଷା କରିବାର ଶକ୍ତି ତା'ର ନ ଥିଲା, ମାତା ତାହାକୁ ରକ୍ଷାକରିଥିଲେ । ଆମ୍ଭମାନଙ୍କର ଆତ୍ମ-ରକ୍ଷାର ଶକ୍ତି ନ ଥିବା ସମୟରେ, ମାତା ଆମ୍ଭମାନଙ୍କୁ ରକ୍ଷା କରିଥିଲେ । ଏହା ସମସ୍ତେ ଯଦି ଭାବିଥାନ୍ତେ, ଆଜି ଆଉ ଏଠାରେ ମାତୃପୂଜା ନମନ୍ତେ ପ୍ରସ୍ତୁତ କରିବାକୁ ଦୁଅନ୍ତା ନାହିଁ । ଗୌରୀଶଙ୍କର ପ୍ରଥମେ ଉତ୍କଳରେ କଣ କରିଥିଲେ କେହି ଭାବନ୍ତି ନାହିଁ ।

ମୁଁ ଓଡ଼ିଆମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ପାପୀ । ଉତ୍କଳ ମାତାଙ୍କର ନିକୃଷ୍ଟ ସନ୍ତାନ । ତାହାର କାରଣ ବୋଧହୁଏ ଯେ ମୁଁ ଓଡ଼ିଶାରେ ପ୍ରଥମେ ଏମ୍. ଏ. । ମୁଁ ପ୍ରଥମେ ଇଂରାଜ ଟିପି ଯେତେ ନିକୃଷ୍ଟରୂପ ହୋଇଛି, ସେଥିରୁ ମୁଁ ଉତ୍ତମ ରୂପେ ତାହା ବୁଝିପାରୁଛି । ପ୍ରଥମେ ବାଲ୍ୟାବସ୍ଥାରେ ମନୁଷ୍ୟ ଯେପରି ଅବସ୍ଥା ଭୋଗ କରେ, ତାହା ମୁଁ ବର୍ତ୍ତମାନ ଅନୁଭବ କରୁଛି । ଆଉ କେଏ କରୁଥିବ କି ନାହିଁ ସନ୍ଦେହ । ବର୍ତ୍ତମାନର ସ୍ୱାଧୀନତା ପ୍ରଚାର ସତ୍ତ୍ୱେ ଏ ବଂଶ

Digitized by srujanika@gmail.com

ଶତାବ୍ଦୀର ସଭ୍ୟତା ଯୁଗରେ କୌଣସି ସାଧାରଣ କାର୍ଯ୍ୟ କଲେ ସରକାର, ପୋଲିସ ଯେପରି ବାଘ ପରି ଗିଳି ଦେବାକୁ ବସୁଅଛନ୍ତି, ୫୦ ବର୍ଷ ତଳେ ସେମାନେ କ୍ରପରି ଦୋଇ ନ ଥିବେ, ଭାବନ୍ତୁ । ସେତେବେଳେ ଗୌରୀଶଙ୍କର କାର୍ଯ୍ୟକ୍ଷେତ୍ରରେ ବାଘ ପରି ଛଡ଼ା ଦୋଇଥିଲେ । (କରତାଳି)

ଡାକ୍ତରୀରେ ମୁଁ ଗୁରୁ ପାଞ୍ଚଦନ ଶିକ୍ଷା କରିଅଛି । ସମୟେ ସମୟରେ କୌଣସି କାର୍ଯ୍ୟରେ ଡାକ୍ତର ସହିତ ପରାମର୍ଶ କରେ । ମୁଁ ଯାହା ଠାରୁ ଗୋଟିଏ କଥା ଶିଖିଅଛି, ତାକୁ ଗୁରୁଜ୍ଞାନ କରୁଛି । ପିଲାକାଳେ ଅବଧାନଙ୍କଠାରେ ୧୦।୧୨ ଦିନ ପଢ଼ିଥିଲି । ସେଥିପାଇଁ ତାଙ୍କୁ ମୁଁ ୩୫ ବର୍ଷ ଜମନ୍ତେ ପେନ୍‌ସନ ଦେଇଥିଲି । ମୁଁ ଗୌରୀଶଙ୍କରଙ୍କ ଠାରେ ସ୍ଥୂଳ ଋଣରେ ଋଣୀ । ତାଙ୍କର ଯେଉଁ କର୍ତ୍ତବ୍ୟ ଜ୍ଞାନ ଥିଲା, ତାହାବଳରେ ସେ ସଦ୍ଦଳ ନର୍ଭୀକଭାବରେ କାର୍ଯ୍ୟ କରିଥିଲେ । ସେ ଯେତେବେଳେ ୩୦ ଟଙ୍କା ବେତନରେ ଥିଲେ, ସେତେବେଳେ କଲେକ୍ଟରଙ୍କୁ ମାନ ନ ଥିଲେ ।

କଂଗ୍ରେସକୁ ଓଡ଼ିଶାରୁ ପ୍ରତିନିଧିରୂପେ ଯେତେବେଳେ ମୁଁ ଓ ଗୌରୀଶଙ୍କର ଯିବାକୁ ସ୍ଥିର କଲୁ, ସେତେବେଳେ ସରକାରୀ ଆଦେଶ ପ୍ରଚାର ହେଲା ଯେ ସରକାରୀ କର୍ମଚାରୀମାନେ କଂଗ୍ରେସକୁ ଯିବେ ନାହିଁ । ମୁଁ ଯେତେବେଳେ ପଚାରିଥିଲି "ମାଷ୍ଟର ମହାଶୟ । ଆପଣ କ'ଣ କରିବାକୁ ସ୍ଥିର କରିଛନ୍ତି ?" ସେ କହିଥିଲେ—କଣ କରିବ ? ଚାକରୀ ପଛେ ଯାଉ ଦେଶ ସକାଶେ ମୁଁ ଅବଶ୍ୟ କଂଗ୍ରେସକୁ ଯିବି ।" (କରତାଳି) ଆଜି କେତେଜଣ ଓଡ଼ିଆ କର୍ମଚାରୀ ଦେଶ ସକାଶେ ସରକାରୀ ଚାକରୀ ପରିତ୍ୟାଗ କରିବାକୁ ଅଗ୍ରସର ହେବେ ? ଚାରିଦନ ସକାଶେ ହେଉ ମୁଁ ଗୌରୀଶଙ୍କରଙ୍କର ଚରଣତଳେ ଶିକ୍ଷା କରିଛି । ମୁଁ ଈଶ୍ୱରଙ୍କୁ ପ୍ରାର୍ଥନା କରେ, ସେ ମୋତେ ଆଶୀର୍ବାଦ କରନ୍ତୁ, ଯେପରି ମୁଁ ତାଙ୍କପରି ନର୍ଭୀକଭାବରେ କର୍ତ୍ତବ୍ୟ ସମ୍ପାଦନ କରିବି । [କରତାଳି]

ତାଙ୍କ ଅନୁରୋଧରେ ଯେଉଁ କଥା ହୋଇଅଛି ତାହା ସ୍ମରଣ ରଖିବା ନମନ୍ତେ ତାଙ୍କର ପ୍ରତିମା ସ୍ଥାପନ ବା ଅନ୍ୟ କିଛି ବନ୍ଦୋବସ୍ତ କରିବା ନମନ୍ତେ ଅନେକେ କହନ୍ତି । କନ୍ତୁ ଏହା ନିତାନ୍ତ ଭ୍ରମ । ଏହିସବୁ ଦ୍ୱାରା କଣ ସ୍ମୃତିରକ୍ଷା ହୋଇପାରେ ? ଫଟୋଟାଏ ରଖି ସ୍ମୃତିରକ୍ଷା କରିବାକୁ କେହି କେହି କହନ୍ତି । ତାଙ୍କର ୧୪ ବର୍ଷ ବୟସର ଗୋଟିଏ ଫଟୋ ଅଛି । ଆଉ ଗୋଟିଏ ୭୦ ବର୍ଷ ବୟସର । କେଉଁଟି ରଖିବ ? ଏସବୁ କେବଳ ମୂର୍ଖତା, କେହି କେହି କହନ୍ତି ତାଙ୍କର ଗୋଟିଏ ସ୍ମୃତିସ୍ତମ୍ଭ ନର୍ମାଣ କରିଦଅ—ନାମ ରହିଯିବ । କଲିକତାରେ Hachington street ନାମରେ ଗୋଟିଏ ସାହ ଅଛି । କନ୍ତୁ ଯାଇ ପଚାର

Digitized by srujanika@gmail.com

କେଉଁ ଦେଶ କିମ୍ବା ଜନଙ୍କ ନାମରେ ଏହାର ନାମ ଦିଆଯାଇଥିଲେ, କେହି କହି ପାରିବେ ନାହିଁ । ସୃଷ୍ଟି ରହିଲା ଆଉ କପଟ ? ସେତ ଦୂରର କଥା । ଆମର ଏ ଯେଉଁ ଜଗନ୍ନାଥ ଦେଉଳ ଅଛି ତାର ନର୍ମାତା ସମ୍ବନ୍ଧରେ କଏ କହୁଛି ଅମୁକ ଲୋକ, ଅନ୍ୟ ଜଣେ କହୁଛି ଅମୁକ ଲୋକ । ଏସବୁ ପ୍ରକୃତ ସୃଷ୍ଟିରକ୍ଷା କରି ପାରିବ ନାହିଁ ।

ମୋର ଶିକ୍ଷାଗୁରୁ ଯଦି ଅନ୍ୟ ଜଣକର ଆତ୍ମାମାନଙ୍କ ଆତ୍ମାଉପରେ କଣ୍ଟ୍ରୋଲ ରଖି ପରେ, ତେବେ ତାଙ୍କର ସୃଷ୍ଟି ଅସୁସ୍ଥ ବୋଲି ଜ୍ଞାନ କରିବାକୁ ହେବ । ତାହା କ ଣ୍ଟ୍ରୋଲ ରଖିପାରେ ? ଓଡ଼ିଶାର କାର୍ଯ୍ୟକ୍ଷେତ୍ରରେ ତାଙ୍କର ଆତ୍ମା ଯେପରି ବକଶିତ ହୋଇଥିଲା, ସେହି ଆତ୍ମାର କାର୍ଯ୍ୟଶୀଳତା ଯଦି କୌଣସି ପ୍ରକାର କମ୍ପାଇ ପାରେ, ତେବେ ତାଙ୍କର ସୃଷ୍ଟି ରହିବ । ଏହିପରି ଆତ୍ମା ଉପରେ ଉପଦ୍ରବର ଉପାୟ କରିଥିବା ଉଚିତ । (କରତାଳି) ।

———

ଶ୍ରୀ ନବକଶୋର ଦାସଙ୍କ
ଅନ୍ୟାନ୍ୟ କେତେକ ବହି

୧ ।	ଉଜ୍ଜ୍ୱଳ-ଗୌରବ ମଧୁସୂଦନ	ପାଞ୍ଚଟଙ୍କା, ଛଅଟଙ୍କା।
୨ ।	ମୁକୁଳ (କବିତା)	ବାରଅଣା
୩ ।	ମଞ୍ଜୁଶ୍ରୀ (କବିତା)	ଆଠଅଣା
୪ ।	ବସନ୍ତ ଓ ପ୍ରେମ (କବିତା)	ଗୃଧ୍ରଅଣା
୫ ।	କୁଡୁକ ବଇଁଶୀ (ନାଟିକା)	ଆଠଅଣା
୬ ।	ଆମ୍ବାର ଝଡ଼ (ଉପନ୍ୟାସ)	ଏକଟଙ୍କା
୭ ।	ବଶ୍ୱବାଣୀ (ପ୍ରବନ୍ଧ)	ଦୁଇଟଙ୍କା
୮ ।	ଅମୃତ ସନ୍ତାନ (ଜୀବନୀ-ସମାଲୋଚନା)	ଦେଢ଼ଟଙ୍କା
୯ ।	Neoism	ଗୃଧ୍ରଅଣା
୧୦	Role of Culture in democratic State	ଆଠଅଣା

ପ୍ରାପ୍ତିସ୍ଥାନ—କଟକର ବଡ଼ ବଡ଼ ବହି ଦୋକାନ

Digitized by srujanika@gmail.com

ମଧୁବାବୁଙ୍କ
ଓଡ଼ିଆ ବକ୍ତୃତା ଓ ଗୀତ

ସମ୍ପାଦକ—ଶ୍ରୀ ନବକିଶୋର ଦାସ

କଳାବିଜ୍ଞାନ ପରିଷଦ

କଟକ

ନୂତନ ସଂସ୍କରଣ—୧୯୫୮
(୧୦୦୦)

ମୂଲ୍ୟ ୫ ୧୯ଙ୍କା

ଲୋକଶାସନ କଣ ? ୫ ୧୯ ଙ୍କା

Book Printed at M. S. Utkal University Press
by B. Misra
and cover Printed at Sri Satyanarayan Press,
Cuttack—2

Digitized by srujanika@gmail.com